

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-80 ◆SATURDAY ◆13 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୦ ◆ଶନିବାର ◆୧୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଏଥର ମହଙ୍ଗା ପାର୍ବଣ



## ଟ୍ରମ୍ପ ଟାରିଫ୍ ମାଡ଼

### ବଢ଼ିଲାଣି ଖାଦ୍ୟ ସାମଗ୍ରୀ ଦର
### ସୁନା, ରୁପା ଦର ଆକାଶଛୁଆଁ
### ସୌଖିନ୍ ସାମଗ୍ରୀଠାରୁ ଡ୍ରାଏ ଫ୍ରୁଟ୍ ଯାଏଁ ସବୁ ମହଙ୍ଗା

■ ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଗଣେଶ ପୂଜା ପରେ ଦେଶରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ସ୍ୱାଭାବିକ ଭାବରେ ପାର୍ବଣ ଋତୁରେ ଦୁର୍ଗାପୂଜାଠାରୁ ଦଶହରା ଓ ଦୀପାବଳି ପର୍ଯ୍ୟନ୍ତ ବାଣିଜ୍ୟ ବ୍ୟବସାୟ ବଢ଼ିଥାଏ ଏବଂ ଲୋକମାନେ ବହୁ ସାମଗ୍ରୀ କ୍ରୟ କରିଥାଆନ୍ତି। ଚଳିତ ବର୍ଷ ପୂଜା ଋତୁ ପୂର୍ବରୁ ଜିଏସ୍‌ଟି ହ୍ରାସ ଲୋକଙ୍କ ଜୀବନଯାତ୍ରାକୁ ଅଧିକ ସ୍ୱଚ୍ଛନ୍ଦ କରିବ ଓ କାରବାର ବଢ଼ାଇବ ବୋଲି ଆଶା କରାଯାଉଥିବାବେଳେ ବାସ୍ତବିକତା କିନ୍ତୁ ଭିନ୍ନ। ବଜାର ଦର ଏଥର ପାର୍ବଣ ପରିବେଶରେ ଉପଭୋକ୍ତାଙ୍କୁ ବେହାଲ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରୁଛନ୍ତି। ଗତ କେଇଦିନ ମଧ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଓ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିବା ସାଧାରଣ ଖାଉଟିଙ୍କୁ ଚିନ୍ତାଗ୍ରସ୍ତ କରିଛି। ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ବଜାର ଦର ବର୍ତ୍ତମାନ ଯେଉଁଭଳି ରହିଛି, ସେଥିରେ ଖାଉଟି ନୟାନ୍ତ। ଏହି ସମୟରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ଭବିଷ୍ୟତରେ ବିଭିନ୍ନ ସାମଗ୍ରୀକୁ ଅଧିକ ମହରଗ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ପ୍ରକାଶିତ ରିପୋର୍ଟ ଅନୁସାରେ ଗତ ୯ ମାସ ଧରି ଖୁଚୁରା ମୁଦ୍ରାସ୍ଫୀତି ସ୍ଥିର ରହିବା ପରେ ଅଗଷ୍ଟ ମାସରେ ପୁନର୍ବାର ଉପରମୁହାଁ ହୋଇଛି। ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱମୁଖୀ ହୋଇଥିବା କୁହାଯାଉଛି । ଏହି ସମୟରେ ସୁନାରୁପା ବଜାର ଆକାଶ ଛୁଇଁଛି। ପ୍ରତିଦିନ ଏହି ଦୁଇ ଧାତୁର ମୂଲ୍ୟ ରେକର୍ଡ଼ ପରେ ରେକର୍ଡ଼ ଭାଙ୍ଗୁଛି। ୧୦ଗ୍ରାମ ରୁପା ମୂଲ୍ୟ ପାଖାପାଖି ୧୪୦୦ ଟଙ୍କାରେ ପହଞ୍ଚିଥିବାବେଳେ ୧୦ ଗ୍ରାମ ସୁନା (୨୨) କ୍ୟାରେଟ୍ ୧୦୧୩୦୦ ଟଙ୍କା ଅତିକ୍ରମ କରିଛି। ଏପଟେ ଟ୍ରମ୍ପ ଟାରିଫ୍ ମାଡରେ ଉଭୟ ଧନୀକ ବର୍ଗ ଓ ଗରିବ ଲୋକମାନେ ପ୍ରଭାବିତ ହୋଇଛନ୍ତି। ରପ୍ତାନୀ ହ୍ରାସ ଯୋଗୁଁ ଏମ୍ଏସ୍ଏମ୍ଇ ଶିଳ୍ପଗୁଡ଼ିକ ବନ୍ଦ ହେବାରେ ଲାଗିଛି ଓ ଏହି ନିଯୁକ୍ତିଭିତ୍ତିକ ଶିଳ୍ପ ବନ୍ଦ ହେବା ସାଧାରଣ ଶ୍ରମିକ ଶ୍ରେଣୀର ଲୋକଙ୍କ ଜୀବନ ଜୀବିକା ଛଡ଼ାଇ ନେଇଛି। ଅନ୍ୟପକ୍ଷରେ ଅତି ଧନୀକ ଗୋଷ୍ଠୀଙ୍କ ପାଇଁ ଟିକସ ମହଙ୍ଗା ହୋଇଛି। ମୁଦ୍ରାସ୍ଫୀତି ତାତିରୁ ଖାଲି ସହର କାହିଁକି ଗ୍ରାମାଞ୍ଚଳ ବି ବାଦ୍‌ପଡିନି। ଦେଶର ଅଧିକାଂଶ ଭାଗରେ ପ୍ରବଳ ବର୍ଷା ଏବଂ ପ୍ରଳୟଙ୍କାରୀ ବନ୍ୟା ଯୋଗୁ ଖରିଫ ଫସଲ ପ୍ରଭାବିତ ହେବା ନେଇ ଆଶଙ୍କା ପ୍ରକାଶ କରାଯାଉଛି।

ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ଜୁଲାଇ ମାସର ୧.୬୧%ରୁ ୨.୦୭%କୁ ବୃଦ୍ଧି ପାଇଛି। ହାଟ ବଜାରରେ କୌଣସି ବି ପନିପରିବାର ଦର ▶ପୃଷ୍ଠା-୭

# ଶପଥ ନେଲେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍

ଦେଶର ୧୫ତମ ଉପରାଷ୍ଟ୍ରପତି ଭାବେ ସିପି ରାଧାକ୍ରିଷ୍ଣନ୍ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି।



# ଘାରିଲାଣି ମିଛ ଖବର ଚିନ୍ତା

## ଗଣମାଧ୍ୟମ ପାଇଁ ବାଧ୍ୟତାମୂଳକ ହେବ ଫ୍ୟାକ୍ଟ ଚେକିଂ ସିଷ୍ଟମ

### ଭୁଲ୍ ତଥ୍ୟ ପାଇଁ ଦାୟୀ ରହିବେ ଗଣମାଧ୍ୟମ ସଂପାଦକ, ମାଲିକ
### ଭାରତକୁ ବାଂଲାଦେଶ, ନେପାଳ ହେବାକୁ ଦିଆଯିବନି: ଦୁବେ




■ ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ମିଥ୍ୟା ଖବର ବା ଫେକ୍ ନ୍ୟୁଜ୍ ପରିବେଷଣ ଗଣତନ୍ତ୍ର ଓ ଆଇନ୍ ବ୍ୟବସ୍ଥା ପ୍ରତି ବିପଦ। ଏହାକୁ ରୋକିବା ଲାଗି ଠୋସ ଓ କଡ଼ା ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଗଣମାଧ୍ୟମ ସଂସ୍ଥା ଏଥିପାଇଁ ଫ୍ୟାକ୍ଟ ଚେକିଂ ବ୍ୟବସ୍ଥା କରନ୍ତୁ। ମିଥ୍ୟା ବା ଫେକ୍ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ସଂସ୍ଥା ପାଇଁ ଦଣ୍ଡ ବ୍ୟବସ୍ଥା ମଧ୍ୟ ହେଉ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସଂକ୍ରାନ୍ତ ସଂସଦୀୟ କମିଟି ଏଭଳି ସୁପାରିସ କରିଛି। କମିଟି ଏହାର ରିପୋର୍ଟ ଲୋକସଭା ବାଚସ୍ପତିଙ୍କୁ ଦେଇଛି ଏବଂ ସଂସଦର ଆଗାମୀ ଅଧିବେଶନରେ ଏସଂପର୍କରେ ସରକାର ବିଲ ଆଗତ କରିପାରନ୍ତି ବୋଲି ଖବର ମିଳିଛି। କମିଟିର ଅଧ୍ୟକ୍ଷ ବିଜେପି ସାଂସଦ ନିଶିକାନ୍ତ ଦୁବେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ▶ପୃଷ୍ଠା-୭

## ବାଣ ତିଆରିବେଳେ ବିସ୍ଫୋରଣ

# ଉଡ଼ିଗଲା ଆଜ୍‌ବେଷ୍ଟସ, ମହିଳା ମୃତ



■ ବଡସାହି, ୧୨।୯ (ସମିସ): ବଡସାହି ଥାନା ଅଧୀନ ଭୀମଦା ପଞ୍ଚାୟତ ଉଞ୍ଚିଡିହି ଗ୍ରାମ ନିକଟ ଗଙ୍ଗାହାର ନଦୀପଠାରେ ଥିବା ଏକ ଫାର୍ମ ହାଉସରେ ବେଆଇନ ଭାବେ ବାଣ ତିଆରି ଚାଲିଥିବା ବେଳେ ଭୟଙ୍କର ବିସ୍ଫୋରଣ ଘଟିଛି। ବିସ୍ଫୋରଣର ଶବ୍ଦ ଏତେ ଭୟଙ୍କର ଥିଲା ଯେ ୧୦କି.ମି ଯାଏ ଶୁଭିଥିଲା। ଏହି ବିସ୍ଫୋରଣରେ ଘରର ଆଜବେଷ୍ଟସ ଉଡି ଯାଇଥିବାବେଳେ ମାଟି କାନ୍ଥ ଭୁଶୁଡି ପଡିଛି। ଏଥିରେ ଜଣେ ମହିଳା ଗୁରୁତର ଆହତ ହୋଇ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ; ହେଲେ ମହିଳାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ▶ପୃଷ୍ଠା-୭

## ଦିନକରେ ଭିଜିଲାନ୍ସ ଜାଲରେ ୩ ସରକାରୀ ଅଫିସର

# ତହସିଲଦାର, ଶ୍ରମ ଅଧିକାରୀ, ପିଇଓ ଗିରଫ



### ୧୫ ହଜାର ପାଇଁ ଫଶିଲେ ଓଏଏସ୍ ଟପ୍ପର ତହସିଲଦାର
### ବାର୍ଦ୍ଧକ୍ୟ ଭତ୍ତା ବାବଦରେ ପିଇଓ ଖାଇଥିଲେ ୬ ଲକ୍ଷ

■ ଭୁବନେଶ୍ୱର/ କୁଚିଣ୍ଡା, ୧୨।୯ (ସମିସ): ଲାଞ୍ଚ କାରବାର ଅଭିଯୋଗରେ ଗୋଟିଏ ଦିନରେ ଧରା ପଡ଼ିଛନ୍ତି ୩ ସରକାରୀ ଅଧିକାରୀ ଓ ଜଣେ ଡ୍ରାଇଭର। ସେମାନଙ୍କୁ ଗିରଫ କରିବା ସହ ସେମାନଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ବାମରା ତହସିଲଦାର ତଥା ୨୦୧୯ ବ୍ୟାଚ୍‌ର ଓଏଏସ୍ ଟପ୍ପର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପି.ପ୍ରବୀଣ କୁମାର ୧୫ ହଜାର ଟଙ୍କା ପାଇଁ ଗିରଫ ହୋଇଛନ୍ତି । ଅଭିଯୋଗ ଅନୁସାରେ ବାମରା ବ୍ଲକ ଗୋବିନ୍ଦପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର ଏକ ଜମି ଦାଖଲଖାରଜ ଓ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ଏହି କାମ କରିବା ପାଇଁ ଲାଞ୍ଚ ମାଗିଥିଲେ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା। ସମ୍ପୃକ୍ତ ବ୍ୟକ୍ତି ଏହା ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଆଜି ଦିନ ପ୍ରାୟ ୧୧ଟା ବେଳେ ତହସିଲଦାରଙ୍କ ପରାମର୍ଶକ୍ରମେ ଅଭିଯୋଗକାରୀ ୧୫ ହଜାର ଟଙ୍କା ତ ଡ୍ରାଇଭର ପି.ପ୍ରଭିନ୍ କୁମାରଙ୍କୁ ଦେଇଥିଲେ। ଡ୍ରାଇଭର ଏହି ଟଙ୍କା ନେଇ ତହସିଲଦାରଙ୍କୁ ▶ପୃଷ୍ଠା-୭

# ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ



■ ଭୁବନେଶ୍ୱର, ୧୨।୯ (ସମିସ): ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଶ୍ରୀ ମଲ୍ଲିକଙ୍କ ନିଲମ୍ବନ ଆଦେଶ ଜାରି କରିଛନ୍ତି । ଶ୍ରୀ ମଲ୍ଲିକ କାମାକ୍ଷାନଗର ବିଧାନସଭା କ୍ଷେତ୍ରରୁ ବିଜେଡି ଟିକଟରେ ୪ ଥର ନିର୍ବାଚିତ ହୋଇଥିଲେ। ନବୀନ ପଟ୍ଟନାୟକଙ୍କ ସରକାରରେ ସେ ଗୁରୁତ୍ୱପୂର୍ଣ୍ଣ ଖଣି ଓ ଇସ୍ପାତ, ପୂର୍ତ୍ତ ଓ ଗୃହନିର୍ମାଣ ପରି ବିଭାଗର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ମାତ୍ର ବିଜେଡି ସରକାରରୁ ଯିବା ପରେ ସେ କିଛି ଦିନ ହେବ ଦଳ ବିରୋଧରେ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ମତମନ୍ତବ୍ୟ ଦେଉଥିଲେ।

## ଉତ୍ପାଦନଠାରୁ ବିକ୍ରି ହେଉଛି ଦେଢ଼ଗୁଣ କ୍ଷୀର

# ଆମଦାନୀ ଗୁଣ୍ଡ ଦୁଗ୍ଧରେ ଶ୍ୱେତ ବିପ୍ଳବ

■ ଭୁବନେଶ୍ୱର, ୧୨।୯ (ସମିସ): ରାଜ୍ୟରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଉଛି; ମାତ୍ର ଉତ୍ପାଦନର ଦେଢ଼ଗୁଣ କ୍ଷୀର ଓଡ଼ିଶାରେ ବିକ୍ରି ହେଉଛି। ବଜାରରେ ଛେନା, ଖୁଆ, ଦହି, ପନୀର ବି ଯାହାକୁ ଯେତେ ମିଳୁଛି। ଏଥିସହ ମିଠା ଦୋକାନଗୁଡ଼ିକରେ ଭଳିକି ଭଳି ଦୁଗ୍ଧଜାତ ମିଠା ମଧ୍ୟ ବିକ୍ରି ହେଉଛି। ତେଣୁ ଉପଲବ୍ଧ କ୍ଷୀର ବା କ୍ଷୀରରୁ ଉତ୍ପାଦିତ ସାମଗ୍ରୀ ଯେ ଅପମିଶ୍ରିତ ହେଉଛି, ଏଥିରେ କୌଣସି ସନ୍ଦେହ ନାହିଁ। ଆମଦାନୀ ହେଉଥିବା ଗୁଣ୍ଡଦୁଗ୍ଧକୁ ଅପମିଶ୍ରିତ କରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର କ୍ଷୀର ପ୍ୟାକେଟ୍ କ୍ଷୀର ସହ ଅନ୍ୟାନ୍ୟ ଦୁଗ୍ଧଜାତ ସାମଗ୍ରୀ ବିକ୍ରି ହେଉଛି।

ତଥ୍ୟ ଅନୁସାରେ, ରାଜ୍ୟରେ ଗାଈଙ୍କ ସଂଖ୍ୟା ୯୯ ଲକ୍ଷ ଓ ମଇଁଷି ସଂଖ୍ୟା ୫ ଲକ୍ଷ। ଏହି ଗୋରୁଙ୍କ ମଧ୍ୟରୁ ଦେଶୀ ଶ୍ରେଣୀର ୮୪ ପ୍ରତିଶତ ଓ ଶଙ୍କର ଜାତୀୟ ଗୋରୁଙ୍କ ସଂଖ୍ୟା ମାତ୍ର ୧୬%। ଏମାନଙ୍କ ମଧ୍ୟରେ ଜର୍ସି ଗାଈଙ୍କ ସଂଖ୍ୟା ପ୍ରାୟ ୧୩ ଲକ୍ଷ ଅର୍ଥାତ୍ ପ୍ରାୟ ୯୦ ପ୍ରତିଶତ। ସେହିପରି ରାଜ୍ୟରେ ଥିବା ମଇଁଷି ମଧ୍ୟରୁ ୮୦ ପ୍ରତିଶତ ଦେଶୀ ଓ ୨୦ ପ୍ରତିଶତ 'ନନ୍ ଡେସ୍‌କ୍ରିପ୍ଟ କ୍ରସ୍‌ବ୍ରିଡ୍' ଶ୍ରେଣୀର। ପରିସଂଖ୍ୟାନ ଅନୁସାରେ ରାଜ୍ୟରେ ଏହି ଗୋରୁଗୁଡ଼ିକଙ୍କଠାରୁ ବାର୍ଷିକ ମାତ୍ର ୨୬୫ କୋଟି ଲିଟର କ୍ଷୀର ଉତ୍ପାଦନ ହେଉଛି। ରାଜ୍ୟର ଜନସଂଖ୍ୟା ଅନୁସାରେ ଉତ୍ପାଦିତ କ୍ଷୀର ଦୈନିକ ଚାହିଦା ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏହା ସତ୍ତ୍ୱେ ରାଜ୍ୟରେ ପନୀର୍, ରାବିଡ଼ି ଓ ଖୁଆ ଆଦି ବିକ୍ରିବଟାର ପରିମାଣକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ତଥ୍ୟରୁ ଆମଦାନୀ ଗୁଣ୍ଡଦୁଗ୍ଧରେ ଯେ ରାଜ୍ୟରେ ଶ୍ୱେତ ବିପ୍ଳବ ଚାଲିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅନ୍ୟପକ୍ଷରେ ପୁଷ୍ଟିସାଧନ ଦୃଷ୍ଟିରୁ ମୁଣ୍ଡପିଛା ୩୦୦ ଗ୍ରାମ୍ ଦୁଗ୍ଧ ଉପଲବ୍ଧ କରାଇବା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ସୁପାରିସ କରିଛି। ମାତ୍ର ଓଡ଼ିଶାରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ଜାତୀୟ ହାରଠାରୁ ବହୁ ପଛରେ ରହିଛି। ▶ପୃଷ୍ଠା-୭




# ପୂର୍ବତନ ବ୍ରାଜିଲ ରାଷ୍ଟ୍ରପତିଙ୍କୁ ୨୭ ବର୍ଷ ଜେଲ୍



ସାଓପାଓଲୋ, ୧୨।୯(ଏଜେନ୍ସି): ବ୍ରାଜିଲ ପୂର୍ବତନ ରାଷ୍ଟ୍ରପତି ଜାଏର ବୋଲସୋନାରୋଙ୍କୁ ଗୁରୁବାର ୨୭ ବର୍ଷ ୩ ମାସ ଜେଲ ଦଣ୍ଡାଦେଶ ହୋଇଛି। ଦେଶର ସୁପ୍ରିମକୋର୍ଟ ତାଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୨ରେ ନିର୍ବାଚନରେ ପରାଜୟ ବରଣ କରିବା ପରେ ମଧ୍ୟ ଶାସନରେ ରହିବା ପାଇଁ ସରକାର ପରିବର୍ତ୍ତନ କରିବାକୁ ସେ ଷଡ଼ଯନ୍ତ୍ର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ସୁପ୍ରିମକୋର୍ଟର ୫ ଜଣିଆ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠରୁ ୪ ଜଣ ବିଚାରପତି ତାଙ୍କୁ ଆପରାଧିକ ସଂଗଠନରେ ସାମିଲ ହେବା, ଗଣତନ୍ତ୍ରକୁ ଉପାଡ଼ି ଫୋପାଡ଼ିବା, ସରକାରର ପତନ ଘଟାଇବାକୁ ଷଡ଼ଯନ୍ତ୍ର କରିବା, ସରକାରୀ ସମ୍ପତ୍ତିକୁ ନଷ୍ଟ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ। ବ୍ରାଜିଲ ଇତିହାସରେ ପ୍ରଥମଥର ପାଇଁ କୌଣସି ପୂର୍ବତନ ରାଷ୍ଟ୍ରପତିଙ୍କୁ ଗଣତନ୍ତ୍ର ଉପରେ ଆକ୍ରମଣ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ଅବଶ୍ୟ ୫ ଜଣଙ୍କ ମଧ୍ୟରୁ ଜଣେ ବିଚାରପତି ତାଙ୍କୁ ଖଲାସ କରିବା ପାଇଁ ମତ ରଖିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଆଜି

ଇମ୍ଫାଲ, ୧୨।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତର ଦୁଇ ଦିନ ପୂର୍ବରୁ ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ହିଂସା ସୃଷ୍ଟି ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ଚୁରାଚାନ୍ଦପୁରରେ ଉତ୍ତେଜିତ ଲୋକେ ମୋଦୀଙ୍କ ସ୍ବାଗତ ପାଇଁ ଲଗାଯାଇଥିବା ପୋଷ୍ଟର, ବ୍ୟାନର ଚିରିବା ସହ ବ୍ୟାରିକେଡ୍‌କୁ ହଟାଇବା ସହ ସେଠାରେ ନିଆଁ ଲଗାଇଛନ୍ତି। ଚୁରାଚାନ୍ଦପୁର ଥାନାଠାରୁ ପାଖାପାଖି ୫ କିମି ଦୂରରେ ଥିବା ପିଓସୋନାମ୍ପ ଗାଁରେ ଏହି ଘଟଣା ଘଟିଛି। ପୁଲିସ ଲୋକଙ୍କୁ ସେଠାରୁ ବାହାର କରିବା ସହ ଲାଠିଚାର୍ଜ କରିଥିଲା। ତେବେ ଏଥିରେ କେତେଜଣ ଆହତ ହୋଇଛନ୍ତି ସେ ନେଇ କୌଣସି ସୂଚନା ମିଳିନାହିଁ। ମୋଦୀ ଶନିବାର ମଣିପୁର ଗସ୍ତ କରିବେ ଓ ୮, ୫୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିବେ। ୨୦୨୩ରେ ମଣିପୁରରେ ମେତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଗତ ହିଂସା ଆରମ୍ଭ ହେବା ପରେ ମୋଦୀ ପ୍ରଥମଥର ପାଇଁ ମଣିପୁର ଗସ୍ତ କରିଥିଲେ। ଏହି ହିଂସାରେ ଏପର୍ଯ୍ୟନ୍ତ ୨୬୦ରୁ ଉର୍ଦ୍ଧ୍ବ ଲୋକ ମୃତ୍ୟୁବରଣ କରିଛନ୍ତି ଓ ହଜାର ହଜାର ଲୋକ ବାସହରା ହୋଇଛନ୍ତି। ଫଳରେ ଫେବୃଆରୀରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା।

# ପୁରୁଣା ରୋଗରେ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଉଛି

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଭାରତରେ କ୍ରନିକ ଅର୍ଥାତ ପୁରୁଣା ରୋଗ କାରଣରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। କିନ୍ତୁ ବିଶ୍ୱରେ ଏହି ସଂଖ୍ୟାରେ ହ୍ରାସ ପାଉଛି। କରୋନା ମହାମାରୀ ପୂର୍ବରୁ ୨୦୧୦ରୁ ୨୦୧୯ ମଧ୍ୟରେ ହାର୍ଟ, କର୍କଟ, ପୁରୁଣା ଶ୍ୱାସ ସମ୍ବନ୍ଧୀୟ ରୋଗରେ ଭାରତରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ବୋଲି ଜଣାଶୁଣା ମେଡିକାଲ ପତ୍ରିକା 'ଦି ଲାନସେଟ୍' ତା'ର ସଦ୍ୟ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛି। ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୨.୧ ଓ ୦.୧ ପ୍ରତିଶତ ବୃଦ୍ଧି ପାଇଛି। ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୫୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷଙ୍କ କ୍ଷେତ୍ରରେ ଏହି ହାର ବୃଦ୍ଧି ପାଇଛି। ଜନ୍ମରୁ ୮୦ ବର୍ଷ ବୟସର ମହିଳାଙ୍କ ମଧ୍ୟରେ ଗତ ୩ଟି ଦଶନ୍ଧିରେ ଭିନ୍ନ ଭିନ୍ନ ତଥ୍ୟ ମିଳିଛି। ୨୦୦୧ରେ ଏହା ୪୬.୭ ଓ ୨୦୧୧ରେ ଏହା ୪୬.୬ ପ୍ରତିଶତ ଥିଲା। କିନ୍ତୁ ୨୦୧୯ ରେ ଏହା ୪୮.୭ ପ୍ରତିଶତରେ ପହଞ୍ଚିଥିଲା। ପୁରୁଷଙ୍କ କ୍ଷେତ୍ରରେ ଏହା ଅପେକ୍ଷାକୃତ ଭାବେ କମ୍ ରହିଛି। କିନ୍ତୁ ବିଶ୍ୱର ଅନ୍ୟ ୧୮୫ଟି ଦେଶରେ ପୁରୁଣା ରୋଗରେ ମହିଳାଙ୍କ ମୃତ୍ୟୁ ହାର ୩୩ ଓ ପୁରୁଷଙ୍କର ୩୮ ରହିଛି।

# ଟେକ୍ଅଫ୍ ବେଳେ ବିମାନର ଚକ ଖସିଲା

ମୁମ୍ବାଇ, ୧୨।୯(ଏଜେନ୍ସି): ଗୁଜରାଟର କାଣ୍ଡଲାରୁ ମୁମ୍ବାଇ ଯାଉଥିବା ଏକ ସ୍ପାଇସ୍ ଜେଟ୍ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ଶୁକ୍ରବାର କାଣ୍ଡଲା ବିମାନ ବନ୍ଦରରେ ଟେକ୍ଅଫ୍ କରିବା ଅବସରରେ ବୋମ୍ବାରଡାଏର କ୍ୟୁ୪୦୦ ବିମାନର ଟାୟାର ତଥା ଚକ ରନୱେ ଉପରେ ଖସିପଡ଼ିଥିଲା। ଏହା ସତ୍ତ୍ୱେ ପାଇଲଟ୍ ନିଜର ବୁଦ୍ଧିମତା ସହ ଉଡାଣ ଜାରି ରଖିଥିଲେ। ମୁମ୍ବାଇ ବିମାନ ବନ୍ଦରରେ ବିମାନର ଅବତରଣର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ଓ ଇମର୍ଜେନ୍ସି ଘୋଷଣା କରାଯାଇଥିଲା। ବିମାନ କିନ୍ତୁ ସୁରକ୍ଷିତ ଭାବେ ଲ୍ୟାଣ୍ଡିଂ କରି ଟର୍ମିନାଲ ପର୍ଯ୍ୟନ୍ତ ପହଞ୍ଚିଥିଲା। ସବୁ ୭୫ ଜଣ ଯାତ୍ରୀ ସୁରକ୍ଷିତ ଭାବେ ଓହ୍ଲାଇଥିଲେ। ଏୟାର ଲାଇନ୍ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛି ଓ ଏ ନେଇ ଯାଞ୍ଚ ଆରମ୍ଭ କରିଛି।

# ବାୟୁସେନାକୁ ନଭେମ୍ବରରେ ମିଳିବ ୨ଟି ତେଜସ୍ ମାର୍କ-୧ଏ ଲଢୁଆ ଜେଟ୍

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ୍) ନଭେମ୍ବରରେ ଭାରତୀୟ ବାୟୁସେନାକୁ ଦୁଇଟି ତେଜସ ମାର୍କ-୧ଏ ଫାଇଟର ଜେଟ ପ୍ରଦାନ କରିବ। ଫଳରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତ ଗୋଟିଏ ପାଦ ଆଗକୁ ବଢ଼ିଛି। ଆମେରିକାର ପ୍ରତିରକ୍ଷା କମ୍ପାନୀ ଜିଇ ଏରୋସ୍ପେସ୍ ହାଲ୍‌କୁ ଗୋଟିଏ ଇଞ୍ଜିନ ପ୍ରଦାନ କରିଛି। ଚଳିତ ମାସ ଶେଷ ଆଡକୁ ଭାରତକୁ ଆଉ ଏକ ଇଞ୍ଜିନ ମିଳିବ ବୋଲି ହାଲ୍‌ର ଅଧିକାରୀମାନେ ସୂଚନା ଦେଇଛନ୍ତି। ୨୦୨୧ ଫେବୃଆରୀରେ କେନ୍ଦ୍ର ସରକାର ୮୩ ତେଜସ୍ ମାର୍କ-୧ଏ ବିମାନ କ୍ରୟ କରିବା ପାଇଁ ହାଲ୍ ସହିତ ୪୮, ୦୦୦ କୋଟି ଟଙ୍କାର ଚୁକ୍ତି କରିଥିଲେ। କିନ୍ତୁ ଆମେରିକା ଇଞ୍ଜିନ୍ ମିଳିବାରେ ବିଳମ୍ବ ହେବାରୁ ଏହି ବିମାନ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇନାହିଁ। ତେବେ ୨୦୨୮ ବେଳକୁ ହାଲ ସବୁ ୮୩ଟି ବିମାନ ଭାରତୀୟ ବାୟୁ ସେନାକୁ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏଲ୍‌ସିଏ ୧ଏ ତେଜସ ବିମାନ ହେଉଛି ଏକ ଅତ୍ୟାଧୁନିକ ଲଢୁଆ ଜେଟ୍। ଏଥିରେ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଭିଓନିକ୍ସ ଓ ରାଡାର ପ୍ରଣାଳୀ ଉପଲବ୍ଧ। ଏହି ବିମାନଗୁଡ଼ିକର ୬୫ ପ୍ରତିଶତ ଅଂଶ ସ୍ୱଦେଶୀ ଜ୍ଞାନ କୌଶଳରେ ଭାରତରେ ନିର୍ମିତ ହୋଇଛି।

# ଅନିଶ୍ଚିତତାର ଅବସାନ; ନେପାଳ ପ୍ରଧାନମନ୍ତ୍ରୀ ହେଲେ ସୁଶୀଳା



କାଠମାଣ୍ଡୁ, ୧୨।୯: ନେପାଳରେ ହିଂସାତ୍ମକ ଆନ୍ଦୋଳନ ପରେ ଗତ ୯ ତାରିଖରେ ପ୍ରଧାନମନ୍ତ୍ରୀ ଓଲି ସରକାରର ପତନ ଘଟିଲା। ଏହାପରେ ଦେଶରେ ଘୋର ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ନେପାଳର ଗଠିତ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ସରକାରରେ ପ୍ରଧାନମନ୍ତ୍ରୀ କିଏ ହେବ, ତାହାକୁ ନେଇ ଆନ୍ଦୋଳନକାରୀଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଶେଷରେ ଆଜି ଏଭଳି ଅନିଶ୍ଚିତତାର ଅବସାନ ଘଟିଛି। ନେପାଳ ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ସୁଶୀଳା କାର୍କି ଆଜି ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।

ଆଜି ସନ୍ଧ୍ୟାରେ ୭୩ ବର୍ଷୀୟା ସୁଶୀଳାଙ୍କ ଚୟନ ନେଇ ରାଷ୍ଟ୍ରପତି ରାମଚନ୍ଦ୍ର ପୋଡେଲଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। କୁହାଯାଇଥିଲା ଯେ ଜେନ-ଜେଡ୍ ନାମରେ ପରିଚିତ ଆନ୍ଦୋଳନକାରୀ ନେତା, ରାଷ୍ଟ୍ରପତି ରାମଚନ୍ଦ୍ର ଓ ସେନା ଅଧ୍ୟକ୍ଷ ଅଶୋକ ରାଜଙ୍କ ମଧ୍ୟରେ ଆଜି ଦୀର୍ଘ ସମୟରେ ବିଚାର ଆଲୋଚନା ହୋଇଥିଲା। ଏଥିରେ ସୁଶୀଳାଙ୍କ ନାମକୁ ନେଇ ସହମତି ପ୍ରକାଶ ପାଇଥିଲା। ନେପାଳର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇ ସୁଶୀଳା ଇତିହାସ ସୃଷ୍ଟି କରିଛନ୍ତି। ସେ ଶପଥ ନେବା ପରେ ଆଜି ରାତିରେ ମନ୍ତ୍ରିମଣ୍ଡଳ ବୈଠକ ହେବ ଏବଂ ଏଥିରେ ଜାତୀୟ ସଂସଦ ଓ ସମସ୍ତ ପ୍ରାଦେଶିକ ସଂସଦକୁ ଭଙ୍ଗ କରିବା ଲାଗି ସୁପାରିସ କରାଯିବ।

ସୂଚନାଯୋଗ୍ୟ ଯେ ନେପାଳରେ ଦୁର୍ନୀତି ଓ ସାମାଜିକ ଗଣମାଧ୍ୟମ ଉପରେ କଟକଣାକୁ ବିରୋଧ କରି ଗତ ୮ ତାରିଖରୁ ତିନି ଦିନ ଧରି ବଡ଼ ଧରଣର ହିଂସାତ୍ମକ ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଓଲି ଇସ୍ତଫା ଦେଇଥିଲେ। ଏହି ହିଂସାକାଣ୍ଡରେ ଜଣେ ଭାରତୀୟଙ୍କ ସମେତ ୫୧ ଜଣ ପ୍ରାଣ ହରାଇଥିଲେ। ପ୍ରଧାନମନ୍ତ୍ରୀ ପଦ ପାଇଁ ୪ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି। ସେମାନେ ହେଲେ କାଠମାଣ୍ଡୁ ମେୟର ବୁଲେନ ଶାହ, ପୂର୍ବତନ ପ୍ରଧାନ ବିଚାପତି ସୁଶୀଳା କାର୍କି, ଇଞ୍ଜିନିୟର କୁଲମାନ ଘିସିଂ ଏବଂ ହାରକା ସମ୍ପଙ୍ଗ।

## ଉଦ୍ଧାର ହେଲେ ଦିଲ୍ଲୀର ଉପାସନା ଗିଲ୍

ପଞ୍ଚକୁଲା, ୧୨।୯(ଏଜେନ୍ସି): ନେପାଳରେ ଏକ ଭଲିବଲ ଇଭେଣ୍ଟ ହଷ୍ଟ କରିବାକୁ ଦିଲ୍ଲୀରୁ ପୋଖାରା ଯାଇଥିବା ଉପାସନା ଗିଲ୍ ଓ ତାଙ୍କ ସହ ସେଠାରେ ଥିବା ସବୁ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ସହ ହରିୟାଣାର ଫରିଦାବାଦ୍‌ର ଜଣେ ମହିଳା ଭଲିବଲ୍ ଖେଳାଳି ମଧ୍ୟ ସାମିଲ ଥିଲେ। ଉପାସନା ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘରେ ପହଞ୍ଚିବା ପରେ ସେ ନିଜ ଜେଜେମାଙ୍କ ସହ ଫଟୋ ଉଠାଇ ନିଜ ଇନଷ୍ଟାଗ୍ରାମ ଏକାଉଣ୍ଟରେ ସେୟାର କରିଛନ୍ତି। ନେପାଳରେ ଜେନ୍- ଜେଡ ଆନ୍ଦୋଳନ ତଥା ହିଂସା ପରେ ଉପାସନା ସେଠାରେ ଫସିଯାଇଥିଲେ। ସେ ସାମାଜିକ ଗଣମାଧ୍ୟମରେ ଭିଡିଓ ସେୟାର କରି ସେଠାରୁ ସ୍ୱଦେଶ ଫେରିବା ପାଇଁ ସାହାଯ୍ୟ ମାଗିଥିଲେ ଓ ଏଥିପାଇ ନେପାଳ ଭାରତୀୟ ଦୂତାବାସକୁ ନିବେଦନ କରିଥିଲେ। ଦିଲ୍ଲୀ ବିମାନ ବନ୍ଦରରୁ ସେ ସିଧା ଜେଜେମାଙ୍କ ଘରେ ପହଞ୍ଚିଥିଲେ। ନେପାଳ ହିଂସାରେ ସେ ନିଜ ଦଳ ସହ ସେଠାରେ ଫସିରହିଥିଲେ। ତାଙ୍କ ଭିଡିଓ ସାମ୍ନାକୁ ଆସିବା ପରେ ହରିୟାଣା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ରେଣୁ ଭାଟିଆ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ନାଏବ ସୈନୀଙ୍କୁ ଚିଠି ଲେଖି ତୁରନ୍ତ ଉଦ୍ଧାର ପାଇଁ ଦାବି କରିଥିଲେ।

# ଶପଥ ନେଲେ ନୂଆ ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନ୍

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ନବ ନିର୍ବାଚିତ ଉପରାଷ୍ଟ୍ରପତି ଚନ୍ଦ୍ରପୁରମ ପୋନ୍ନୁସ୍ୱାମୀ ରାଧାକ୍ରିଷ୍ଣନ ଭାରତର ୧୫ତମ ଉପରାଷ୍ଟ୍ରପତି ପଦର ଶପଥ ନେଇଛନ୍ତି। ରାଷ୍ଟ୍ରପତି ଭବନରେ ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଧାକ୍ରିଷ୍ଣନଙ୍କୁ ଶପଥ ପାଠ କରାଇଥିଲେ। ତାଙ୍କ କାର୍ଯ୍ୟକାଳ ୨୦୩୦ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଶପଥପାଠ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ କେତୋଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିଲେ। ପୂର୍ବତନ ଉପରାଷ୍ଟ୍ରପତି ହମିଦ ଅନସାରୀ ଓ ଭେଙ୍କୟା ନାଇଡୁ ମଧ୍ୟ ଶପଥ ସମାରୋହରେ ଉପସ୍ଥିତ ଥିଲେ। ଉଲ୍ଲେଖଥାଉ କି, ଜୁଲାଇ ୨୧ ଉପରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ ସ୍ୱାସ୍ଥ୍ୟାଗତ ଦୃଷ୍ଟିରୁ ଇସ୍ତଫା ଦେବା ପରେ ଏହି ସାମ୍ବିଧାନିକ ପଦ ଖାଲି ପଡ଼ିଥିଲା। ଏନ୍‌ଡିଏ ମେଣ୍ଟର ପ୍ରାର୍ଥୀ ଭାବେ ରାଧାକ୍ରିଷ୍ଣନ ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସେ ବିପକ୍ଷ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟ ଅନ୍ତରରେ ପରାସ୍ତ କରିଥିଲେ। ରାଧାକ୍ରିଷ୍ଣନଙ୍କୁ ୪୫୨ ଭୋଟ ମିଳିଥିଲା। ତାଙ୍କୁ ଆଶାଠାରୁ ଅଧିକ ୧୪ଟି ଭୋଟ ମିଳିଥିଲା। ଏହା ପୂର୍ବରୁ ରାଧାକ୍ରିଷ୍ଣନ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱରେ ଥିଲେ। ସେ ଗୁରୁବାର ରାଜ୍ୟପାଳ ପଦରୁ ଔପଚାରିକ ଭାବେ ଇସ୍ତଫା ଦେଇଥିଲେ। ରାଧାକ୍ରିଷ୍ଣନ ୧୪ ବର୍ଷ ବୟସରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ସହିତ ଜଡିତ ଥିଲେ। ସେ ଦୁଇଥର ତାମିଲନାଡୁର କୋଏମ୍ବାଟୁର ସାଂସଦ ଭାବେ ବିଜେପି ଟିକଟ୍‌ରେ ୧୯୯୮ ଓ ୧୯୯୯ରେ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ତାମିଲନାଡୁ ବିଜେପିର ଅଧ୍ୟକ୍ଷ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ।



ଉପରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ଶପଥଗ୍ରହଣ ଉତ୍ସବରେ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଭେଙ୍କିୟା ନାଇଡୁ ଏବଂ ହମିଦ ଅନସାରୀ। ଜୁଲାଇ ୨୧ରେ ଇସ୍ତଫା ପରେ ଧନଖଡ଼ଙ୍କୁ ପ୍ରଥମ ଥର ଦେଖିବାକୁ ମିଳିଛି।

## ଭାରତର ଉପରାଷ୍ଟ୍ରପତିଙ୍କ ତାଲିକା

| | | |
|---|---|---|
| ୧. | ସର୍ବପଲ୍ଲୀ ରାଧାକୃଷ୍ଣନ | ୧୯୫୨ରୁ ୧୯୫୭<br>୧୯୫୭ରୁ ୧୯୬୨ |
| ୨. | ଜାକିର ହୁସେନ୍ | ୧୯୬୨ରୁ ୧୯୬୭ |
| ୩. | ଭିଭି ଗିରି | ୧୯୬୭ରୁ ୧୯୬୯ |
| ୪. | ଗୋପାଳ ପାଠକ | ୧୯୬୯ରୁ ୧୯୭୪ |
| ୫. | ବିଡି ଜତ୍ତି | ୧୯୭୪ରୁ ୧୯୭୯ |
| ୬. | ମହମ୍ମଦ ହିଦାୟତୁଲ୍ଲା | ୧୯୭୯ରୁ ୧୯୮୪ |
| ୭. | ଆର. ଭେଙ୍କଟରମଣ | ୧୯୮୪ରୁ ୧୯୮୭ |
| ୮. | ଏସ୍‌ଡି ଶର୍ମା | ୧୯୮୭ରୁ ୧୯୯୨ |
| ୯. | କେଆର. ନାରାୟଣନ | ୧୯୯୨ରୁ ୧୯୯୭ |
| ୧୦. | କୃଷ୍ଣକାନ୍ତ | ୧୯୯୭ରୁ ୨୦୦୨ |
| ୧୧. | ଭୈରୋଁସିଂ ଶେଖାୱତ | ୨୦୦୨ରୁ ୨୦୦୭ |
| ୧୨. | ହମିଦ ଅନସାରୀ | ୨୦୦୭ରୁ ୨୦୧୨<br>୨୦୧୨ରୁ ୨୦୧୭ |
| ୧୩. | ଭେଙ୍କିଆ ନାଇଡୁ | ୨୦୧୭ରୁ ୨୦୨୨ |
| ୧୪. | ଜଗଦୀପ ଧନଖଡ଼ | ୨୦୨୨ରୁ ୨୦୨୫ |
| ୧୫. | ସିପି ରାଧାକ୍ରିଷ୍ଣନ | ୨୦୨୫ରୁ.... |

## ଉପରାଷ୍ଟ୍ରପତିମାନଙ୍କ ସଂପର୍କରେ କିଛି ରୋଚକ ତଥ୍ୟ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି):ଭାରତୀୟ ଇତିହାସରେ ମହମ୍ମଦ ହିଦାୟତୁଲ୍ଲା ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦେଶର ତିନିଟି ଯାକ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ଭାରତର ପ୍ରଧାନ ବିଚାରପତି ପଦବୀରେ ଆସୀନ ହୋଇଛନ୍ତି। ସେ ଦୁଇ ଥର କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ୧୯୬୮ରୁ ୧୯୭୦ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନ ବିଚାରପତି ଥିଲେ। ୧୯୬୯ରେ ରାଷ୍ଟ୍ରପତି ଜାକିର ହୁସେନଙ୍କ ପରଲୋକ ପରେ ଉପରାଷ୍ଟ୍ରପତି ଭିଭି ଗିରି କାର୍ଯ୍ୟକାରୀ ରାଷ୍ଟ୍ରପତି ଦାୟିତ୍ୱ ନେଇଥିଲେ। ତେବେ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାପରେ ସେ ଉଭୟ ପଦରୁ ଇସ୍ତଫା ଦେଇଥିଲେ। ତେଣୁ ପ୍ରଧାନ ବିଚାରପତି ଜଷ୍ଟିସ ହିଦାୟତୁଲ୍ଲାଙ୍କୁ ପ୍ରଥମ ଥର ଲାଗି କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇବାକୁ ପଡ଼ିଥିଲା। ୧୦ ଜୁଲାଇରୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ। ପୁଣି ହିଦାୟତୁଲ୍ଲା ୧୯୭୯ରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ୧୯୮୨ରେ ତତ୍କାଳୀନ ରାଷ୍ଟ୍ରପତି ଜ୍ଞାନୀ ଜୈଲ ସିଂହ ଚିକିତ୍ସା ଲାଗି ଆମେରିକା ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ହିଦାୟତୁଲ୍ଲା ୬ ଅକ୍ଟୋବର ୧୯୮୨ରୁ ୩୧ ଅକ୍ଟୋବର ୧୯୮୨ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ।

ଭାରତର ପ୍ରଥମ ଉପରାଷ୍ଟ୍ରପତି ରାଧାକୃଷ୍ଣନ ୧୯୫୨ରୁ ୧୯୬୨ ପର୍ଯ୍ୟନ୍ତ ଦୁଇ ଥର ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ। ତାଙ୍କ ପରେ କେବଳ ମହମ୍ମଦ ହିଦାୟତୁଲ୍ଲା ଏବଂ ଶଙ୍କର ଦୟାଲ ଶର୍ମା ହେଉଛନ୍ତି ଯେଉଁମାନେ କି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଉପରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ରାଧାକୃଷ୍ଣନଙ୍କ ପରେ ହମିଦ ଅନସାରୀ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଦୁଇ ଥର ଉପରାଷ୍ଟ୍ରପତି (୨୦୦୭ରୁ ୨୦୧୭) ହୋଇଥିଲେ। ଉପରାଷ୍ଟ୍ରପତି ପଦବୀ ଲାଗି ଯେତେଥର ପ୍ରତିଦ୍ୱନ୍ଦ୍ୱିତାହୋଇଛିସେଥିରେକେବଳଶାସକଦଳରପ୍ରାର୍ଥୀନିର୍ବାଚିତହୋଇଛନ୍ତି।

# ଆମେରିକାରେ ଭାରତୀୟଙ୍କୁ ମୁଣ୍ଡ କାଟି ହତ୍ୟା



ଟେକ୍ସାସ୍, ୧୨।୯(ଏଜେନ୍ସି): ଆମେରିକା ଟେକ୍ସାସ ରାଜ୍ୟର ଡଲାସ ସହରରେ ମୋଟେଲ ମ୍ୟାନେଜର ଭାବେ କର୍ଯ୍ୟକରୁଥିବା ଜଣେ ଭାରତୀୟଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ୫୦ ବର୍ଷୀୟ ଚନ୍ଦ୍ରମୌଳି ନାଗାମାଲେୟା ନାମକ ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ତାଙ୍କ ପତ୍ନୀ ଓ ପୁଅଙ୍କ ସାମ୍ନାରେ ମୁଣ୍ଡ କାଟି ହତ୍ୟା କରାଯାଇଛି। ଏହି ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଆକ୍ରମଣକାରୀ ତାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିବା ପରେ ତାହାକୁ ଗୋଇଠା ମାରୁଛି ଓ ପରେ ଏହାକୁ ଡଷ୍ଟବିନ୍‌ରେ ଫିଙ୍ଗୁଥିବାର ଦେଖାଯାଇଛି। ଏହି କାଣ୍ଡ ଘଟାଇଛନ୍ତି ୩୭ ବର୍ଷୀୟ ୟୋର୍ଡାନିସ୍ କୋବୋସ- ମାର୍ଟିନଜ। ପୁଲିସ ତାକୁ ଗିରଫ କରିଛି। କର୍ଣ୍ଣାଟକର ଚନ୍ଦ୍ରମୌଳି ଡଲାସ୍‌ରେ ଡାଉନଟାଉନ୍ ସୁଇଟ୍ସ ମୋଟେଲରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ।

ଏକ ଭଙ୍ଗା ୱାସିଂ ମେସିନକୁ ନେଇ ଚନ୍ଦ୍ରମୌଳି ଓ ତାଙ୍କର ସହକର୍ମୀ ମାର୍ଟିନେଜଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ବୋଲି ପୁଲିସ କହିଛି। ଚନ୍ଦ୍ରମୌଳି ଏହି ଭଙ୍ଗା ୱାସିଂ ମେସିନ ବ୍ୟବହାର ନ କରିବାକୁ କହିଥିଲେ। କିନ୍ତୁ ଏନେଇ ବିବାଦ ବହୁତ ଆଗକୁ ବଢ଼ିଯାଇଥିଲା। ଉତକ୍ଷୀପ୍ତ ହୋଇ ମାର୍ଟିନେଜ ଛୁରୀରେ ଚନ୍ଦ୍ରମୌଳିଙ୍କୁ ବାରମ୍ବାର ଆଘାତ ଦେଇଥିଲା। ଫଳରେ ସେ ସାହାଯ୍ୟ ପାଇଁ ମୋଟେଲ ପାର୍କିଂ ଅଞ୍ଚଳରେ ପାଟି କରି ଦୌଡ଼ିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କର ପିଛା କରିଥିଲା ଓ ମାଚେଟ ଅର୍ଥାତ ଏକ ଧାରୁଆ ବ୍ଲେଡ୍ ଥିବା ଏକ ଛୁରୀରେ ବାରମ୍ବାର ଆକ୍ରମଣ କରିଥିଲା। ମୋଟେଲ ସାମ୍ନା ଅଫିସ୍‌ରେ ଥିବା ଚନ୍ଦ୍ରମୌଳିଙ୍କ ପତ୍ନୀ ଓ ପୁଅ ଦୌଡ଼ିଆସି ତାଙ୍କ ବଞ୍ଚାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ମାର୍ଟିନେଜ ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ସେ ଚନ୍ଦ୍ରମୌଳିଙ୍କ ମୁଣ୍ଡକାଟି ଦେଇଥିଲା। ଏହାପରେ ନିକଟରେ ଥିବା ଡଲାସ ଦମକଳ କର୍ମଚାରୀମାନେ ରକ୍ତରେ ଜୁଡୁବୁଡୁ ମାର୍ଟିନେଜକୁ ପିଛା କରିଥିଲେ। ପୁଲିସ ତାକୁ ଗିରଫ କରିଛି ଓ ସେ ମଧ୍ୟ ନିଜର ଅପରାଧ ସ୍ୱୀକାର କରିଛି। ପୁଲିସ ତା ଠାରୁ ରକ୍ତ ଲାଗିଥିବା ଏକ ଟି ସାର୍ଟ, ଏକ ଛୁରୀ, ଚନ୍ଦ୍ରମୌଳିଙ୍କ ଫୋନ୍ ଓ କି- କାର୍ଡ ଜବତ କରିଛି। ମାର୍ଟିନେଜ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ କହିଛି। ସେ ପୂର୍ବରୁ ଏକାଧିକ ଅପରାଧ ସହ ଜଡିତ। ଏହାପୂର୍ବରୁ ସେ କାଲିଫର୍ଣ୍ଣିଆରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ତାପୂର୍ବରୁ ଫ୍ଲୋରିଡା ଓ ହଷ୍ଟନରେ ତାକୁ ଗିରଫ ମଧ୍ୟ କରାଯାଇଥିଲା ବୋଲି ପୁଲିସ କହିଛି। ଏହି ଘଟଣାରେ ହଷ୍ଟନସ୍ଥିତ ଭାରତୀୟ ଦୂଦାବାସ ଚନ୍ଦ୍ରମୌଳିଙ୍କ ହତ୍ୟା ପରେ ଦୁଃଖ ପ୍ରକାଶ କରିଛି ଓ ତାଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଦେବାକୁ କହିଛି।

# ହାଇକୋର୍ଟଙ୍କୁ ବୋମା ଧମକ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଦିଲ୍ଲୀ ଓ ବମ୍ବେ ହାଇକୋର୍ଟକୁ ଶୁକ୍ରବାର ବୋମା ଧମକ ମିଳିଥିଲା। କିନ୍ତୁ ଏହି ଧମକ ଶେଷରେ ମିଥ୍ୟା ବୋଲି ଜଣା ପଡ଼ିଛି। ପ୍ରଥମେ ଦିଲ୍ଲୀ ହାଇକୋର୍ଟକୁ ଇମେଲ ଜରିଆରେ କୋର୍ଟ ରୁମ୍‌ରେ ୩ଟି ବମ୍ ରଖାଯାଇଛି ବୋଲି ସୂଚନା ମିଳିଥିଲା। ଅପରାହ୍ଣ ୨ଟା ପରେ କୋର୍ଟ ପରିସରକୁ ଖାଲି କରିବାକୁ କୁହାଯାଇଥିଲା। ଏହାପରେ ପୁଲିସ କୋର୍ଟକୁ ଖାଲି କରିଥିଲା। ବୋମା ନିଷ୍କ୍ରିୟକାରୀ ଦଳ ବମ୍ ଖୋଜିଥିଲେ। କିନ୍ତୁ କିଛି ମିଳି ନଥିଲା। ଶେଷରେ ବୋମା ବିସ୍ଫୋରଣ ଧମକ ମିଥ୍ୟା ସାବ୍ୟସ୍ତ ହୋଇଛି। ଇତିମଧ୍ୟରେ ବମ୍ବେ ହାଇକୋର୍ଟଙ୍କୁ ମଧ୍ୟ ସମାନ ଧମକ ମିଳିଥିଲା। ଫଳରେ କୋର୍ଟ ପରିସରକୁ ଖାଲି କରାଯାଇଥିଲା ଓ କିଛି ମିଳି ନଥିଲା। ଦୁଇଟି ସ୍ଥାନରେ ପାଖାପାଖି ୨ ଘଣ୍ଟା ଖୋଜାଖୋଜି କରାଯାଇଥିଲା।

ବମ୍ବେ ହାଇକୋର୍ଟ ବ୍ୟତୀତ ବିହାରରେ ମଧ୍ୟ ବୋମା ବିସ୍ଫୋରଣ ଧମକ ମିଳିଥିଲା। ସେପ୍ଟେମ୍ବର ୧୧ରେ ଏଠାରେ ବୋମା ଧମକ ମିଳିଥିଲା। ଶୁକ୍ରବାର ସର୍ବସାଧାରଣ ସ୍ଥାନରେ ବିସ୍ଫୋରଣରେ ଉଡାଇ ଦେବାକୁ କୁହାଯାଇଥିଲା। ଏହାପରେ ପୂରା ରାଜ୍ୟରେ ଆଲର୍ଟ ଜାରି କରାଯାଇଥିଲା। ପାକିସ୍ତାନର ଏକ ଏକ୍ସ ହ୍ୟାଣ୍ଡଲରୁ ଏହି ଧମକ ମିଳିଥିଲା। ଶୁକ୍ରବାର ସନ୍ଧ୍ୟା ୪ଟାରେ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଥିଲା। ଯଦି ରୋକି ପାରିବ ତ ରୋକ ବୋଲି କୁହାଯାଇଥିଲା। ଏହି ଏକ୍ସ ହ୍ୟାଣ୍ଡଲ ପାକିସ୍ତାନର ତହରିକ୍ ଲବ୍ବୈକ ନାମକ ଏକ ସଂଗଠନ ସହିତ ଜଡିତ ବୋଲି କୁହାଯାଇଛି। ଧମକ ମିଳିବା ପରେ ସର୍ବସାଧାଣ ସ୍ଥାନ, ଜନଗହଳି ଅଞ୍ଚଳ, ଧାର୍ମିକ ସ୍ଥଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଲ୍ଲେଖଥାଉ କି, ଅଗଷ୍ଟ ୨୦ରେ ଦିଲ୍ଲୀର ପାଖାପାଖି ୫୦ଟି ସ୍କୁଲ୍‌ରେ ବୋମା ବିସ୍ଫୋରଣ ଧମକ ମିଳିଥିଲା। କିନ୍ତୁ ଏହା ମିଥ୍ୟା ସାବ୍ୟସ୍ତ ହୋଇଥିଲା। ଫଳରେ କେତୋଟି ସ୍କୁଲ ଅନ୍‌ଲାଇନ୍ କ୍ଲାସ ଆରମ୍ଭ କରିଥିଲେ।

# କେବଳ ଦିଲ୍ଲୀ ନୁହେଁ, ସାରା ଦେଶ ସ୍ୱଚ୍ଛ ବାୟୁର ହକ୍‌ଦାର୍

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ସୁପ୍ରିମକୋର୍ଟ ଗୁରୁବାର ଦିଲ୍ଲୀରେ ବାଣକୁ ବ୍ୟାନ କରିବା ନେଇ ଦିଆଯାଇଥିବା ଆଦେଶକୁ ଚ୍ୟାଲେଞ୍ଜ୍ କରିଥିବା ଆବେଦନଗୁଡ଼ିକର ଶୁଣାଣି କରିଥିଲେ। କେବଳ ଦିଲ୍ଲୀ-ଏନ୍‌ସିଆରର ସହରଗୁଡ଼ିକୁ ସ୍ୱଚ୍ଛ ଓ ନିର୍ମଳ ବାୟୁ ମିଳିବାର ଅଧିକାର ଅଛି, ତେବେ ଦେଶର ଅନ୍ୟ ସହରଗୁଡ଼ିକୁ କାହିଁକି ନୁହଁ ବୋଲି ମୁଖ୍ୟ ବିଚାରପତି ବିଆର ଗବାଇ ପ୍ରଶ୍ନ କରିଛନ୍ତି। ପ୍ରଦୁଷଣ ନିୟନ୍ତ୍ରଣକୁ ନେଇ ମୁଖ୍ୟ ବିଚାରପତି ଗବାଇ ଓ ଜଷ୍ଟିସ୍ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଶୁଣାଣି କରି କହିଥିଲେ ଯେ, ଯଦି ବାଣ ବ୍ୟାନ କରିଯିବ, ତେବେ ସାରା ଦେଶରେ ବ୍ୟାନ କରାଯିବ। ନିର୍ମଳ ବାୟୁ କେବଳ ଦିଲ୍ଲୀ-ଏନ୍‌ସିଆର ପର୍ଯ୍ୟନ୍ତ ସୀମିତ ରହିବା ଉଚିତ ନୁହଁ। ବରଂ ଏହା ଦେଶର ସବୁ ନାଗରିକଙ୍କୁ ମିଳିବା ଉଚିତ ବୋଲି ଏହି ଖଣ୍ଡପୀଠ କହିଥିଲେ। ପ୍ରଦୂଷଣ ଓ ପର୍ଯ୍ୟାବରଣ ସମ୍ପର୍କରେ ଯେଉଁ ନୀତି ନିର୍ଦ୍ଧାରଣ କରାଯାଇଛି ତାହା ସାରା ଭାରତରେ ଲାଗୁ ହେବା ଉଚିତ। କେବଳ ଦିଲ୍ଲୀ ପାଇଁ ଆମେ ଏହି ନୀତି ନିର୍ଦ୍ଧାରଣ କରିବୁ ନାହୁଁ। ଦିଲ୍ଲୀରେ କେବଳ ଉଚ୍ଚ ପଦ ପଦବୀରେ ରହୁଥିବା ବ୍ୟକ୍ତି ବା ଏଲିଟ କ୍ଲାସ ପାଇଁ ଏହି ନିଷ୍ପତ୍ତି ନିଆଯାଇ ପାରିବନାହିଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୨ରେ ହେବ। ଉଲ୍ଲେଖଥାଉ କି, ସୁପ୍ରିମକୋର୍ଟ ୨୦୨୫ ଏପ୍ରିଲ ୩ରେ ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ଆଦେଶ ଅନୁସାରେ ଦିଲ୍ଲୀ ଓ ଏନ୍‌ସିଆରରେ ବାଣର ବିକ୍ରି, ସଂରକ୍ଷଣ, ପରିବହନ ଓ ତିଆରି ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ସୁପ୍ରିମକୋର୍ଟଙ୍କ ଏହି ଆଦେଶକୁ ସଂଶୋଧନ କରିବା ନେଇ ଆବେଦନ କରାଯାଇଥିଲା।

# ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି: ନେତାନ୍ୟାହୁ

ତେଲ ଅଭିଭ୍, ୧୨।୯(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ପାଲେଷ୍ଟାଇନ୍ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଆମେ କେବେବି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବାକୁ ଦେବୁନି ଓ ଏହି ସମଗ୍ର ଅଞ୍ଚଳ ଆମର। ୱେଷ୍ଟବ୍ୟାଙ୍କରେଏକବିବାଦୀୟବନ୍ଦୋବସ୍ତ ପ୍ରସସ୍ତୀକରଣପ୍ରକଳ୍ପନେଇ ଏକ ମହତ୍ତ୍ୱପୂର୍ଣ୍ଣ ଚୁକ୍ତିରେ ସ୍ୱାକ୍ଷର କରିବା ପରେ ସେ ଏହି କଥା କହିଛନ୍ତି। ଏହି ଚୁକ୍ତି ଅନୁସାରେ ୱେଷ୍ଟବ୍ୟାଙ୍କ ଅଞ୍ଚଳରେ ଇ୧ ସେଟେଲମେଣ୍ଟ ପ୍ରକଳ୍ପକୁ ଆଗକୁ ବଢ଼ାଯିବ। ଫଳରେ ପୂର୍ବ ଜେରୁଜେଲମ ନିକଟରେ ୧୨ ବର୍ଗ କିମି ଅଞ୍ଚଳରେ ହଜାର ନୂଆ ଘର, ସଡକ ଓ ବିଭିନ୍ନ ସ୍ଥାୟୀ ଢ଼ାଞ୍ଚା ନିର୍ମାଣ କରାଯିବ। ୮, ୪୦୦ କୋଟି ଟଙ୍କା ବିନିୟମରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହି ଜମି ହେଉଛି ଆମର ଓ ଆମେ ଆମର ପରମ୍ପରା ଓ ଜମିକୁ ରକ୍ଷା କରିବାକୁ ବଦ୍ଧପରିକର ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପକୁ ଇସ୍ରାଏଲ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୋଜନା କମିଟି ନିକଟରେ ମଞ୍ଜୁରି ପ୍ରଦାନ କରିଥିଲା। ଏହି ପ୍ରକଳ୍ପ ପୂର୍ବରୁ ୨୦୧୨ ଓ ୨୦୨୦ରେ ଆମେରିକା ଓ ୟୁରୋପିୟ ୟୁନିୟନର ବିରୋଧ କାରଣରୁ ଆଗକୁ ବଢ଼ି ପାରି ନଥିଲା। କିନ୍ତୁ ଏବେ ଏହାକୁ ପୁଣି ଥରେ ଆରମ୍ଭ କରାଯିବ।

## ସିକ୍କିମରେ ଭୂସ୍ଖଳନ; ୪ ମୃତ

ନୂଆଦିଲ୍ଲୀ, ୧୨।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ସିକ୍କିମରେ ଭୂସ୍ଖଳନ ଯୋଗୁଁ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ଜଣ ନିଖୋଜ ହୋଇଛନ୍ତି। ପଶ୍ଚିମ ସିକ୍କିମର ୟଙ୍ଗଥଙ୍ଗର ଅପର ରିମ୍ବି ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଶୁକ୍ରବାର ରାତିରେ ଭୂସ୍ଖଳନ ହୋଇଥିଲା। ଏହାର ଏକ ଭିଡିଓ ସାମ୍ନାକୁ ଆସିଛି। ପ୍ରବଳ ସ୍ରୋତରେ ବହୁଥିବା ଏକ ନଦୀରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଗାମୀ କେତୋଟି ଦିନରେ ଆହୁରି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ଆଲର୍ଟ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଆଗ୍ରାରେ ଯମୁନା ନଦୀର ବନ୍ୟା ଆସିଛି। ଏଠାରେ ୨୫ କଲୋନୀ ଓ ୪୦ଟି ଗାଁରେ ୨ରୁ ୫ ଫୁଟ ଉଚ୍ଚର ପାଣି ପଶିଛି। ତାଜମହଲ ପଛରେ ଥିବା ପାର୍କ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ରିଲିଫ୍ ଶିବିରରେ ଆଶ୍ରୟ ନେଇଛନ୍ତି। ଆଗ୍ରାରେ ୪୭ ବର୍ଷ ପରେ ଏଭଳି ବନ୍ୟା ଆସିଛି। ହିମାଚଳ ପ୍ରଦେଶରେ ଜୁନ୍ ୨୦ରୁ ଆରମ୍ଭ ହୋଇଥିବା ମୌସୁମୀ ବର୍ଷା, ବନ୍ୟା ଓ ଭୂସ୍ଖଳନ କାରଣରୁ ଏପର୍ଯ୍ୟନ୍ତ ୩୮୦ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪୦ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନରେ ସବୁଠାରୁ ଅଧିକ ୪୮ ଜଣ ମୃତ୍ୟୁବରଣ କରିଛନ୍ତି। ସେହିପରି ବାଦଲଫଟା ବର୍ଷାରେ ୧୭ ଜଣ ପ୍ରାଣ ହରାଇଛନ୍ତି।

## ସୃଷ୍ଟି ହେଲା ଲଘୁଚାପ
# ଦକ୍ଷିଣ ଓଡ଼ିଶାରେ ବର୍ଷା

ଭୁବନେଶ୍ୱର,୧୨।୯ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପଶ୍ଚିମ କେନ୍ଦ୍ରୀୟ ଓ ପାଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନ ଏହା ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିଛି। ଶୁକ୍ରବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ସାଢ଼େ ୫ ଟା ମଧ୍ୟରେ ରାୟଗଡ଼ାରେ ସର୍ବାଧିକ ୪୧ ମିମି ବର୍ଷା ହୋଇଥିବା ବେଳେ ନୟାଗଡ଼ ୩୩, ଛତ୍ରପୁର ୨୪, କୋରାପୁଟ ୨୦, ଝାରସୁଗୁଡ଼ା ୧୮, କଟକ ୧୨ ଓ ଗୋପାଳପୁରରେ ୧୦ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨ ଦିନ ମଧ୍ୟରେ ଲଘୁଚାପଟି ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଦେଇ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆସନ୍ତା ୧୫ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି। ତେବେ ଆଗାମୀ ୪୮ ଘଣ୍ଟାରେ ଲଘୁଚାପର ପ୍ରଭାବ ସବୁଠୁ ଅଧିକ ରହିବାକୁ ଥିବାରୁ ଶନିବାର ପାଇଁ ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲା ପାଇଁ ବର୍ଷା ଜନିତ ଆଲର୍ଟ ଜାରି ହୋଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଶନିବାର କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଲଘୁଚାପ ପ୍ରଭାବର ଉତ୍ତର ପଶ୍ଚିମବଙ୍ଗୋପସାଗରରେ ପବନର ବେଗ ୩୫-୪୫ କିମି ଓ ଝଟକା ପବନ ୫୫ କିମି ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଦକ୍ଷିଣ ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି।



ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନୁକୂଳ

ଅନ୍ୟପଟେ ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ ପାଇଁ ପାଗ ଅନକୂଳ ହୋଇଛି। ଆସନ୍ତା ୧୫ ତାରିଖ ମଧ୍ୟରେ ଦେଶର ଉତ୍ତର ପଶ୍ଚିମ ଭାଗ ଯଥା ପଶ୍ଚିମ ରାଜସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ସମ୍ଭାବନା ରହିଛି। ସାଧାରଣତଃ ଲଗାତାର ୫ ଦିନ ପର୍ଯ୍ୟନ୍ତ ବର୍ଷା କମିବା ପରେ ମୌସୁମୀ ପ୍ରତ୍ୟାବର୍ତ୍ତନ ଜନିତ ସ୍ଥିତି ସୃଷ୍ଟି ହୋଇଥାଏ। ଗୁରୁଚାପ ବଳୟ ସୃଷ୍ଟି ହେବା ସହ ଆକାଶ ନିର୍ମଳ ମଧ୍ୟ ରହିବ। ସେପ୍ଟେମ୍ବର ୧ ପରେ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥାଏ। ଓଡ଼ିଶାରୁ ମୌସୁମୀ ଅକ୍ଟୋବର ୧୦-୧୫ ତାରିଖ ମଧ୍ୟରେ ବିଦାୟ ନେଇଥାଏ। ଯେହେତୁ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ସମୟରେ ଦେଶରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଛି, ଓଡ଼ିଶାରୁ ମଧ୍ୟ ସଠିକ୍ ସମୟରେ ମୌସୁମୀ ବିଦ୍ୟାୟ ନେବା ନେଇ ଆକଳନ କରାଯାଉଛି।

## ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍
# କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

ପୁରୀ,୧୨।୯ (ସମିସ): ବାରମ୍ବାର ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡୁଛି ଡ୍ରୋନ୍। ଏ ନେଇ ବାରମ୍ବାର ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ସେମାନେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଆକ୍ଟିଭ୍ ହେବା ନେଇ ସୂଚନା ଦିଆଯାଇଥିଲା। ହେଲେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ଏବେ ଚିନ୍ତା ବଢ଼ାଇ ଦେଲାଣି ଡ୍ରୋନ୍ ଉଡ଼ାଣ। କିଛିଦିନର ବ୍ୟବଧାନ ପରେ ଗୁରୁବାର ରାତିରେ ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଥିଲା। ପ୍ରାୟ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ନିକଟରେ ଡ୍ରୋନ୍‌ଟି ପଇଁତରା ମାରିଥିଲା। ଡ୍ରୋନ୍‌ଟି ନୀଳଚକ୍ରଠାରୁ ସିଂହଦ୍ୱାର, ପୁଣି ସିଂହଦ୍ୱାରରୁ ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା ମାର୍ଗ ଉପରି ଭାଗରେ ଉଡ଼ି ବୁଲୁଥିଲା। ତେବେ ଡ୍ରୋନ୍‌ଟି କେଉଁଠାରୁ ଅପରେଟ୍ ହେଉଛି, କିଏ ଅପରେଟ୍ କରୁଛି ତାହା ଜଣାପଡ଼ି ନ ଥିଲା। ଏହି ଘଟଣାର ୨୪ ଘଣ୍ଟା ନ ପୂରୁଣୁ ଶୁକ୍ରବାର ସକାଳେ ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଥିଲା ଡ୍ରୋନ୍। ନୀଳଚକ୍ର ଉପର ଦେଇ ଏହି ଡ୍ରୋନ୍ ପ୍ରାୟ ୧୦ ମିନିଟ୍ ଧରି ସେଠାରେ ଉଡ଼ି ବୁଲିଥିଲା। ଏହାକୁ କିଏ ଏବଂ କେଉଁଠୁ ଅପରେଟ୍ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ମଧ୍ୟ କୌଣସି ସୁରାକ୍ ପାଇପାରି ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ୍ୟ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁ ନାହିଁ। ତେବେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଯେପରି ଡ୍ରୋନ୍ ଉଡ଼ାଣ ନ ହେବ ସେଥିଲାଗି ଆଣ୍ଟି ଡ୍ରୋନ୍ ସିଷ୍ଟମ ଆକ୍ଟିଭ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଥିଲା। ଚଳିତବର୍ଷ ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ଗତ ଜୁନ୍ ୨୬ ତାରିଖରେ ଶ୍ରୀମନ୍ଦିର ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ପାଇଁ ଏହି ଆଣ୍ଟି ଡ୍ରୋନ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ହିଁ ଶ୍ରୀମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉଡୁଥିବା ଗୋଟିଏ ଡ୍ରୋନ୍‌କୁ ନିଷ୍କ୍ରିୟ କରାଯାଇଥିଲା। ଦକ୍ଷିଣ ଦ୍ୱାର ପାଶ୍ୱର୍ରେ ଉଡୁଥିବା ଏକ ଡ୍ରୋନକୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଖସାଇ ଦେଇଥିଲା। ଏହି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଦ୍ୱାରା ଏକ ନେଟ୍‌ୱର୍କ କ୍ଷେତ୍ର ସୃଷ୍ଟି ହେବ। ବେଆଇନ ଭାବେ ଡ୍ରୋନ୍ ଉଡ଼ିଲେ ଏହାକୁ ଚିହ୍ନଟ କରି ତୁରନ୍ତ ନିଷ୍କ୍ରିୟ କରିବ ଏହି ସିଷ୍ଟମ୍ ବୋଲି କୁହାଯାଇଥିଲା। ହେଲେ ଏହା ପରେ ଏକାଧିକଥର ଉଡ଼ିଲାଣି ଡ୍ରୋନ୍। କିନ୍ତୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ନିଷ୍କ୍ରିୟ କରିବାରେ ଫେଲ୍ ମାରିଛି। ଫଳରେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?

## ସାର ନିଅଣ୍ଟ; ବର୍ଷିଲା ବିଜେଡି
# ୧୫ରେ ରାଜଭବନ ଆଗରେ ବିଶାଳ ଗଣଧାରଣା

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ରହିଛି ବୋଲି ରାଜ୍ୟ ସରକାର ବାରମ୍ବାର ଦାବି କରୁଛନ୍ତି। ହେଲେ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ସାର ସଂକ୍ରାନ୍ତ ସରକାରଙ୍କ ସବୁ ଦାବି ମିଥ୍ୟା ପ୍ରମାଣିତ ହୋଇଛି। ଏହାର ପ୍ରତିବାଦରେ ଆସନ୍ତା ୧୫ ତାରିଖରେ ବିଜେଡି ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟରେ ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ ସାରର କଳାବଜାରୀ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଶ୍ରୀ ଦାସବର୍ମା କହିଛନ୍ତି ରାଜ୍ୟର ମୁଖ୍ୟମନ୍ତ୍ରୀ ସାର ସମସ୍ୟା ଉପରେ ସମୀକ୍ଷା କରିବା ପରେ ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ସମୀକ୍ଷା କରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। ମାତ୍ର ସାର ନମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ସରକାର ସମସ୍ୟାର ସମାଧାନ ନକରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି। ସରକାରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଦାବି ଏକ ପ୍ରହସନ ବୋଲି ସ୍ପଷ୍ଟ ପ୍ରମାଣିତ ହେଉଛି। ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ସାର ସ୍ଥିତି ଅତ୍ୟାବଶ୍ୟକୀୟ ପରିମାଣ ଠାରୁ ବହୁତ କମ ପରିମାଣର ସାର ମିଳି ପାରିଛି। ମାତ୍ର ସରକାର ଲୋକଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।




ପ୍ରମିଳା ମଲ୍ଲିକ କହଛନ୍ତି ଯେ ରାଜ୍ୟର ୭୦ ପ୍ରତିଶତ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭର କରେ। ସରକାରଙ୍କ ବେପରୁଆ ମନୋଭାବ ଯୋଗୁ ସାରର ନିଅଣ୍ଟ ସ୍ଥିତି ସୃଷ୍ଟି ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀକୁ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ; କିନ୍ତୁ କୌଣସି ସମାଧାନର ରାସ୍ତା ବାହାରି ନାହିଁ। ପ୍ରାୟ ସାତ ବର୍ଷ ପୂର୍ବେ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଳଚେର ସାର କାରଖାନା କାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଏହି କାରଖାନା ୩୬ ମାସରେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। କିନ୍ତୁ ସାତ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସାର କାରଖାନା କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ରାଜ୍ୟର କୃଷକ ସମାଜର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସ୍ୱର ଉତ୍ତୋଳନ କରିବ। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ, ଆଗାମୀ ୧୫ ତାରିଖରେ ବିଜୁ ଜନତା ଦଳ ତରଫରୁ ରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ସେ କହିଛନ୍ତି।

**ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ସାର ସମସ୍ୟା**

**୮୪ ମାସ ପରେ ବି କାର୍ଯ୍ୟକ୍ଷମ ହେଲାନି ସାର କାରଖାନା**

# ନଭେମ୍ବର ୫ରୁ ଐତିହାସିକ କଟକ ବାଲିଯାତ୍ରା
## କେବଳ ତଳ ପଡ଼ିଆରେ ଯାତ୍ରା, ତିଆରି ହେବ ଗ୍ରୀନ୍ କରିଡର୍

କଟକ, ୧୨।୯ (ସମିସ): କଟକ ଜିଲ୍ଲା ତଥା ରାଜ୍ୟର ପ୍ରାଚୀନ କଳା, ହସ୍ତଶିଳ୍ପ, ସଂସ୍କୃତି ଏବଂ ସାମୁଦ୍ରିକ ଐତିହ୍ୟକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା କଟକ ଉତ୍ସବ-୨୦୨୫ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଅନୁଷ୍ଠିତ ଐତିହାସିକ ବାଲିଯାତ୍ରା କଟକ -୨୦୨୫ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଚଳିତ ବର୍ଷ ସୁରକ୍ଷିତ ବାଲିଯାତ୍ରା ଆୟୋଜନକୁ ଗୁରୁତ୍ୱ ଦେଇଥିଲେ। ଚଳିତ ବର୍ଷ ବାଲିଯାତ୍ରା କେବଳ ତଳ ପଡ଼ିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କଠାରୁ ଅନୁମତି ଅଣାଯାଇସାରିଛି। ଏନଜିଟିର ଆଦେଶ ସହ ଉଚ୍ଚ ନ୍ୟାୟାଳୟର ନିୟମାବଳୀ ଅନୁଯାୟୀ ବାଲିଯାତ୍ରା ପରିଚାଳନାର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବାଲିଯାତ୍ରାର ସୂଚାରୁ ପରିଚାଳନା ନିମନ୍ତେ ବିଭିନ୍ନ କମିଟିମାନ ଗଠନ କରାଯାଇଛି। ଏଥି ସହ ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ପାଇଁ ଲଗାତାର ତୃତୀୟ ବର୍ଷ ନିମନ୍ତେ ଚଳିତ ଥରର ବାଲିଯାତ୍ରା ସମ୍ପର୍କିତ ରିପୋର୍ଟ ୟୁନେସ୍କୋକୁ ପଠାଯିବ। ଏହାସହ ଗ୍ରୀନ୍ କରିଡର, ପାର୍କିଂ ବ୍ୟବସ୍ଥା, ଖାଦ୍ୟ ପଦାର୍ଥର ମାନ ଯାଞ୍ଚ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରୀନ୍ କରିଡରର ଦୁଇ ପାଶ୍ୱର୍ରେ ଉଠା ଦୋକାନୀଙ୍କୁ ବସିବାକୁ ନ ଦେଇ ଅନ୍ୟତ୍ର ସ୍ୱତନ୍ତ୍ର ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଉଭୟ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ କଳାକାରଙ୍କ ଲୋକପ୍ରିୟତା ଦୃଷ୍ଟିରୁ ସମାନ୍ତରାଳ ଭାବେ ସାଂସ୍କୃତିକ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। ପାର୍କିଂସ୍ଥାନରୁ ବାଲିଯାତ୍ରା ପଡିଆ ପର୍ଯ୍ୟନ୍ତ ନେବା ଆଣିବା ପାଇଁ ଅତି କମରେ ୪୦ଟି ବସ୍ ସେବା ପାଇଁ ସ୍ଥିର କରାଯାଇଛି। ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ସମ୍ପୂର୍ଣ୍ଣ ଟ୍ରାଫିକ୍ ନିୟନ୍ତ୍ରଣର ରୂପରେଖ ଉପସ୍ଥାପନ କରିଥିଲେ।



## ■ ହାତୀ ଦେଖିବା କାଳ ହେଲା
# ଆକ୍ରମଣରେ ଜଣେ ମୃତ, ୨ ଗୁରୁତର

ବାଲିବନ୍ଧ, ୧୨।୯ (ସମିସ): କେନ୍ଦୁଝରେ ବନଖଣ୍ଡ ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ଘଟିଯାଇଛି ଅଭାବନୀୟ ଘଟଣା। ରାଜବସା ଗାଁ ନିକଟରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଜଣାପଡିଛି। ସେମାନେ ହାତୀକୁ ଦେଖିବାକୁ ଯାଇଥିଲା ବେଳେ ଆକ୍ରମଣର ଶିକାର ହୋଇଥିଲେ। ମୃତକ ହେଉଛନ୍ତି ଝୁମ୍ପୁରା ଥାନା ନହବେଡା ପଞ୍ଚାୟତ ଘୁଣ୍ଟୁପଶି ଗ୍ରାମର ରାଜକିଶୋର ମହାନ୍ତ (୪୩ବର୍ଷ)। ଗୁରୁତରଦ୍ୱୟ ହେଉଛନ୍ତି ଟୋଲକବାହାଳ ଗ୍ରାମର ଅଶାଲୁ ମହାନ୍ତ ଏବଂ ରାଜାବସା ଗ୍ରାମର ପତି ନାଏକ। ରାଜାବସା ନିକଟ ଜଙ୍ଗଲରେ ୭ ଟିକିଆ ହାତୀପଲ ରହିଥିବା ବେଳେ ଗୋଟିଏ ଦନ୍ତା, ଦୁଇଟି ଛୋଟ ଛୁଆ ରହିଥିବା ବନ ବିଭାଗ ସୂଚନା ଦେଇଛି। ଏହି ହାତୀ ପଲକୁ ସୁରକ୍ଷିତ ଘଉଡ଼ାଇବାକୁ ବନ ବିଭାଗ ଚେଷ୍ଟା କରୁଥିଲା ବେଳେ ହାତୀ ଉପଦ୍ରବ ନେଇ ଅଞ୍ଚଳବାସୀ ଚିନ୍ତାଗ୍ରସ୍ତ ଅଛନ୍ତି।

# ଆଇଏଏସ୍ ସ୍ତରରେ ଛୋଟ ଅଦଳବଦଳ

ଭୁବନେଶ୍ୱର,୧୨।୯ (ସମିସ): ରାଜ୍ୟ ସରକାର ଶୁକ୍ରବାର ଆଇଏଏସ୍ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତିଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅଦଳବଦଳରେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ବିଜୟ ଅମୃତା କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଉଥିଲେ। ଅନ୍ୟପଟେ ବର୍ତ୍ତମାନ ସେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ଆୟୁଷର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଓ ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଞ୍ଜନା ପଣ୍ଡାଙ୍କୁ ଆୟୁଷର ନିର୍ଦ୍ଦେଶିକା ଭାବେ ନିଯୁକ୍ତି ଦିଆଯାଇଛି। ସେ ଏବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଅବକାରୀ କମିଶନର ଥିବା ୨୦୧୭ ବ୍ୟାଚ୍‌ର ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ପାକିସ୍ତାନକୁ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ଗୁପ୍ତ ତଥ୍ୟ ଲିକ୍‌ର ଅନ୍ୟତମ ଅଭିଯୁକ୍ତ କୋର୍ଟରେ ହାଜର
# ଆଇଏସ୍‌ଆଇ ଏଜେଣ୍ଟ ଆସିଫ ଅଲ୍ଲୀ ବାଲେଶ୍ୱର ଜେଲ୍‌ରେ


ବାଲେଶ୍ୱର,୧୨।୯ (ସମିସ): ଦେଶଦ୍ରୋହ ତଥା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ଗୁପ୍ତ ତଥ୍ୟ ପାକିସ୍ତାନକୁ ଲିକ୍ ଘଟଣାରେ ଆଉ ଜଣେ ଅଭିଯୁକ୍ତ ଆଜି ବାଲେଶ୍ୱର ଜେଏମ୍‌ଏଫ୍‌ସି ସିଟି କୋର୍ଟରେ ହାଜର ହୋଇଛି। ଆଇଏସ୍‌ଆଇକୁ ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ ତଥ୍ୟ ଲିକ୍ କରିବା ମାମଲାର ଅନ୍ୟଜଣେ ଅଭିଯୁକ୍ତ ପାକିସ୍ତାନୀ ଆଇଏସ୍‌ଆଇ ଏଜେଣ୍ଟ ଆସିଫ ଅଲ୍ଲୀ ଆଜି ମିରଟ ଜେଲ୍‌ରୁ ବାଲେଶ୍ୱର ଜେଲ୍‌କୁ ସ୍ଥାନାନ୍ତର ହୋଇଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥାକୁ କ୍ଷେପଣାସ୍ତ୍ର ପରୀକ୍ଷଣ ତଥ୍ୟ ହସ୍ତାନ୍ତର ମାମଲାରେ ଅନ୍ୟତମ ଅଭିଯୁକ୍ତ ଥିଲା ଆଇଏସ୍‌ଆଇ ଏଜେଣ୍ଟ ଆସିଫ ଅଲ୍ଲୀ। ଆସିଫ ମିରଟରେ ଏକ ମାମଲାରେ ଖଲାସ ହେବା ପରେ ବାଲେଶ୍ୱର ଜେଏମ୍‌ଏଫ୍‌ସି ସିଟି କୋର୍ଟରେ ମିରଟ ପୁଲିସ ଆଜି ହାଜର କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବାଲେଶ୍ୱର ଜେଲ୍‌କୁ ହାଜତକୁ ପଠାଇ ଦିଆଯାଇଛି।




ସୂଚନାଯୋଗ୍ୟ, ପୂର୍ବରୁ ଅର୍ଥାତ୍ ୨୦୧୫ ମସିହାରେ ଚାନ୍ଦିପୁର ଡିଆରଡିଓରେ କ୍ୟାମେରାମ୍ୟାନ୍ କାର୍ଯ୍ୟ କରୁଥିବା ଈଶ୍ୱର ବେହେରା ଡିଆରଡିଓର କିଛି ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଇଥିଲେ। ଏହି ତଥ୍ୟ ପାକିସ୍ତାନକୁ ଦେବା ସମୟରେ ସେତେବେଳେ ଈଶ୍ୱର ବେହେରା ଉତ୍ତରପ୍ରଦେଶର ଆସିଫ ଅଲ୍ଲୀଙ୍କ ସହ ଯୋଗାଯୋଗରେ ରହିଥିଲେ। ଏହା ସାମ୍ନାକୁ ଆସିଲା ପରେ ସେତେବେଳେ ଚାନ୍ଦିପୁରର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱରରୁ ଈଶ୍ୱର ବେହେରା ଓ ଉତ୍ତରପ୍ରଦେଶରୁ ଆସିଫ ଅଲ୍ଲୀ ଗିରଫ ହୋଇଥିଲେ। ଈଶ୍ୱର ଗିରଫ ହୋଇ ବାଲେଶ୍ୱର ଜେଲ୍‌ରେ ଆଜୀବନ ଜେଲଦଣ୍ଡ କାଟୁଥିବା ବେଳେ ଉତ୍ତରପ୍ରଦେଶର ଆସିଫଙ୍କ ନାଁରେ ବାଲେଶ୍ୱରର କୋର୍ଟରେ ମଧ୍ୟ ମାମଲା ରହିଥଲା।

**୨୦୧୫ରେ ଗିରଫ ହୋଇଥିଲେ ଈଶ୍ୱର ବେହେରା ଓ ଆସିଫ୍ ଅଲ୍ଲୀ**

# ହୀରାକୁଦ ଜଳସ୍ତର ୬୨୯ ଡେଇଁଲା, ଖୋଲିଲା ୫ ଗେଟ୍



ସମ୍ବଲପୁର, ୧୨।୯ (ସମିସ) : ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ଜଳଭଣ୍ଡାରର ଜଳସ୍ତର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ୬୨୯ ଫୁଟ୍ ବଜାୟ ରଖାଯିବ। ଉଲ୍ଲେଖଯୋଗ୍ୟ ଯେ, ଜଳଭଣ୍ଡାରର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ଅଟେ। ଆଜି ସକାଳ ୮ଟା ସମୟରେ ଜଳସ୍ତର ୬୨୯ ଫୁଟ୍ ଡେଇଁବା ପରେ ପର୍ଯ୍ୟାୟକ୍ରମେ ୨ଟି ଲେଖାଏ ଗେଟ୍ ଖୋଲି ଏବେ ମୋଟ ୫ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୦୨ ଫୁଟ୍ ରହିଛି। ନଦୀବନ୍ଧର ବାମ ପାଶ୍ୱର୍ର ୩ଟି ଓ ଡାହାଣ ପାଶ୍ୱର୍ର ୨ଟି ଏହିଭଳି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୬,୨୧୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୧୮,୯୨୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୮୧,୮୧୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨,୫୧୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୦.୦୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୨.୨୯ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୭.୩୯ ଫୁଟ୍ ରହିଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର,୧୨।୯ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ଜଣେ ନର୍ସିଂ ଛାତ୍ର ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ମୃତ ନର୍ସିଂ ଛାତ୍ର ଜଣଙ୍କ ହେଲେ ସୋର ଅଞ୍ଚଳର ରୋମିଓ ରଞ୍ଜନ ସାମଲ(୨୦)। ମୃତ୍ୟୁର କାରଣ ଏଯାଏଁ ଅସ୍ପଷ୍ଟ ଥିବାବେଳେ ଅନଲାଇନ୍ ଗେମ୍‌ରେ ଟଙ୍କା ହରାଇବା ଦୁଃଖରେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ମୃତ୍ୟୁକୁ ନେଇ ପରିବାର ଲୋକ ମୁହଁ ଖୋଲିନଥିବା ବେଳେ ପୁଲିସ ମଧ୍ୟ ଏହାର କାରଣ ସ୍ପଷ୍ଟ କରିନାହିଁ।

ସୂଚନାନୁଯାୟୀ, ବିଏସ୍‌ସି ନର୍ସିଂର ଛାତ୍ର ରୋମିଓ ପୁରୀର ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ତାଙ୍କ ବାପା ମୃତ୍ୟୁଞ୍ଜୟ ସାମଲ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ। ତେଣୁ ରୋମିଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବାପାଙ୍କୁ ନେବାଆଣିବା କରିବା ସହ ସେଠାରେ ନର୍ସିଂ ଟ୍ରେନିଂ ନେଉଥିଲେ। ହଠାତ୍ ଗତକାଲି ରାତିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସର୍ଜରୀ ୱାର୍ଡର ଡ୍ରେସିଂରୁମ୍ ଫ୍ୟାନ୍‌ରେ ସେ ଝୁଲିପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଫ୍ୟାନରୁ ଓହ୍ଲାଯାଇ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଅନ୍‌ଲାଇନ୍ ଗେମ୍ ଖେଳି ଆତ୍ମହତ୍ୟା କରିଥିବା ସନ୍ଦେହ**

## ମାର୍ଶାଘାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଘଟଣ
# କନିଷ୍ଠ କିରାଣିଙ୍କ ଆତ୍ମାହୁତି ଉଦ୍ୟମ

ମାର୍ଶାଘାଇ,୧୨।୯ (ସମିସ): ମାର୍ଶାଘାଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ କନିଷ୍ଠ କିରାଣି (ଟାଇପିଷ୍ଟ) ଅରୁଣ କୁମାର ରଥ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ଶ୍ରୀ ରଥ ପେଟ୍ରୋଲ ଢାଳି ଆତ୍ମାହୁତି ଦେବାକୁ ଚେଷ୍ଟା କରୁଥିବାବେଳେ ସେଠାରେ ଉପସ୍ଥିତ ଥିବା ମାଜିଷ୍ଟ୍ରେଟ୍ ଶ୍ରୀକାନ୍ତ ପରିଜା ତାଙ୍କୁ ଏଥିରୁ କ୍ଷାନ୍ତ କରିଥିଲେ। ଅଦାଲତରୁ ନ୍ୟାୟ ନପାଇ ଶ୍ରୀ ରଥ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶ୍ରୀ ରଥ ୨୩ ବର୍ଷ ଧରି ମାର୍ଶାଘାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କିରାଣି (ଟାଇପିଷ୍ଟ) ଭାବେ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇଥିଲା। ସେ ଏହାକୁ ବିରୋଧ କରି ଅଦାଲତର ଆଶ୍ରୟ ନେଇ ବିଫଳ ହୋଇଥିଲେ। ଫଳରେ ଅରୁଣଙ୍କୁ ସ୍ଥାୟୀ ନିଯୁକ୍ତି ମିଳି ନ ଥିଲା। ଅରୁଣ ନ୍ୟାୟ ପାଇଁ ଅନଶନ କରିଥିବାବେଳେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଅରୁଣ ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ, ମାର୍ଶାଘାଇ ଥାନା ଅଧିକାରୀ, ତହସିଲଦାର, ଉଚ୍ଚମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ୧୨ ତାରିଖ ବିଦ୍ୟାଳୟ ସ୍ୱନକ୍ଷତ୍ର ଅବସରରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଥିଲେ।

### ବିଛାଖଣ୍ଡି ପାହାଡ଼ରେ ଦିନରାତି ବେଆଇନ ବ୍ଲାଷ୍ଟିଂ

# ବିନା ଟ୍ରାଞ୍ଜିଷ୍ଟ ପାସ୍‌ରେ କଳାପଥର ଚୋରାଚାଲାଣ

କବାଟବନ୍ଧ, ୧୨।୯ (ସମିସ)



ରାଜ୍ୟରେ ହଇଚଇ ସୃଷ୍ଟି କରିଥିବା ବହୁ ଚର୍ଚ୍ଚିତ ବିଛାଖଣ୍ଡି ପାହାଡ଼ରୁ କଳାପଥର ଲୁଟ୍ ପ୍ରକ୍ରିୟା ଏବେ ଯଥା ପୂର୍ବ ତଥା ପର ନିୟମରେ ଚାଲିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରେଖିଦେଇପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ରହିଥିବା ଏହି ବିଛାଖଣ୍ଡି କଳାପଥର ଖାଦାନରୁ କୋଟି କୋଟି ଟଙ୍କାର କଳାପଥର ଲୁଟ ଅପେକ୍ଷାକୃତ ବୃଦ୍ଧି ପାଇଛି। ଏହି ଲୁଟର ମାଷ୍ଟର ମାଇଣ୍ଡ ସାଜିଛନ୍ତି ଖୋଦ ଲିଜ୍‌ଧାରୀ। କଳାପଥର ଲୁ୍ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି ସରକାରୀ ଲିଜ୍। ନାମକୁ ମାତ୍ର ଲିଜ୍ ଦେଇ ସରକାର ହାତ ଟେକି ଦେଇ କୋଟି କୋଟି ଟଙ୍କାର ରାଜସ୍ୱ ହାନି କରୁଥିବା ବେଳେ ବେଆଇନ ଭାବେ କୋଟି କୋଟି ଟଙ୍କାର ଫାଇଦା ନେଉଛନ୍ତି ଲିଜଧାରୀ। କଳାପଥର ଉତ୍ତୋଳନ ପାଇଁ ଲିଜଧାରୀ ସମସ୍ତ ସରକାରୀ ନିୟମ କାନୁନ ଏବଂ କାଗଜପତ୍ର ଅନୁଯାୟୀ ଅନୁମତି ପାଇଥିବା ପରିମାଣର ପଥର ଉତ୍ତୋଳନ କରିବା ପାଇଁ ଚୁକ୍ତିନାମା ହୋଇଥିବା ବେଳେ ବିନା କାଗଜପତ୍ର ତଥା କୌଣସି ଟ୍ରାଞ୍ଜିଷ୍ଟ ପାସ୍ ବ୍ୟବହାର ନ କରି ଦୈନିକ ଶହ ଶହ ଟ୍ରିପ୍ ମୂଲ୍ୟବାନ କଳାପଥର ଚୋରି କରୁଛନ୍ତି। ଦିନରାତି ବେଧଡ଼କ ଲୁଟ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଚୋରାପଥର ମାଫିଆମାନେ ସେମାନଙ୍କ କାର୍ଯ୍ୟବିସ୍ତାର କରି ଚାଲିଛନ୍ତି। ଅନ୍ୟ ପକ୍ଷରେ ବେଆଇନ ପଥର ବ୍ଲାଷ୍ଟିଂ ଯୋଗୁଁ ପରିବେଶ ପ୍ରଦୂଷଣ ହୋଇ ପାହାଡ଼ ସଂଲଗ୍ନ ଅଞ୍ଚଳବାସୀ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ପଥର ବ୍ଲାଷ୍ଟିଂରେ ବ୍ୟବହାର ହେଉଥିବା ଅମୋନିୟମ ନାଇଟ୍ରେଟ, ଡିନାମାଇଟ, ବ୍ଲାକ ପାଉଡର, ଡେଟୋନେଟର ଆଦି ମାରାତ୍ମକ ଉଚ୍ଚକ୍ଷମତା ସମ୍ପନ୍ନ କେମିକାଲ ମାନବ ସ୍ୱାସ୍ଥ୍ୟ ପାଇଁ ଦୀର୍ଘକାଳୀନ ବିପଦ ସୃଷ୍ଟି କରୁଛି। ଜଳଉତ୍ସଗୁଡ଼ିକ ଏତେ ମାତ୍ରାରେ ପ୍ରଦୂଷଣ ହୋଇଛି ଯେ ଏବେ ଉକ୍ତ ଅଞ୍ଚଳରେ ବହୁ ସଂଖ୍ୟକ କିଡ୍‌ନୀ ରୋଗୀ ଦେଖାଦେଲେଣି।

ଦୈନିକ କୋଟି କୋଟି ଟଙ୍କାର କଳାପଥର ଲୁଟ ହେବା ଯୋଗୁଁ ସରକାର ବ୍ୟାପକ ପରିମାଣର ରାଜସ୍ୱ ହରାଉଛନ୍ତି। ଅନ୍ୟ ପକ୍ଷରେ ଏହି ଲୁଟ ଟଙ୍କା ସିଧାସଳଖ ଲିଜ ନାମରେ ଲୁଟ କରୁଥିବା ମାଫିଆଙ୍କ ପକେଟକୁ ଯାଉଛି। ଏହି କଳାପଥର ଲୁଟ ପଛରେ ପ୍ରଶାସନିକ ସ୍ତରରେ ଅଘୋଷିତ ମେଣ୍ଟ ହୋଇଥିବା ମଧ୍ୟ ବିଶେଷ ସୂତ୍ରରୁ ଖବର ମିଳିଛି।

ଧର୍ମଶାଳା ତହସିଲ ଅଧୀନରେ ଥିବା କଳାପଥର ଖାଦାନ ଗୁଡ଼ିକ ମଧ୍ୟରୁ ବିଛାଖଣ୍ଡି ଅଞ୍ଚଳରେ କଳାପଥର ଚୋରି ସବୁଠୁ ଆଗରେ ରହିଛି। ପଥର ମାଫିଆମାନେ ଲିଜ ଆଳରେ ଏହାକୁ ଲୁଟ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ମାତ୍ର ପ୍ରଶାସନ ନିଦା ବିଷ୍ଣୁ ସାଜିଛି। ଲଘୁ ଖଣିଜ ସମ୍ପଦ ଲୁଟ କୁ ରୋକିବା ପାଇଁ ଉପ ଜିଲ୍ଲାପାଳ, ଖଣି ଉପ ନିର୍ଦ୍ଦେଶକ, ଖଣି ଅଧିକାରୀ, ତହସିଲଦାର, ଥାନା ଅଧିକାରୀ, ବନ ବିଭାଗ ଅଧିକାରୀ, ସମେତ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନେଇ ଗଠନ ହୋଇଥିବା ଟାସ୍କଫୋର୍ସ ଏବେ ସ୍ଥାଣୁ ପାଲଟିଛି। ନାମକୁ ମାତ୍ର ଏହି ସବ୍‌ଡିଭିଜନାଲ କମିଟି। ଲଘୁ ଖଣିଜ ସମ୍ପଦ ଚୋରିକୁ ରୋକିବା ପରିବର୍ତ୍ତେ ଚୋରି ପାଇଁ ଏହି କମିଟି ଏକ ପ୍ରକାର ପ୍ରୋତ୍ସାହିତ କରୁଥିବା ଅନୁଭବ ହେଉଛି।

## ସ୍ୱାମୀ ବିବେକାନନ୍ଦ ବକ୍ତୃତାମାଳା




ଧର୍ମଶାଳା, ୧୨।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତର ପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆଜି ରାଷ୍ଟ୍ରୀୟ ସେବା ଯୋଜନା ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଆନୁକୂଲ୍ୟରେ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ସୁଜାତା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ବକ୍ତୃତାମାଳା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ଅଭିଭାଷଣ ଓ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ବିବେକାନନ୍ଦ ଲୋକ ସଂସଦର କାର୍ଯ୍ୟାବଳୀ ଓ ସ୍ୱାମୀଜୀଙ୍କ ଜୀବନଶୈଳୀ ଚିନ୍ତନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା, ସୁରେଶ ଚନ୍ଦ୍ର ଲେଙ୍କା, ଗୌରୀଶଙ୍କର ମିଶ୍ର, ଅଧ୍ୟାପିକା ପ୍ରମିଳା ଦାସ, ମନ୍ଦାକିନୀ ରାଉତ, ଅଣଶିକ୍ଷକ କର୍ମଚାରୀ ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ କୁମାର ଦାସ ଓ ଛାତ୍ରଛାତ୍ର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।

## ଚୋରା ବାଣର ପେଣ୍ଠସ୍ଥଳ ମଣିତାପୁର

ବିଞ୍ଝାରପୁର, ୧୨।୯ (ସମିସ): ପାଖେଇ ଆସିଛି ପାର୍ବଣ ଋତୁ। ପାର୍ବଣ ଋତୁରେ ଦୀପାବଳି ଏକ ମୁଖ୍ୟ ପର୍ବ ଭାବରେ ପାଳନ କରାଯାଇଥାଏ। ଦୀପାବଳି ବାଣ ଫୁଟା ଏକ ପରମ୍ପରା ରହିଛି। ଏହି ଦୃଷ୍ଟି କୋଣରୁ ହାନୀକାରକ ବାଣକୁ ନ ଫୁଟାଇବା ପାଇଁ ସରକାର ବାରଣ କରିବା ସହ ମଧ୍ୟ ମାର୍ଗଦର୍ଶିତା ଜାରି କରିଥାନ୍ତି। କିନ୍ତୁ ବଡ଼ କଥା ହେଲା କିଛି ଅସାଧୁ ବ୍ୟବସାୟୀ ବେଆଇନ୍ ଭାବରେ ବାଣ ପ୍ରସ୍ତୁତ କରନ୍ତି ଏବଂ ଚଢ଼ା ଦରରେ ମଧ୍ୟ ବିକ୍ରି କରିଥାନ୍ତି। ଯାହାର ନିଚ୍ଛକ ଚିତ୍ରପଟ ଅଳକୁଣ୍ଡ ଥାନା ଅନ୍ତର୍ଗତ ମଣିତାପୁର ଗ୍ରାମରେ ଦେଖିବାକୁ ପ୍ରତି ବର୍ଷ ମିଳିଥାଏ। ଗତ ବର୍ଷ ସତେ ଯେମିତି ବାଣ ବ୍ୟବସାୟୀ ବାଣ ବିକ୍ରିର ଏକ ଲମ୍ବା ହାଟ ବସାଇଥିଲେ। ଚଳିତ ବର୍ଷ ମଧ୍ୟ ବାଣ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଛନ୍ତି। ବେଆଇନ୍ ଭାବରେ ବାଣ ତିଆରି କରିବା ସହ ଜନ ସାଧାରଣକୁ ଭଲ ବାଣ ଗ୍ୟାରେଣ୍ଟି ବାଣ କହି ବିକ୍ରି କରନ୍ତି। ବିନା ଲାଇସେନ୍ସରେ ଚୋରା ବ୍ୟବସାୟୀମାନେ ଲକ୍ଷାଧିକ ଟଙ୍କାର ବାଣ ବ୍ୟବସାୟ କରିବା ସହ ନିରିହ ଜନ ସାଧାରଣଙ୍କୁ ମଧ୍ୟ ଠକିଥାନ୍ତି। ୨୦ରୁ ଊର୍ଦ୍ଧ୍ୱ ଘର ବାଣ ବ୍ୟବସାୟୀରେ ଲିପ୍ତ ରୁହନ୍ତି। ଏହା ସହ ତାଙ୍କର ପରିବାରର କୁନି କୁନି ପିଲାମାନଙ୍କୁ ମଧ୍ୟ ଉକ୍ତ କାର୍ଯ୍ୟରେ ନିୟୋଜିତ କରିଥାନ୍ତି। ଅଳକୁଣ୍ଡ ପୁଲିସ ପ୍ରଶାସନ ଏହି ବେଆଇନ୍ ବାଣ ତିଆରି କରୁଥିବା ଲୋକ ମାନଙ୍କ ଉପରେ ଉପଯୁକ୍ତ ପଦକ୍ଷପ ଗ୍ରହଣ କରିବାକୁ ଦାବି ହେଉଛି।

## ଭାଗବତ ଜନ୍ମୋତ୍ସବ ଉଦ୍‌ଯାପିତ

ଧର୍ମଶାଳା, ୧୨।୯ (ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବାଲିଗରି ଗ୍ରାମର ରାଧା ଗୋପିନାଥଜୀଉଙ୍କ ପୀଠରେ ଭାଗବତ ଜନ୍ମୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୭ଦିନ ବ୍ୟାପୀ ଚାଲିଥିବା ଉତ୍ସବରେ ଭାଗବତ ପାରାୟଣ, ପୂଜାର୍ଚ୍ଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତ୍ୟେହ ପୂଜକ ଦେବେନ୍ଦ୍ର କୁମାର କର ଓ ତାଙ୍କ ସାଥିମାନେ ଯଥୋବିଧି ପୂଜାର୍ଚ୍ଚନା କରିବା ସହ ସନ୍ଥ ବଳରାମ ଦାସଙ୍କ ପବିତ୍ର ଭାଗବତ ଗ୍ରନ୍ଥକୁ ଜନ୍ମ ଉତ୍ସବରେ ପାଠ କରାଯାଇଥିଲା। ସନ୍ଧ୍ୟାରେ ଭଜନ ସଂଧ୍ୟା ଓ ଶେଷ ୩ ରାତି ଗାୟିକା ଶ୍ରଦ୍ଧାଞ୍ଜଳି ବଳବନ୍ତରାୟ ଓ ସାଥୀମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରାମର କୁଳମଣି ପରିଡ଼ା, ପ୍ରମୋଦ କୁମାର ରାଉତ, ସୁଦେବ ପରିଡ଼ା, ଭାଗବତ ପରିଡ଼ା, ବିଚିତ୍ରାନନ୍ଦ ଦାସ, ଚନ୍ଦ୍ରମଣି ପରିଡ଼ା, ଘନଶ୍ୟାମ ପରିଡ଼ା, ଚିତ୍ତରଞ୍ଜନ ପ୍ରଧାନ, ଅର୍ଜୁନ ପରିଡ଼ା, ପ୍ରଭାତ କୁମାର ରାଉତ, ବଳରାମ ଦାସ, ଭରିଚରଣ ରଥ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହାୟତା କରିଥିଲେ।



## ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ

ସୁକିନ୍ଦା, ୧୨।୯ (ସମିସ): ବରିଷ୍ଠ ନାଗରିକ ସଂଘ, ସୁକିନ୍ଦା, ଦାନଗଦି, କଳିଙ୍ଗନଗରର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଡୁବୁରୀ ସ୍ଥିତ ସରାଂଶ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କଳାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ପ୍ରହଲ୍ଲାଦ ରାଉତ ସ୍ୱାଗତ ଭାଷଣ ରଖିଥିଲେ। ବୈଠକରେ ଉପସ୍ଥିତ ଥିବା ୬୦ରୁ ଊର୍ଦ୍ଧ୍ୱ ସଭ୍ୟ ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେ। କପିଳେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୁରେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ଧଳ, ଜୟଦେବ ବେଜ, ବ୍ରହ୍ମାନନ୍ଦ ସାହୁ, ସାଧାରଣ ସମ୍ପାଦକ ଶିଶିର କୁମାର ଚୌଧୁରୀ, କାର୍ଯ୍ୟକାରି ସଭାପତି ପଞ୍ଚାନନ ବଳ, ଅକ୍ଷୟ କୁମାର ବେହେରା, ଡା. ଯୁଗଳ କିଶୋର ହୋତା, କୁଳମଣି ଦତ୍ତ, ରଙ୍ଗାଧର ଆଚାର୍ଯ୍ୟ, ନୀଳମାଧବ ନାୟକ, ଦୁର୍ଯ୍ୟୋଧନ ନାୟକଙ୍କ ସହିତ ଅନେକ ସଭ୍ୟ ଉପସ୍ଥିତ ଥିଲେ। ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବରୀ ପଞ୍ଚାୟତ ସମିତିର ସାଧାରଣ ବୈଠକ




ବରୀ, ୧୨।୯ (ସମିସ): ଆଜି ବରୀ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଅଶୋକ କୁମାର ଗେଡ଼ିଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବିଡିଓ ଅସିତ୍ କୁମାର ମହାନ୍ତି, ଏବିଡିଓ ମହେଶ୍ୱର ସେଠୀ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି ଏବଂ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ଉନ୍ନୟନ କାର୍ଯ୍ୟରେ ସମସ୍ତ ଜନପ୍ରତିନିଧି ଏବଂ ସାଧାରଣ ଲୋକଙ୍କ ସହିତ ସୁସମ୍ପର୍କ ରଖି କାର୍ଯ୍ୟ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସେହିପରି ସଧାରଣ ନିର୍ବାଚନର ୧୮ ମାସ ଭିତରେ ବରୀ ବ୍ଲକରେ ପାଳିତ ହେଉଥିବା ସମସ୍ତ ସରକାରୀ କାର୍ଯ୍ୟରେ ନିମନ୍ତ୍ରିତ ହେଉଥିବା ଯାଜପୁର ସାଂସଦ ରବିନାରାୟଣ ବେହେରା ଅନୁପସ୍ଥିତ ରହୁଥିବା ବେଳେ ଆଜି ମଧ୍ୟ ପଞ୍ଚାୟତ ସମିତିର ଚତୁର୍ଥ ସଧାରଣ ବୈଠକରେ ଅନୁପସ୍ଥିତ ରହିଥିଲେ। ତେବେ ଏ ନେଇ ଯାଜପୁର ସାଂସଦଙ୍କ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ।

## ବିଦ୍ୟାଳୟ ସାମ୍ନାରେ ଧାରଣା ଦେଲେ ଅଭିଭାବକ

ମଙ୍ଗଳପୁର, ୧୨।୯ (ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାଁରେ ମାଳମାଳ ଅଭିଯୋଗ। ସେହି ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀଙ୍କୁ ବିଭିନ୍ନ ହଇରାଣ ହରକତ କରିବା ସହିତ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ କରିବା ଭଳି ସଂଗୀନ ଅଭିଯୋଗ ସହିତ ପ୍ରଧାନ ଶିକ୍ଷକଙ୍କ ନାମରେ ଗଛକଟା, ମଧ୍ୟାହ୍ନ ଭୋଜନ ଅର୍ଥ ହେରଫେର, ବିଦ୍ୟାଳୟ ମୁଖ୍ୟ ଫାଟକ ୧୦ ଘଟିକାରୁ ଅପରାହ୍ନ ୨ଘଟିକା ଯାଏ ଅଭିଭାବକମାନଙ୍କ ପାଇଁ ବନ୍ଦ ରଖିବା ଭଳି ବିଭିନ୍ନ ଅଭିଯୋଗ ଆସିଥିଲା ବେଳେ ଅଭିଭାବକ ଓ ପରିଚାଳନା କମିଟି ପକ୍ଷରୁ ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଦାବି ଜୋର ଧରିଥିଲା। ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଏଥିରେ କୌଣସି ସୁଫଳ ନପାଇବାରୁ ବାଧ ହୋଇ ଆଜି ବିଦ୍ୟାଳୟ ପରିଚାଳନା କମିଟି, ପଞ୍ଚସଖା ଶିକ୍ଷା ସେତୁ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ପ୍ରଧାନ ଶିକ୍ଷକଙ୍କ ବଦଳି ଓ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଅନଶନରେ ବସିଥିଲେ। ଆଇନ ଅନୁସାରେ ଅନଶନ କରିନଥିବା କାରଣରୁ ମଙ୍ଗଳପୁର ପୁଲିସ ଅନଶନକାରୀଙ୍କୁ ଗେଟ୍ ସମ୍ମୁଖରୁ ଉଠେଇ ଦେଇଥିଲେ। ତେବେ ଯଦି ସାତ ଦିନ ମଧ୍ୟରେ ପ୍ରଧାନ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ନହୁଏ ତେବେ ଆନ୍ଦୋଳନ ତୀବ୍ରତାର ହେବ ବୋଲି କହିଛନ୍ତି ଅନଶନକାରୀ।



## ସମାଜସେବୀ ନିରଞ୍ଜନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି



ଧର୍ମଶାଳା, ୧୨।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ଗ୍ରାମର ବିଶିଷ୍ଟ ସମାଜସେବୀ ନିରଞ୍ଜନ ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଯାଜପୁର ଜିଲ୍ଲା ପୂଜ୍ୟପୂଜା ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ପରିଷଦର ଆବାହକ ଅଭିମନ୍ୟୁ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅର୍ଥସେବା ଆୟୋଗ ବିଭାଗର ଅବସରପ୍ରାପ୍ତ ଉପଆୟୁକ୍ତ ସହଦେବ ସାହୁ, ମୁଖ୍ୟବକ୍ତା ଭାବେ ଡ. ରାଜକିଶୋର ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ବାଣିଜ୍ୟକର ଉପଆୟୁକ୍ତ ସ୍ୱର୍ଣ୍ଣପ୍ରଭା ସାହୁ, ସମାଜସେବୀ ସନ୍ତୋଷ କୁମାର ଜେନା, ରାଜ୍ୟ ବିଜେପି ପ୍ରବକ୍ତା ପବିତ୍ର ମୋହନ ଦାଶ, ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ରାୟ, ପଣ୍ଡିତ ଘନଶ୍ୟାମ ଦାଶ, ଆଇନଜୀବୀ ଶ୍ୟାମପ୍ରସାଦ ଦାଶ, ଡାକ୍ତର ଜ୍ୟୋତି ପ୍ରକାଶ ସାହୁ, ସାମ୍ବାଦିକ ଏକାଦଶୀ ସେଠୀ, ମାନସ ଚମ୍ପତିରାୟ, ମମତା ସାହୁ, ସୋମନାଥ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ତାଙ୍କ ପୁଅ ରଣଜିତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ଗ୍ରାମ ପ୍ରଧାନଙ୍କ ସନ୍ଦେହ ଜନକ ମୃତ୍ୟୁ

ସୁକିନ୍ଦା, ୧୨।୯ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଗ୍ରାମ ମୂରବୀ (ପ୍ରଧାନ) ରାଜ କିଶୋର ପ୍ରଧାନ(୫୫)ଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ମୁତାବକ କାଳିଆପାଣି ଦେହୁରୀ ସାହି ରାଜକିଶୋର ପ୍ରଧାନ ସୁକିନ୍ଦା ରାଜାଙ୍କ ୧୨ ପ୍ରଧାନଙ୍କ ମଧ୍ୟରୁ ଜଣେ ଥିଲେ। ଏବେକାର ଗାଁ ମୁଖିଆ ମଧ୍ୟ ଥିଲେ। ଶୁକ୍ରବାର ସକାଳ ସମୟରେ ରାଜକିଶୋରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଯିବାରୁ ପରିବାର ଲୋକେ ସୁକିନ୍ଦା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ କାଳିଆପାଣି ପୁଲିସକୁ ସୂଚନା ଦେଇଥିଲେ। ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ନଦୀକୁ ଗାଧୋଇବାକୁ ଯାଇ ବୃଦ୍ଧା ନିଖୋଜ

ବରୀ, ୧୨।୯ (ସମିସ): ବରୀ ବ୍ଲକ ମହାକାଳପଡ଼ା ପଞ୍ଚାୟତ ନିଳାପଦା ଗ୍ରାମର ତିଲୋତ୍ତମା ସିଂ (୭୬) ବିରୂପା ନଦୀକୁ ଦିନ ୧୧ଟା ବେଳେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବରୀ ଅଗ୍ନିଶମ ବାହିନୀର ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିପାରି ନାହିଁ। ବିଗତ ଦିନରେ ଏହି ନଦୀରେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇ ସର୍ବସମ୍ମୁଖରେ ବୁଡାଇ ମାରିଦେବା ଘଟଣା ଚର୍ଚ୍ଚା ଘେରକୁ ଆସିବା ସହ ବରୀ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଫଳରେ ସେହି ଲୋକମାନେ ଭୟଭୀତ ହୋଇ ନଦୀକୁ ଯାଉ ନଥିଲେ। କିନ୍ତୁ ଆଜି ବୃଦ୍ଧାଜଣଙ୍କ ଏକୁଟିଆ ଯାଇ ନିଖୋଜ ହେବା ଘଟଣା ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରୁଛି। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ଅଶୋକ କୁମାର ସାମଲ, ସ୍ଥାନୀୟ ସରପଞ୍ଚ ପ୍ରଜ୍ଞା ପରାମିତା ପରିଡ଼ା ଓ ସମିତି ସଭ୍ୟ ବିଭୁ ପ୍ରସାଦ ରାଉତ ପ୍ରମୁଖ ପହଞ୍ଚିଛନ୍ତି। ସ୍ଥାନୀୟ ଲୋକମାନଙ୍କ ଆଲୋଚନା ଅନୁଯାୟୀ ପାରିବାରିକ କଳହ କାରଣରୁ ବୃଦ୍ଧା ଜଣକ ନଦିକୁ ଡେଇଁ ଆତ୍ମହତ୍ୟା କରିଥାଇପାରନ୍ତି। ସନ୍ଧ୍ୟା ସୁଦ୍ଧା ମୃତଦେହ ଉଦ୍ଧାର ହୋଇପାରି ନାହିଁ।

## ଯାଜପୁରରେ ସଂଗଠନ ସୃଜନ ଅଭିଯାନ

ଯାଜପୁର, ୧୨।୯ (ସମିସ): ଯାଜପୁର ଜିଲ୍ଲା କଂଗ୍ରେସର ସଭାପତି ଚୟନ ପାଇଁ ସଂଗଠନ ସୃଜନ ଅଭିଯାନ ଯାଜପୁର ବ୍ଲକ ଓ ଯାଜପୁର ପୌରପାଳିକାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଂଯୋଜକ ମନୋଜ ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକା କଂଗ୍ରେସର ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିଥିଲେ। ଏହି ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଏଆଇସିସିର ପର୍ଯ୍ୟବେକ୍ଷକ ଚାରୁଲତା ଟୋକାସ୍, ଓଡ଼ିଶାର ସୃଜନ ଅଭିଯାନର ଉପାଧ୍ୟକ୍ଷ ସୁଧାଂଶୁଶେଖର ଦେଓ ଏବଂ ପିସିସିର ପର୍ଯ୍ୟବେକ୍ଷକ ଯଶୋବନ୍ତ ସିଂ ଲାଗୁରୀ, ନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ସାଂସଦ ଅଞ୍ଚଳ ଦାସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ରାଉତ, ବିଜୟ ଦ୍ୱିବେଦୀ, ଆରତି ଦେଓ, ଦିଗମ୍ବର କର, ଭାଗୀରଥି ପତି, ଦୁର୍ଯ୍ୟୋଧନ ବେହେରା, ଦିଲ୍ଲୀପ ଦାସ, ରାଜୀବ ମହାପାତ୍ର, ବିଳାସ ରାଉତ ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ବ୍ଲକ ସଭାପତି ଗଦାଧର ଦାସ ସମସ୍ତ ପର୍ଯ୍ୟବେକ୍ଷକ ଏବଂ ଉପସ୍ଥିତ କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ରାଜ୍ୟ ଜୁନିଅର ରଗ୍‌ବୀ ପାଇଁ ଖେଳାଳି ଚୟନ



ଦଶରଥପୁର, ୧୨।୯ (ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍ ଦ୍ୱାରା କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ଜୁନିଅର୍ ୧୫ ବର୍ଷରୁ କମ୍ ରଗ୍‌ବୀ ଫୁଟବଲ୍ ଚାମ୍ପିଅନସିପରେ ଭାଗ ନେବା ପାଇଁ ଯାଜପୁର ଜିଲ୍ଲାରୁ ଖେଳାଳି ମନୋନୟନ କରାଯାଇଛି। ସ୍ଥାନୀୟ ଦଶରଥପୁର ମଠ ନିକଟସ୍ଥ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମନୋନୟନ ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୩୫ ଜଣ ଖେଳାଳି ଯୋଗ ଦେଇଥିଲେ। ଶିବିରରେ ଯୋଗ ଦେଇଥିବା ଖେଳାଳିଙ୍କ ମଧ୍ୟରୁ ୧୨ ଜଣ ଖେଳାଳି ଚୟନ ହୋଇଛନ୍ତି। ଚୟନ ହୋଇଥିବା ଖେଳାଳିମାନେ ହେଲେ ପ୍ରିୟାଂଶୁ ପ୍ରିୟଦର୍ଶିନୀ ଜେନା, ସତ୍ୟଜିତ ବେହେରା, ଦିବ୍ୟପ୍ରତାପ ଜେନା, ଶୁଭମ୍ ସାହୁ, ମେଘଦତ୍ତ ରାଉତ, ଅଙ୍କିତ କୁମାର ଦାସ୍, ଓମ୍ ପ୍ରକାଶ ସାହୁ, ବିଶାଳ ଜେନା, ଅଭିଜିତ ଜେନା, ଅନନ୍ତ ଜେନା, ଅତୁନ କୁମାର୍ ମଲ୍ଲିକ, ବିବେକ ଚୌଧୁରୀ। ଉକ୍ତ ଚୟନ କାର୍ଯ୍ୟକ୍ରମରେ କୋଚ୍ ଅଜୟ କୁମାର୍ ପ୍ରଧାନ, ମ୍ୟାନେଜର କମ୍ପନାଥ ବେହେରା ଜିଲ୍ଲା ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଉପସ୍ଥିତ ଥିବାବେଳେ ସେମାନେ ଚୟନ ହୋଇଥିବା ସମସ୍ତ ଖେଳାଳୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## 'ବେଟି ବଚାଓ ବେଟି ପଢ଼ାଓ' ବୈଠକ

ଯାଜପୁର, ୧୨।୯ (ସମିସ)




ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ସମ୍ପର୍କୀୟ ଜିଲ୍ଲାସ୍ତରୀୟ ଏକାଭିମୁଖୀ ବୈଠକ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କନ୍ୟାଶିଶୁଙ୍କୁ ସୁରକ୍ଷା ଦେବା, ସେମାନଙ୍କୁ ଶିକ୍ଷାରେ ଆଗକୁ ନେବା ଏବଂ ସେମାନଙ୍କୁ ସ୍ୱାଧୀନ କରିବା ପାଇଁ ସମାଜରେ ସମସ୍ତଙ୍କ ଦାୟିତ୍ୱ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗଦେଇ କନ୍ୟା ସନ୍ତାନଙ୍କ ସୁରକ୍ଷା, କନ୍ୟାଭ୍ରୁଣ ହତ୍ୟା ରୋକିବା ନିମନ୍ତେ ପିସି ପିଏନଡିଟି ଆକ୍ଟ ଉପରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲା ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ବିଭାଗ) ଡ.ଗୋପାଳ ଚନ୍ଦ୍ର ମଲ୍ଲିକ ୨୦୧୧ ଜନଗଣନା ଓଡ଼ିଶାର ତଥ୍ୟ ଅନୁଯାୟୀ ସମ୍ପୂର୍ଣ୍ଣ ବିବରଣୀ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲାରେ କନ୍ୟା ସନ୍ତାନମାନଙ୍କ ସଂଖ୍ୟା ପ୍ରତି ୧୦୦୦ରେ ୯୧୧ ଥିବାବେଳେ କନ୍ଧମାଳ ଜିଲ୍ଲାରେ ସର୍ବାଧିକ ହିସାବରେ ଏହି ଅନୁପାତ ପ୍ରତି ୧୦୦୦ରେ ୯୮୫ ରହିଛି। ସେହିପରି ଓଡ଼ିଶାରେ ପ୍ରତି ୧୦୦୦ରେ ମହିଳାଙ୍କ ସଂଖ୍ୟା ୯୪୦ ରହିଛି; ଯାହାକି ଭାରତର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶା ଭଲ ପ୍ରଦର୍ଶନ କରୁଛି ବୋଲି କହିଥିଲେ। ଉକ୍ତ ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ସାହୁ ପ୍ରାରମ୍ଭରେ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ବିଶେଷତଃ କନ୍ୟାଶିଶୁଙ୍କ ଶିକ୍ଷା, ସୁରକ୍ଷା, ସଶକ୍ତୀକରଣ ସହିତ ସମାଜରେ ଲିଙ୍ଗ ସମାନତା ସୁନିଶ୍ଚିତ କରିବା, କନ୍ୟା ଜନ୍ମ ପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀ ଗଢି ତୋଳିବା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପ୍ରସାରଣରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଦେବାଶିଷ ପ୍ରଧାନ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନରଞ୍ଜନ ସେଠୀ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ମହିଳା ଓ ଶିଶୁକଲ୍ୟାଣ ବିଭାଗର ସିଡିପିଓ, ସୁପରଭାଇଜର ଚିକିତ୍ସା ଅଧିକାରୀ, ସମାଜସେବୀ ସଂଗଠନ ପ୍ରତିନିଧି, ଶିକ୍ଷାବିଭାଗର ର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ।

### ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଓ ହସ୍ପିଟାଲ

## ନୂତନ ସିଟି-ସ୍କାନ ମେସିନ୍ ଓ ମେଡିସିନ୍ ଓପିଡି ଉଦ୍‌ଘାଟିତ




**ଯାଜପୁର, ୧୨।୯ (ସମିସ)**

ଆଜି ଅପରାହ୍ନରେ ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ପରିସରରେ ୫୦୦ ଶଯ୍ୟା ବିଶିଷ୍ଟ ନୂତନ ଶିକ୍ଷାଦାନ ହସ୍ପିଟାଲରେ ଆଧୁନିକ ସିଟି-ସ୍କାନ ମେସିନ୍ ଏବଂ ନୂତନ ମେଡିସିନ୍ ଓପିଡି ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି।

ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ଆଜି କେବଳ ଗୋଟିଏ ଶିକ୍ଷାଦାନ କେନ୍ଦ୍ର ନୁହେଁ, ବରଂ ଯାଜପୁର ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ନୂତନ ଦିଗନ୍ତ। ସିଟି-ସ୍କାନ ମେସିନ୍ ସୁବିଧା ଯାଜପୁର ଜିଲ୍ଲା ପାଇଁ ଏକ ବିଶେଷ ଉପଲବ୍ଧି। ଯାହାକି ୨ ଘଣ୍ଟା ମଧ୍ୟରେ ଏମର୍ଜେନ୍ସି ପାଇଁ ଓ ୬ ଘଣ୍ଟା ମଧ୍ୟରେ ନନ୍ ଏମର୍ଜେନ୍ସି ପାଇଁ ଚିକିତ୍ସା ଯୋଗାଇ ଦିଆଯିବ। ପୂର୍ବରୁ ଏପରି ପରୀକ୍ଷା ପାଇଁ ରୋଗୀମାନଙ୍କୁ ଦୂରକୁ ଯିବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ଏହା ସ୍ୱୟଂ ଯାଜପୁରରେ ଉପଲବ୍ଧ ହେବ। ମେଡିସିନ୍ ଓପିଡି ଆରମ୍ଭ ହେବାରୁ ସାଧାରଣ ଲୋକମାନଙ୍କୁ ସୁବିଧାଜନକ ଓ ସମୟୋପଯୋଗୀ ଚିକିତ୍ସା ମିଳିବ ବୋଲି ସାଂସଦ କହିଥିଲେ। ଏହି ଉତ୍ସବରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉପସ୍ଥିତ ରହି ସିଟି-ସ୍କାନ ମେସିନ୍ ସୁବିଧା, ମେଡିସିନ୍ ଓପିଡି ଆରମ୍ଭ ହେବାରୁ ସାଧାରଣ ଲୋକମାନଙ୍କୁ ସୁବିଧାଜନକ ଚିକିତ୍ସା, ସମୟୋପଯୋଗୀ ପରାମର୍ଶ ଏବଂ ତୁରନ୍ତ ସେବା ମିଳିବ ବୋଲି କହିଥିଲେ। ଏହି ଅବସରରେ ମେଡିକାଲ କଲେଜ୍ ଡିନ୍ ତଥା ପ୍ରିନ୍ସିପାଲ୍ ଡା. ସୀତାରାମ ମହାପାତ୍ର କହିଲେ ଆଜିର ୫୦୦ବେଡ୍‌ର ନୂଆ ଟିଚିଂ ହସ୍ପିଟାଲରେ ଓପିଡି, ଚର୍ମ ବିଭାଗ, ମାନସିକ ରୋଗ ସମ୍ବନ୍ଧୀୟ ବିଭାଗ ଚିକିତ୍ସା ଯୋଗାଇଦେବା ସହିତ ଓ ଆଜି ମେଡିସିନ ବିଭାଗ ଚିକିତ୍ସା ଯୋଗାଇ ଦେବା ମଧ୍ୟ ଆରମ୍ଭ ହୋଇଯାଇଛି। ପ୍ରତିଦିନ ଚର୍ମରୋଗ ଚିକିତ୍ସା ନିମନ୍ତେ ହାରାହାରି ୨୫୦ରୁ ୩୦୦ ରୋଗୀ, ମାନସିକ ରୋଗ ଚିକିତ୍ସା ନିମନ୍ତେ ପ୍ରତିଦିନ ହାରାହାରି ୭୦ରୁ ୧୦୦ ରୋଗୀ ଏବଂ ଆଜି ମେଡିସିନ ସମ୍ବନ୍ଧୀୟ ଚିକିତ୍ସା ଆରମ୍ଭ ହେବା ଦିନରେ ହିଁ ୧୬୦ ଜଣ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସିଛନ୍ତି। ଆଗକୁ ଓପିଡି/ୱାର୍ଡ/ଆଇସିୟୁ/କାଜୁଆଲ୍ଟି/ଓଟି ଇତ୍ୟାଦିକୁ ପର୍ଯ୍ୟାୟକ୍ରମେ ନିରନ୍ତର ଭାବରେ କାର୍ଯ୍ୟକ୍ଷମ କରାଯିବ ଯାହାଦ୍ୱାରା ଯାଜପୁର ଜିଲ୍ଲା ସହିତ ପଡ଼ୋଶୀ ଜିଲ୍ଲା ମଧ୍ୟ ସୁବିଧାରେ ଚିକିତ୍ସା ପାଇପାରିବେ। ଏଥିରେ ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡା. ମନୋରମା ସ୍ୱାଇଁ, ପ୍ରଫେସର, ଚିକିତ୍ସକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟ କୁମାର ମିଶ୍ର, ଡାକ୍ତରୀ ଛାତ୍ର ଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ପୀଡ଼ିତଙ୍କୁ ନ୍ୟାୟ ଦେବାରେ ବିଫଳ ପାଣିକୋଇଲି ପୁଲିସ

**ପାଣିକୋଇଲି, ୧୨।୯ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଧନେଶ୍ୱର ନିକଟ ରୟାଲ ଗାର୍ଡେନେର ମୁସରଫ ଅଲି ଖାଁ ଓ ତାଙ୍କ ପରିବାର ଉପରେ ଆକ୍ରମଣ ଘଟଣାରେ ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହେଉନାହାନ୍ତି। ସୂଚନା ମୁତାବକ ଗତ ୧୩ ତାରିଖ ଅଗଷ୍ଟ ମାସରେ ମୁସରଫ ଓ ତାଙ୍କ ପରିବାର ନିଜ ସମ୍ପର୍କୀୟଙ୍କ ନିକଟକୁ ଯାଉଥିବା ବେଳେ ରୟାଲ ଗାର୍ଡେନର ପ୍ରପର୍ଟୀ ମାଲିକ ଆଫାକ ଅହମଦ, ସବିର ଅହମଦ, ଜଲାଲୁଦ୍ଦିନ ଖାଁ, ପ୍ରତାବ ଦାସ, ପ୍ରମୋଦ ଦାସ ମିଶି ଅଟକାଇ ବିନା କାରଣରେ ଆକ୍ରମଣ କରିଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପରିବାରର ମହିଳା ସଦସ୍ୟମାନଙ୍କୁ ମଧ୍ୟ ଅସଦାଚରଣ କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ୍ୟ ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ ମହାନ୍ତି ଅଭିଯୁକ୍ତଙ୍କୁ ଗିରଫ କରିନଥିବା ଦୋଷୀଙ୍କୁ ସୁରକ୍ଷା ଦବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ନେଇ ପରିବାର ଲୋକେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଗୃହ ବିଭାଗ ଓ ଅନ୍ୟାନ୍ୟ ବିଭାଗ ନିକଟରେ ଏକ୍ସ ମାଧ୍ୟମରେ ଅଭିଯୋଗ କରିବା ପରେ ଗୃହ ବିଭାଗ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରୁନାହିଁ। ପୀଡ଼ିତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାରେ ବିଫଳ ହେଉଛନ୍ତି ପାଣିକୋଇଲି ଥାନା ଅଧିକାରୀ। ଅନ୍ୟ ପଟେ ଅଭିଯୁକ୍ତମାନେ ହାଇକୋର୍ଟରେ ଆଡ୍‌ଭାନ୍ସ ଜାମିନ ପାଇଁ ଆବେଦନ କରିଥିଲେ। ଗତ ୨୨ ଅଗଷ୍ଟରେ ତାଙ୍କର ଜାମିନ ହୋଇ ପାରିନାହିଁ। ଉଚ୍ଚ ନ୍ୟାୟଳୟ ପରବର୍ତ୍ତୀ ଶୁଣାଣିକୁ ମୁଲତବି କରିଥିଲେ। ଗତ ସେପ୍ଟେମ୍ବର ୧୧ ତାରିଖରେ ମଧ୍ୟ ଜାମିନ ହୋଇ ପାରିଲାନାହିଁ। ଆସନ୍ତା ୧୬ ସେପ୍ଟେମ୍ବରରେ ପରବର୍ତ୍ତୀ ଶୁଣାଣୀ ରହିଛ। ସେହିପରି ପାଣିକୋଇଲି ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଯାହା ଜଣାପଡୁଛି ଅଭିଯୁକ୍ତଙ୍କ ଜାମିନ ଅପେକ୍ଷାରେ ରହିଛି। ତେଣୁ ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ ନକରାଗଲେ ଆଗାମୀ ଦିନରେ ମୁସରଫ ଓ ତାଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ

**ଚଣ୍ଡିଖୋଲ, ୧୨।୯ (ସମିସ):** ଭୂଦାନ ଆନ୍ଦୋଳନର ପ୍ରବକ୍ତା ସନ୍ଥ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ଯାଜପୁର ଜିଲ୍ଲା ସର୍ବୋଦୟ ମଣ୍ଡଳ ତରଫରୁ ବଡଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ଖଇରାଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ମୃତିରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ରାମଚନ୍ଦ୍ର ଶୁକ୍ଳ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ରାଜ୍ୟ



ସଦସ୍ୟ ତପନ କୁମାର ବେହେରା ଓ ସର୍ବୋଦୟ ମଣ୍ଡଳର ଲୋକସେବକ ପିତାମ୍ବର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ବିନୋବା ଭାବେ ଙ୍କ ଜୀବନୀ ଉପରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିମୂର୍ତ୍ତି ଭଙ୍ଗା ପ୍ରତିବାଦରେ ଶୋଭାଯାତ୍ରା




**ଧର୍ମଶାଳା, ୧୨।୯ (ସମିସ):** ଧର୍ମଶାଳା ବ୍ଲକ ପରିସରରେ ଥିବା ସମ୍ବିଧାନ ପ୍ରଣେତା ବାବା ସାହେବ ଭିମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ଆଜି ଆମ୍ବେଦକର ବାଦି ସମୂହ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ଶାନ୍ତିବଜାର ଠାରେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ବ୍ୟାନର ସହ ସ୍ଲୋଗାନମାନ ଦେଇ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ। ଗତ ୪ ଦିନ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ବାବାସାହେବଙ୍କ ପ୍ରତିମୂର୍ତ୍ତୀରୁ ଭାଙ୍ଗିଯାଇଥିବା ପୁସ୍ତକକୁ ନୂତନ ଭାବେ ତିଆରି କରାଯାଇ ବିଡିଓ ଓ ବ୍ଲକ ଅଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଉପସ୍ଥିତରେ ସ୍ଥାପନ କରାଯାଇଛି। ଏହି ଭଙ୍ଗା ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମ୍ବେଦକର ବାଦୀ ସଙ୍ଗଠନ ପକ୍ଷରୁ ଦାବି କରି ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି।

## ଲଘୁ ଖଣିଜ ପରିବହନ ମାଲିକ ସଙ୍ଘର ଶପଥ ପାଠ



**ଧର୍ମଶାଳା/ବଡ଼ଚଣା, ୧୨।୯ (ସମିସ):** ଧର୍ମଶାଳା ବ୍ଲକ ନେଉଳପୁରସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ସମ୍ବର୍ଦ୍ଧନା ଓ ଶପଥ ପାଠ ସମାରୋହ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଜାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଗମୀ ଦିନରେ ମାଲିକ ସଂଘର ରହିଥିବା ସମସ୍ତ ସମସ୍ୟା ଦୂର କରାଯିବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୂତନ ଭାବେ ନିର୍ବାଚିତ ହୋଇଥିବା ସଂଘର ସଭାପତି ଅଜାମ୍ବର ସାହୁ, ସମ୍ପାଦକ ଅମିତ କୁମାର ସାହୁ, କୋଷାଧ୍ୟକ୍ଷ ରଜନୀକାନ୍ତ କର, ଉପସଭାପତି ସରୋଜ କୁମାର ରାଉତ, ସହସମ୍ପାଦକ ଅଶୋକ କୁମାର ପରିଡ଼ା, ଯୁଗ୍ମ ସମ୍ପାଦକ ମନୋଜ କୁମାର ଦାଶ ପ୍ରମୁଖ ସଂଘକୁ ସଠିକ ମାର୍ଗରେ ପରିଚାଳନା କରିବା ନେଇ ଶପଥ ପାଠ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଧର୍ମଶାଳା ପ୍ରେସ୍ କ୍ଲବ, ଚଣ୍ଡିଖୋଲ ପ୍ରେସ୍ କ୍ଲବ, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ, କବି ବିମଳ ଚନ୍ଦ୍ର ପତି, ବହୁ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଦସ୍ୟ ବିନୋଦ କୁମାର ପରିଡ଼ା ମଞ୍ଚ ସଞ୍ଚାଳନ କରିଥିଲେ। ଉପଦେଷ୍ଟା ଚନ୍ଦନ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ରଜନୀକାନ୍ତ କର ଧନ୍ୟବାଦ ଦେଇଥିଲେ।

## ଔରଙ୍ଗାବାଦ ଦକ୍ଷତା ବିକାଶ କର୍ମଶାଳାରେ ଯୋଗଦେଲେ ଆଦିବାସୀ ମହିଳା



**ଦାନଗଦି, ୧୨।୯ (ସମିସ):** ଟାଟା ଷ୍ଟିଲ୍ ବିର୍ସା ମୁଣ୍ଡା ପୁନର୍ବାସନ କଲୋନୀ, ଗୋବରଘାଟିର ଦୁଇଜଣ ଆଦିବାସୀ ଗୃହଣୀ ମୀରା ସୋୟ ଓ ରେଶ୍ମା ଜାମୁଦା, ନିକଟରେ ମହାରାଷ୍ଟ୍ରର ଔରଙ୍ଗାବାଦ ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଅଇଏଚଏମ)ରେ ୧୦ ଦିନିଆ 'ଦକ୍ଷତା ବିକାଶ କର୍ମଶାଳା' ସମ୍ପୂର୍ଣ୍ଣ କରିଛନ୍ତି। ଏହି କର୍ମଶାଳା ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ ଇଣ୍ଡିଆନ୍ ହୋଟେଲସ କମ୍ପାନୀ ଲିମିଟେଡ୍ (ଅଇଏଚସିଏଲ)ଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ମୀରା ସୋୟ ଓ ରେଶ୍ମା ଜାମୁଦା, ୧୯ ଜଣିଆ ଗୃହିଣୀଙ୍କ ଦଳର ଏକ ଅଂଶ ଥିଲେ। ଯେଉଁମାନେ ସାତଟି ଭିନ୍ନ ବର୍ଗ (ଅସୁର, ମହାଦେବ କୋଳି, ରାଭା, ହୋ, ସାନ୍ତାଳ, ଉରାଓଁ ଓ କର୍ବି)ର ପ୍ରତିନିଧିତ୍ୱ କରୁଥିଲେ। ଯେଉଁମାନେ କି ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ, ମେଘାଳୟ ଓ ମହାରାଷ୍ଟ୍ର ଆଦି ଅଞ୍ଚଳରୁ ଆସିଥିଲେ।

ଟାଟା ଷ୍ଟିଲ୍ ଫାଉଣ୍ଡେସନର ସହଯୋଗରେ, ମୀରା ସୋୟ ଓ ରେଶ୍ମା ଜାମୁଦା ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ପ୍ରତୀକ ସାଜିପାରିଛନ୍ତି।

## କେନାଲ ପାଇଁ ରାସ୍ତା ନିର୍ମାଣ ଅଧପନ୍ତରିଆ



**ଦାନଗଦି, ୧୨।୯ (ସମିସ):** ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ନହୁରାଣୀପଶି ଗ୍ରାମ ଦେଇ ଯାଉଥିବା ରେଙ୍ଗାଲି କେନାଲ ଯୋଗୁଁ ରାସ୍ତା ନିର୍ମାଣ ଅଧପନ୍ତରିଆ ହୋଇ ପଡ଼ିଛି। ଏହା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଦୀର୍ଘ ୪ବର୍ଷ ହେବ ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲ କାର୍ଯ୍ୟ ଚାଲିଛି। କିନ୍ତୁ ନହୁରାଣୀପଶି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଏହାକୁ ନେଇ ଜିଲ୍ଲାପାଳ, ତହସିଲଦାର ଓ ରେଙ୍ଗାଲୀ ପ୍ରକଳ୍ପ ଅଧିକାରୀଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ମୁଖ୍ୟତଃ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ଆସିବା କରିବା ସମୟରେ ଅସୁବିଧା ଭୋଗ କରୁଛନ୍ତି। ରାସ୍ତା ଖରାପ ଯୋଗୁଁ ଆମ୍ବୁଲାନ୍ସ, ଦମକଳ ଗାଡି ଆଦି ଗ୍ରାମ ଭିତରକୁ ପ୍ରବେଶ କରିପାରୁନାହିଁ। ଏନେଇ ନାହିଁ ନଥିବା ଅସୁବିଧା ହେଉଛି। ଫଳରେ ଯିବା ଆସିବା ସମୟରେ ବହୁ ଦୁର୍ଘଟଣା ମାନ ଘଟୁଛି। ଏହା ଭିତରେ ସରକାର ବଦଳିଛି; କିନ୍ତୁ ବ୍ୟବସ୍ଥା ବଦଳି ନାହିଁ। ଯଥାଶୀଘ୍ର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନିମନ୍ତେ ନିବେଦନ କରିଛନ୍ତି ସମସ୍ତ ଗ୍ରାମବାସୀ। ଯଦି ଏହାକୁ ପ୍ରଶାସନ ତରଫରୁ କିଛି ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ତହସିଲ ଅଫିସ ଘେରଉ କରାଯିବା ସହ ରାସ୍ତା ଅବରୋଧ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ତୁରନ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦଶରଥପୁରରେ ସଂଗଠନ ସୃଜନ କାର୍ଯ୍ୟକ୍ରମ

**ଦଶରଥପୁର, ୧୨।୯ (ସମିସ):** ଦଶରଥପୁର ବ୍ଲକରେ ଆଜି କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରୀ ବଜାର କଣ୍ଠ ମଣ୍ଡପ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଶ୍ୟାମସୁନ୍ଦର କରଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଏଆଇସିସି ପର୍ଯ୍ୟବେକ୍ଷକ ଚାରୁଲତା ଟୋକସ, ପିସିସି ପର୍ଯ୍ୟବେକ୍ଷକ ପୂର୍ବତନ ସଂସଦ ଯଶୋବନ୍ତ ସିଂହ ଲାଗୁରି, ସୃଜନ ସଂଗଠନ କମିଟି ଅତିରିକ୍ତ ପ୍ରଭାରୀ ସୁଧାଂଶୁ ଦେଓ, ଜିଲ୍ଲା ସଂଯୋଜକ ମନୋଜ ରାଉତ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ା, ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ରାଜ୍ୟ ଶ୍ରମିକ ସଂଗଠନ ଉପ ସଭାପତି ଭରତ ଚନ୍ଦ୍ର ପରିଡ଼ା, ବରିଷ୍ଠ ନେତା ଅଶୋକ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବନେତା ଭରତ ମହାନ୍ତି, ଚନ୍ଦ୍ରଶେଖର ସାହୁ, ଚନ୍ଦ୍ର ନାରାୟଣ ଦାସ, ସରପଞ୍ଚ ଲିପିକା ମଲିକ, ସମିତି ସଭ୍ୟ ରମାକାନ୍ତ ସେଠି, ଛାତ୍ର ନେତା, ଅନନ୍ତ ନାରାୟଣ ଜେନା, ବିମଳ ମଲିକ, ଘନଶ୍ୟାମ ସାହୁ, ବୃନ୍ଦାବନ ଜେନା ପ୍ରମୁଖ ଭାଗ ନେଇଥିଲେ।

## କର୍ମଚାରୀ ଅଭାବରୁ ଧାମନଗର ଅଞ୍ଚଳରେ ପ୍ରାଣୀସେବା ବିପର୍ଯ୍ୟସ୍ତ

**ଧାମନଗର, ୧୨।୯ (ସମିସ):** ଧାମନଗର ଏନଏସି ଓ ବ୍ଲକ ଅଞ୍ଚଳରେ ପ୍ରାଣୀ ଚିକିତ୍ସାଳୟ ଅଚଳ ହେବା ସହିତ ଅଦରକାରୀ ହୋଇଛି ପ୍ରାଣୀ ସେବା କେନ୍ଦ୍ର। ପ୍ରାଣୀ ସମ୍ପଦର ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ସହରାଞ୍ଚଳରେ ପ୍ରାଣୀ ଚିକିତ୍ସାଳୟ ଓ ଗ୍ରାମାଞ୍ଚଳରେ ପ୍ରାଣୀ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଛି। ତେବେ ଚିକିତ୍ସକ ଓ କର୍ମଚାରୀ ଅଭାବରୁ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ଧାମନଗର ଭଳି ଏକ ବନ୍ୟା ପ୍ରଭାବିତ ଅଞ୍ଚଳର ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକୀୟ ଔଷଧ ଓ କର୍ମଚାରୀ ଅଭାବ ଯୋଗୁଁ ଗୋପାଳକମାନଙ୍କୁ ସେବା ପାଇବାରେ ନିରୁତ୍ସାହିତ କରିଛି। ପ୍ରାୟତଃ ବିଭିନ୍ନ ଗ୍ରାମାଞ୍ଚଳରେ ଗୋରୁଗାଈଙ୍କ ସେବା ଗ୍ରାମ୍ୟମାଣ ଚିକିତ୍ସା ଭ୍ୟାନ ଦ୍ୱାରା ପରିଚଳନା କରାଯାଉଥିଲେ ମଧ୍ୟ ଠିକ ସମୟରେ ଗୋପାଳକ ସେବା ପାଇବାରେ ବିଳମ୍ବ ହେଉଛି। ସୂଚନା ଅନୁଯାୟୀ ଧାମନଗର ବ୍ଲକରେ ଧାମନଗର ଓ ଧୁଷୁରୀ ଦୁଇ ସ୍ଥାନର ପ୍ରାଣୀ ଚିକିତ୍ସାଳୟ ସହିତ ଭଗବାନପୁର, ସୋହୋଡ଼ା, ଗୋବିନ୍ଦପୁର, ସୁଜାଣସିଂପୁର, ପାହାଡ଼ପୁର, ଜାହାଙ୍ଗୀର, କୋଠାର, ନଦୀଗାଁ, ଅସ୍ତକ, ଚୁଡ଼ାକୁଟି, ଓ ଶହୀଦନଗର ଆଦି ପଞ୍ଚାୟତରେ ୧୧ଟି ପ୍ରାଣୀ ସହାୟକ କେନ୍ଦ୍ର ରହିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ସେବାପାଇଁ ଭିତ୍ତିଭୂମି ଓ କର୍ମଚାରୀର ଅଭାବ ରହିଛି। ଫଳରେ ଅଧିକାଂଶ ପ୍ରାଣୀ ସହାୟକ କେନ୍ଦ୍ରରେ ତାଲା ପଡ଼ିରହିଛି। ସେହିପରି ଦୀର୍ଘ ବର୍ଷରୁ ନିର୍ମିତ ଭଗବାନପୁର ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ଅକାମୀ ହୋଇ ପଡ଼ିଛି। ଚିକିତ୍ସା ସହାୟକ କେନ୍ଦ୍ର ପାଇଁ ନିଯୁକ୍ତ ଭାରପ୍ରାପ୍ତ ନିରୀକ୍ଷକ ଧାମନଗର ଚିକିତ୍ସା କେନ୍ଦ୍ରରେ ରହିଥିଲେ ମଧ୍ୟ ଏଠାକୁ କେବେ ଆସି ନାହାଁନ୍ତି। ଏହି ପଞ୍ଚାୟତରେ ୧୫୦୦ରୁ ଅଧିକ ଗୋଲୁଗାଈ ଓ ୫୦୦ରୁ ଊର୍ଦ୍ଧ୍ୱ ଛେଳି ଏବଂ ପ୍ରାୟ ୧୦ଟି ବ୍ୟାବସାୟିକ ଓ ଘରୋଇ କୁକୁଡ଼ା ପାଳନ କେନ୍ଦ୍ର ଅଛି। ଏଣୁ ପ୍ରାଣୀ ଚିକିତ୍ସାଳୟ ଓ ପ୍ରାଣୀ ସହାୟକ କେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ଯୋଗାଇବା ସହ ଅଚଳ କେନ୍ଦ୍ରଗୁଡିକ କାର୍ଯ୍ୟକ୍ଷମ ପାଇଁ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କଠାରେ ବିଭିନ୍ନ ମହଲରୁ ଦାବି ହେଉଛି।






### କାରଖାନା ବସ୍ ଚଳାଚଳ ନିୟନ୍ତ୍ରଣ ଧୂଆଁବାଣ


## ବ୍ୟାସନଗରରେ ଟ୍ରାଫିକ୍ ସମସ୍ୟା ଉତ୍କଟ

**ବ୍ୟାସନଗର, ୧୨।୯ (ସମିସ)**

ବ୍ୟାସନଗର ସହରରେ ଦିନକୁ ଦିନ ବଢୁଛି ଟ୍ରାଫିକ ସମସ୍ୟା। ତେବେ ଶିଳ୍ପନଗରୀ କଳିଙ୍ଗନଗରର ମୁଖଶାଳା ଏବଂ ଆଧୁନିକ ସହର ଭାବେ ଗଢିଉଠୁଥିବାରୁ ଏଠାରେ ବସବାସ କରିବାକୁ ଏବେ ଲୋକଙ୍କ ଧାଡି ଛୁଟିଛି। ଏହାରି ମଧ୍ୟରେ ସହରର ଜନସଂଖ୍ୟା କ୍ଷମତାଠାରୁ ପ୍ରାୟ ଦେଢ ଗୁଣ ଲୋକ ଏଠାରେ ବସବାସ କରୁଥିବା ବେଳେ ଦିନକୁ ଦିନ ଭିଡ ସମସ୍ୟା ଉତ୍କଟ ହେବାରେ ଲାଗିଛି। ତେବେ ସହରରେ ଟ୍ରାଫିକ ସମସ୍ୟା ଏକ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ୨୦୦୫ ମସିହାରୁ ସହରର ଟ୍ରାଫିକ ନିୟନ୍ତ୍ରଣ ନେଇ ଅଙ୍କା ହୋଇଥିବା ନୀଳ ନକ୍ସା ନାଲି ଫାଇଲ ତଳେ ଚାପି ହେଇ ଶ୍ୱାସରୁଦ୍ଧ ହୋଇ କେଉଁ ଏକ କୋଣରେ ପଡ଼ିରହିଛି। ଏପରି ସ୍ଥିତିରେ ସହରର ଭିଡ଼ ନିୟନ୍ତ୍ରଣ ନେଇ ସହରବାସୀଙ୍କ ସ୍ୱରକୁ ଚୁପ କରିବାକୁ ଗତ ମାର୍ଚ୍ଚ ମାସରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ତତ୍କାଳୀନ ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କଳିଙ୍ଗନଗର କାରଖାନାର ବସଗୁଡିକ ବ୍ୟାସନଗର ସହର ମଧ୍ୟକୁ ପ୍ରବେଶ ନେଇ ଏକ ମାର୍ଗଦର୍ଶିକା ଜାରି କରିବା ସହିତ ଏହାକୁ ଉଲ୍ଲଙ୍ଘନ କଲେ ଜରିମାନା କରାଯିବ ବୋଲି ମଧ୍ୟ ସୂଚନା ଦେଇଥିଲେ। ୨୦୨୫ ମସିହା ମାର୍ଚ୍ଚ ମାସ ୧ ତାରିଖ ଅପରାହ୍ନ ୧ ଘଟିକା ସମୟରେ ଯାଜପୁର ରୋଡ ଆଦର୍ଶ ଥାନା ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆହୂତ ପ୍ରେସ୍ ମିଟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନନ୍ଦ ଏବଂ ଥାନାଧିକାରୀ ଶ୍ରୀଯୁକ୍ତ ପ୍ରଧାନ ସହରର ଭିଡ ନିୟନ୍ତ୍ରଣ ନେଇ ରୋଡ ମ୍ୟାପ ଜାରି କରିବା ସହିତ ସହରର କୃତ୍ରିମ ଭିଡ ନିୟନ୍ତ୍ରଣରେ ପ୍ରଶାସନର ଅନେକ ଆନ୍ତରିକତା ରହିଥିବା ଦୃଶ୍ୟମାନ କରାଇଥିଲେ। ତେବେ ବିଭିନ୍ନ କାରଖାନାର ପ୍ରାୟ ୬୬ ଗୋଟି ବସ୍ ୫ ଗୋଟି ରୁଟରେ ସହର ମଧ୍ୟରେ ଯାତାୟତ କରିବାକୁ ଉକ୍ତ ବୈଠକରେ ସୂଚନା ଦିଆଯାଇଥିଲା। ତେବେ ଏହାମଧ୍ୟରୁ ୧୯ ଗୋଟି ବସ ରେଳଷ୍ଟେସନରୁ କର୍ମଚାରୀଙ୍କୁ ଧରି ଗୋପବନ୍ଧୁ ଛକ ଚୋରଦା ଦେଇ କାରଖାନା ଅଭିମୁଖେ ଯାତ୍ରା କରିବା ସହିତ ଏହି ଷ୍ଟପେଜ ବ୍ୟତୀତ ଉକ୍ତ ବସଗୁଡିକ ଅନ୍ୟ କୌଣସି ସ୍ଥାନରେ ଷ୍ଟପେଜ କରିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ସେହିପରି ନହକା ରୁଟରେ ଯାତାୟତ କରୁଥିବା ୨୦ଗୋଟି ବସ ନହକା ବିଜୁ ପଟ୍ଟନାୟକ ଗୋଲେଇ ଛକରୁ ବୁଲି ବେଣାପୁର ହୋଇ ବାଇପାସ ରୋଡରେ କାରଖାନା ଅଭିମୁଖେ ଯାତ୍ରା କରିବେ। ତେବେ ମାସ କେଇଟା ନଯାଉଣୁ ପ୍ରଶାସନର କାରଖାନା ବସ୍ ପ୍ରତି କଟକଣା ଧୂଆଁବାଣ ସଦୃଶ ହୋଇଛି। ଷ୍ଟେସନ ଏବଂ ନହକା ରୁଟର ଅନେକାଂଶ ବସ୍ ମନଇଛା ରାସ୍ତା ଉପରେ ଛିଡା କରି କର୍ମଚାରୀଙ୍କୁ ଉଠାଇବା ଏବଂ ଓହ୍ଲାଇବା କାର୍ଯ୍ୟ କରୁଥିବା ଏପରିକି ନହକା ରୁଟର ଅନେକ ବସ ପ୍ରଶାସନ ପ୍ରଦତ୍ତ ନିୟମ ଭାଙ୍ଗି ନହକାରୁ ଚୋରଦା ଦିଗରେ ଜବରଦସ୍ତ ଯାଉଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟ ସିଦାସଳଖ ଦର୍ଶାଉଛି ଯେ କାରଖାନା କର୍ତ୍ତୃପକ୍ଷ ଏବଂ ବସଗୁଡିକ କିପରି ପ୍ରଶାସନିକ ନିୟମର ଧଜିଆ ଉଡାଇବାକୁ ଆଦୌ କୁଣ୍ଠାବୋଧ କରୁନାହାଁନ୍ତି। ତେବେ ପ୍ରଶାସନର ନିୟମ ଏବେ ଧୂଆଁବାଣ ବୋଲି ସହରର ଗଳି କନ୍ଦିରେ ଆଲୋଚନା ହେଉଥିବା ବେଳେ ପ୍ରଶାସନର ନିୟମ ଉଲ୍ଲଙ୍ଘନ କଲେ ଫାଇନ ଏକ ପ୍ରହେଳିକା ବୋଲି ସହରର ବୁଦ୍ଧିଜୀବିମାନେ ମତବ୍ୟକ୍ତ କରିଛନ୍ତି। ତେବେ ଏପରି ଅବ୍ୟବସ୍ଥା ଏବଂ ସହରରେ ଭିଡ ଦୂର କରିବାକୁ ଯାଜପୁର ଜିଲ୍ଲାପାଳ ତ୍ୱରିତ ଏବଂ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଆଇନ ଅମାନ୍ୟକାରୀଙ୍କୁ ଜରିମାନା କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

THE SAKALA

# ସମ୍ପାଦକୀୟ



ମନ୍ଦବୁଦ୍ଧିରୁ ହିଁ ସନ୍ଦେହ ଜନ୍ମ ନିଏ।
-ୱିଲିୟମ ସେକ୍ସପିୟର

## ଟ୍ରମ୍ପଙ୍କ ଅସ୍ଥିର ମନ ଓ ମତ

ଆମେରିକାର ଅତିରିକ୍ତ ଶୁଳ୍କକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ତିକ୍ତତାରୁ କୂଟନୈତିକ ସ୍ତରରେ ଭାରତ ସହ ସଂପର୍କ କେବଳ କ୍ଷୁଣ୍ଣ ହୋଇନି, ଅଚଳାବସ୍ଥା ପରିଲକ୍ଷିତ ହୋଇଛି। ଏପରିକି ବାଣିଜ୍ୟ ଚୁକ୍ତିକୁ ନେଇ ଦ୍ୱିପାକ୍ଷିକ ଆଲୋଚନାକୁ ସ୍ଥଗିତ ରଖାଯାଇଛି। ଏହାକୁ କେନ୍ଦ୍ରକରି ଭାରତ ପାଇଁ ସୃଷ୍ଟି ହୋଇଥିବା ବିକଳ୍ପ ପନ୍ଥାର ବାଧ୍ୟବାଧକତା ଯେ ଆମେରିକା ସ୍ୱାର୍ଥର ପରିପନ୍ଥୀ ହେବ ତାହା ତ ଜଣାଶୁଣା କଥା। ତେଣୁ ସ୍ଥିତି ସୁଧାରିବା ସକାଶେ ଘଡ଼ିଘଡ଼ିକେ ମତ ପରିବର୍ତ୍ତନ କରିବାରେ ମାହିର ଟ୍ରମ୍ପ ଉଦ୍ୟମ ଆରମ୍ଭ କରିଛନ୍ତି। ମୋଦୀଙ୍କୁ ନିକଟତମ ବନ୍ଧୁ ରୂପେ ଗତ ସପ୍ତାହକ ମଧ୍ୟରେ ଦୁଇ ଦୁଇ ଥର ସୂଚନା ଦେବା ସହ ଦ୍ୱିପାକ୍ଷିକ କଥାବାର୍ତ୍ତା ପାଇଁ ପଥ ପରିଷ୍କାର କରିଛନ୍ତି। ବାଣିଜ୍ୟ କଥାବାର୍ତ୍ତାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହେବା ସହ ଦୁଇଦେଶ ପରସ୍ପରର ନିକଟବର୍ତ୍ତୀ ହେବାର ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଅପରପକ୍ଷରେ ଭାରତ ସହିତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ନ କରିବା ପାଇଁ ୟୁରୋପୀୟ ରାଷ୍ଟ୍ର ସଂଘ ଉପରେ ପରୋକ୍ଷ ଚାପ ସୃଷ୍ଟି କରିଛନ୍ତି।

ୟୁରୋପୀୟ ରାଷ୍ଟ୍ରସଂଘ ସହ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ସଂଘ ଉପରେ ଟ୍ରମ୍ପଙ୍କ ନାକାରାତ୍ମକ ଚାପ ଏକ ବିଷମ ପରିଣତି ସୃଷ୍ଟି କରିଛି। ୟୁରୋପୀୟ ରାଷ୍ଟ୍ରସଂଘର ବାଣିଜ୍ୟ ଆୟୁକ୍ତ ମାରୋସ୍ ସେଫକୋଭିକ୍‌ଙ୍କ ଭାରତ ଗସ୍ତର ସକାରାତ୍ମକ ଦିଗ ସଂପର୍କରେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଯେଉଁ ସୂଚନା ଦେଇଛନ୍ତି ସେଥିରେ ବିଭ୍ରାଟ ଘଟାଇବା ପାଇଁ ଟ୍ରମ୍ପଙ୍କ ଶେଷ ମୂହୂର୍ତ୍ତରେ ଉଦ୍ୟମ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ହେଲେ ଭାରତ ଓ ଚୀନ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ଉଚିତ। ୟୁରୋପୀୟ ରଷ୍ଟ୍ରସଂଘକୁ ସେ ଏପ୍ରକାର ପରାମର୍ଶ ଦେଇ ଭାରତ ସହ ହେବାକୁ ଥିବା ଚୁକ୍ତିନାମାରେ ପାଣି ଢାଳି ଦେଇଛନ୍ତି କହିଲେ ଭୁଲ ହେବ ନାହିଁ। ଆଗପଛ ଏହି ଦୁଇଟି ଘଟଣାକ୍ରମର ଅସଲ ଭିତିରି ଉଦ୍ଦେଶ୍ୟ କ'ଣ ହଠାତ୍ ଆକଳନ କରିବା କଷ୍ଟକର।

ଟ୍ରୁଥ ସାମାଜିକ ଗଣମାଧ୍ୟମର ପୋଷ୍ଟରେ ଟ୍ରମ୍ପ ଅବଗତ କରାଇଛନ୍ତି ଯେ ଭାରତ ଓ ଆମେରିକା ମଧ୍ୟ ସୃଷ୍ଟି ହୋଇଥିବା ବାଣିଜ୍ୟ ପ୍ରତିବନ୍ଧକ ଆଲୋଚନା ମାଧ୍ୟମରେ ଦୂର ହେବ। ମୋଦି ତାଙ୍କର ଉତ୍ତମ ବନ୍ଧୁ। ଖୁବ୍‌ଶୀଘ୍ର ଦୁଇ ମହାନ ରାଷ୍ଟ୍ରମଧ୍ୟରେ ସଫଳ ବୁଝାମଣା ହେବା ନେଇ ସେ ଆଶାବାଦୀ। ମୋଦୀ ମଧ୍ୟ କହିଛନ୍ତି ଦୁଇଦେଶ ପରସ୍ପରର ଉତ୍ତମ ବନ୍ଧୁ ଓ ସ୍ୱାଭାବିକ ସହଯୋଗୀ। ଦ୍ୱିପାକ୍ଷିକ ଆଲୋଚନାର ସଫଳତା ପାରସ୍ପରିକ ସହଭାଗିତାକୁ ସୁଦୃଢ଼ କରିବାର ସହାୟକ ହେବ। ଏହାବ୍ୟତୀତ ଦୁଇନେତାଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ପ୍ରତ୍ୟକ୍ଷ କଥାବାର୍ତ୍ତାର ସୂଚନା ମିଳିଛି। କିନ୍ତୁ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ଟ୍ରମ୍ପଙ୍କ କଥାରେ ଭାରତ ଭାସିଯିବା ଉଚିତ୍ ନୁହେଁ। କୂଟନୈତିକ ସ୍ତରରେ ଘନ ଘନ ମତପରିବର୍ତ୍ତନ କରୁଥିବା ନେତୃତ୍ୱ ଯେ ଅସ୍ଥିର ଓ ବିଚଳିତ ଏକଥା ଯେ କେହି ସ୍ୱୀକାର କରିବ। ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ଆମେରିକାର ପ୍ରାଧାନ୍ୟ, ପତିଆରା ଓ ଟ୍ରମ୍ପଙ୍କ ନେତୃତ୍ୱ ବାଜିରେ ଲାଗିଥିବା ଭଳି ମନେ ହୁଏ। ତେଣୁ ତାଙ୍କ କଥାବାର୍ତ୍ତାରୁ ସ୍ପଷ୍ଟ ଯେ ସେ ବିଚଳିତ ଓ ବିବ୍ରତ।

## ହିଂସାର ୮୭୨ ଦିନ ପରେ

ମଣିପୁରରେ ହିଂସା କ୍ରମେ ପ୍ରଶମିତ ହେଉଥିଲେ ହେଁ ପରସ୍ପର ବିରୋଧୀ ଦୁଇଗୋଷ୍ଠୀ ମଧ୍ୟରେ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା ହୋଇପାରିନାହିଁ। ରାଜ୍ୟରେ ବୀରେନ ସିଂ ସରକାରକୁ ବରଖାସ୍ତ କରି ରାଷ୍ଟ୍ରପତି ଶାସନ ଜାରି ହେବା ପରେ ଶାନ୍ତି ପ୍ରସ୍ତାବକୁ ଆଗେଇ ନେବାର ସୁଯୋଗ ସୃଷ୍ଟି ହେଲା। ୨୦୨୩ ମେ ମାସରେ ଆରମ୍ଭ ହୋଇଥିବା ହିଂସାକାଣ୍ଡ ଭୟଙ୍କର ରୂପ ନେଇଥିଲେ ମଧ୍ୟ ରାଜ୍ୟରେ କ୍ଷମତାସୀନ ସରକାରର ଆଭିମୁଖ୍ୟ କାର୍ଯ୍ୟଧାରା ପ୍ରଶମନ ବଦଳରେ ପ୍ରୋତ୍ସାହିତ କରିବାରୁ ସ୍ଥିତି ଆଣାୟତ୍ତ ହୋଇପଡ଼ିଥିଲା। ତତ୍କାଳୀନ ରଜ୍ୟପାଳ ଅନୁସୂୟା ୟୁକେ ପରିସ୍ଥିତିର ଗମ୍ଭୀରତା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ। ଏପରିକି ସୁପ୍ରିମକୋର୍ଟ ନିଜ ଆଡ଼ୁ ହସ୍ତକ୍ଷେପ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଭଳି ପରିସ୍ଥିତି ଉପୁଜିଥିଲା। ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି କେନ୍ଦ୍ର ସରକାର ସେବା ନିବୃତ୍ତ ଘରୋଇ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ରାଷ୍ଟ୍ରପତି ଶାସନକାଳର ସ୍ଥିତି ସମ୍ଭାଳିବା ସକାଶେ ରାଜ୍ୟପାଳ ଦାୟିତ୍ୱରେ ଅବସ୍ଥାପିତ କଲେ।

ଘଟଣାକ୍ରମର ୮୭୨ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଣିପୁର ଗସ୍ତରେ ଯାଉଛନ୍ତି। ସଂଘର୍ଷରତ ମୈତେଇ ଓ କୁକି ଗୋଷ୍ଠୀ ଉଭୟ ଏହି କାର୍ଯ୍ୟକ୍ରମକୁ ନେଇ ଆଶାବାଦୀ। ସଂଘର୍ଷ ଓ ହିଂସାକାଣ୍ଡର ପୃଷ୍ଠଭୂମିରେ ହାଇକୋର୍ଟ ରାୟର ଯେତେ ପ୍ରଭାବ ନଥିଲା, ତାହାଠାରୁ ଅଧିକ ଥିଲା ରାଜ୍ୟରେ ହିନ୍ଦୁ ସଂପ୍ରଦାୟ ସହ ସମ୍ପୃକ୍ତ ମୈତେଇ ଗୋଷ୍ଠୀର ସରକାର ଏବଂ ପ୍ରତିପକ୍ଷ କୁକି ଗୋଷ୍ଠୀ ଆଦିବାଦୀ ସଂପ୍ରଦାୟ ମଧ୍ୟରେ ବିବାଦ। ମୈତେଇଙ୍କୁ ଜନଜାତି ମାନ୍ୟତା ବିରୋଧରେ ମୁଣ୍ଡଟେକିଥିବା ହିଂସା ବିରୋଧରେ ସରକାରଙ୍କ କଠୋର ଦମନମୂଳକ ନୀତି କ୍ରମେ ସଂପ୍ରଦାୟିକ ସଂଘର୍ଷର ରୂପ ନେଲା। ଦୁଇ ସମ୍ପ୍ରଦାୟ ମଧ୍ୟରେ ଆସ୍ଥା ଓ ବିଶ୍ୱାସ ସୃଷ୍ଟି ସକାଶେ ବୀରେନ୍ ସିଂ ସରକାରକୁ ତୁରନ୍ତ ବରଖାସ୍ତ କରାଯିବା ପରିବର୍ତ୍ତେ ହିଂସା ଓ ବିଦ୍ୱେଷକୁ ପରୋକ୍ଷରେ ପ୍ରୋତ୍ସାହିତ କରାଯାଇଥିବା ଅଭିଯୋଗ ତୀବ୍ର ହୋଇଥିଲା। ଆଶ୍ୱାସନାର ବିଷୟ ଯେ ବିଳମ୍ବରେ ହେଲେ ମଧ୍ୟ ସ୍ଥିତି ସୁଧୁରୁଛି। ୨ ନମ୍ବର ଜାତୀୟ ରାଜପଥରୁ ଅବରୋଧ ହଟିଛି ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଆଗକୁ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି।

ପ୍ରଧାନମନ୍ତ୍ରୀ ଚୁରାଚାନ୍ଦପୁର ଓ ଇମ୍ଫାଲ୍ ଜନତାଙ୍କୁ ସମ୍ବୋଧନ କରିବା କାର୍ଯ୍ୟକ୍ରମ ରହଛି। କୁକି ନେତା ମୋଦୀଙ୍କ ଗସ୍ତକ୍ରମକୁ ସ୍ୱାଗତ କରିଥିଲେ ମଧ୍ୟ ସେମାନଙ୍କ କହିବା କଥା ହେଲା ସେମାନଙ୍କ ଆଖିର ଲୁହ ଶୁଖିନି କି କ୍ଷତି ସରିନି। ଏଭଳି ପରିସ୍ଥିତିରେ ନୃତ୍ୟ-ଗୀତ କାର୍ଯ୍ୟକ୍ରମରେ ତାଙ୍କ ସଂପ୍ରଦାୟ ଅଂଶଗ୍ରହଣ କରିପାରିବନି। ରାଜ୍ୟରେ ଅସ୍ଥାୟୀ ରିଲିଫ ଶିବରିରେ ଅବସ୍ଥାନ କରୁଥିବା ୪୦,୦୦୦ କ୍ଷତିଗ୍ରସ୍ତଙ୍କ ଦୟନୀୟ ସ୍ଥିତି ସଂପର୍କରେ ଅବଗତ ହେବା ପାଇଁ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଭେଟିବା ଉଚିତ୍। ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ସକାଶେ କୁକି ଅବସ୍ଥାନ କରୁଥିବା ଅଞ୍ଚଳକୁ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ଅଧୀନରେ ରଖିବାକୁ ଦାବି କରାଯାଇଛି। ଏଥିରୁ ସ୍ପଷ୍ଟ ଯେ ରାଜ୍ୟର ଶାସନ କ୍ଷମତା ଅଧୀନରେ ସେମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ସମସ୍ୟାର ଏଭଳି ବହୁ ଦିଗ ଅଛି, ଯାହା ଏର୍ପ୍ୟନ୍ତ ସମାଧାନ ହୋଇପାରିନାହିଁ।

# ମହେନ୍ଦ୍ରଗିରିର ସଂରକ୍ଷଣ ପ୍ରକୃତି-ଧର୍ମୀ ହେବା ବାଞ୍ଛନୀୟ

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ପଦ୍ମ ପୁରାଣ, ଅଗ୍ନି ପୁରାଣ, ମତ୍ସ୍ୟ ପୁରାଣରେ ଭାରତର ସାତଟି ସୁଉଚ୍ଚ ଗିରି ଶୃଙ୍ଗ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହାକୁ 'ସପ୍ତ କୁଳଗିରି' କୁହାଯାଏ। ସେଗୁଡ଼ିକ ହେଉଛି ମହେନ୍ଦ୍ରଗିରି, ମାଲ୍ୟଗିରି, ସାହ୍ୟାଦ୍ରି, ପାରିଜାତ୍ରା, ଶୁକ୍ତିମାନ, ବିନ୍ଧ୍ୟ ଓ ମାଲ୍ୟବନ୍ତ। ତନ୍ମଧ୍ୟରୁ ମହେନ୍ଦ୍ରଗିରି ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ। ମହେନ୍ଦ୍ରଗିରି ପ୍ରାଚୀନ କଳିଙ୍ଗ ସଭ୍ୟତାର ଆଦ୍ୟଭୂମି। ରାମାୟଣ, ମହାଭାରତ ଭଳି ଆହୁରି ଅନେକ ପୁରାଣରେ ମଧ୍ୟ ମହେନ୍ଦ୍ରଗିରି ବିଷୟରେ ଉଲ୍ଲେଖ ଅଛି। ମହେନ୍ଦ୍ରଗିରିକୁ 'ପର୍ଶୁରାମ କ୍ଷେତ୍ର' ମଧ୍ୟ କୁହାଯାଏ। ପିଣ୍ଡଦାନ ପାଇଁ ମହେନ୍ଦ୍ରଗିରି ଏକ ଶ୍ରେଷ୍ଠ ପବିତ୍ର ଭୂମି ଭାବରେ ବିଦିତ। ମହେନ୍ଦ୍ରଗିରିରେ କୁନ୍ତି ମନ୍ଦିର, ଯୁଧିଷ୍ଠିର ମନ୍ଦିର, ଭୀମ ମନ୍ଦିର, ଅର୍ଜୁନ ଗୁମ୍ଫା, ଦାରୁ ବ୍ରହ୍ମ, ପର୍ଶୁରାମ ବିଗ୍ରହ, ପର୍ଶୁରାମ କୁଣ୍ଡ ଆଦି ପ୍ରାଚୀନ କୀର୍ତ୍ତିରାଜିମାନ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ଆଣ୍ଟିକ୍ୱେଟ ମନୁମେଣ୍ଟ ଆରକିଓଲୋଜି ରିମେଇନ୍ସ ଆଣ୍ଡ ସାଇଟ୍ସ ଆକ୍ଟ ୧୯୫୮ ଆଧାରରେ ଏହିସବୁ କୀର୍ତ୍ତିରାଜିକୁ ସୁରକ୍ଷା ପ୍ରଦାନ କରାଯାଉଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପରିକଳ୍ପିତ 'ରାମାୟଣ ସର୍କିଟ' ଅଧୀନରେ ଚିହ୍ନିତ ପନ୍ଦରଟି ସ୍ଥାନ ତାଲିକାରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରାଯାଇଛି।

୭୫,୦୦୦ ବର୍ଗ କିଲୋମିଟର ପରିବ୍ୟାପ୍ତ ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ ମହେନ୍ଦ୍ରଗିରି ପାହାଡ଼ସମୂହରୁ ଜଳସ୍ରୋତ ମହେନ୍ଦ୍ରତନୟା, ଋଷିକୂଲ୍ୟା, ବଂଶଧାରା, ବାହୁଦା ନଦୀ ଏବଂ ବହୁ ଛୋଟବଡ଼ ଝରଣାକୁ ପ୍ରବାହିତ ହୁଏ। ମହେନ୍ଦ୍ରଗିରି ଉତ୍ତରୀ ହିମାଳୟ ଏବଂ ଦାକ୍ଷିଣାତ୍ୟ ଉପଦ୍ୱୀପ ଡେକାନ ମାଳଭୂମିର ଜୈବ ବିବିଧତାକୁ ପ୍ରତିନିଧିତ୍ୱ କରେ। ମହେନ୍ଦ୍ରଗିରି ପାହାଡ଼ ସମୂହର ବିବିଧ ଉଦ୍ଭିଦ ଭରା ଜଙ୍ଗଲକୁ ଚାରିପ୍ରକାରରେ ବିଭକ୍ତ କରାଯାଇପାରେ। ଯଥା-ଶାଳ ଜଙ୍ଗଲ, ମିଶ୍ରିତ ଜଙ୍ଗଲ, ତୃଣଭୂମି ଜଙ୍ଗଲ ଓ ବୁଦୁବୁଦିଆ ଜଙ୍ଗଲ। ଏହା ଅନେକ ଔଷଧୀୟ ଉଦ୍ଭିଦର ଗନ୍ତାଘର। ଭାରତୀୟ ହାତୀ, ମହାବଳ ବାଘ, ଚିତାବାଘ, କଳରାପତରିଆ ବାଘ, ହେଟା ବାଘ, ବଣୁଆ ଭାଲୁ, ହରିଣ, ଆଣ୍ଟେଲୋପ, ମୟୂର, ସର୍ପ, ଆହୁରି ଅନେକ ପ୍ରକାର ସ୍ଥଳଚର ପ୍ରାଣୀ ଓ ପକ୍ଷୀଙ୍କ ପାଇଁ ମହେନ୍ଦ୍ରଗିରି ପର୍ବତ ସମୂହ ପରିସଂସ୍ଥା ଏକ ସର୍ବୋତ୍ତମ ପ୍ରାକୃତିକ ବାସସ୍ଥାନ ଥିଲା। ଏକ ସର୍ବେକ୍ଷଣ ତଥ୍ୟାନୁଯାୟୀ ବର୍ତ୍ତମାନ ଏଠାରେ ୧୩୦୦ରୁ ଉର୍ଦ୍ଧ୍ୱ ବିବିଧ ଉଦ୍ଭିଦ ଜାତି ଚିହ୍ନଟ ହୋଇଥିବା ବେଳେ ୩୮୮ ଜାତିର ପ୍ରାଣୀ ରହିଥିବା ଜଣାଯାଏ। ସେଥିରେ ଅନ୍ତର୍ଭୁକ୍ତ ଅଛନ୍ତି ୨୭ ପ୍ରକାର ସ୍ତନ୍ୟପାୟୀ, ୧୬୫ ଜାତିର ପକ୍ଷୀ, ୧୦୦ରୁ ଅଧିକ ଉଷୀ, ପ୍ରଜାପତି। ସୁଖର କଥା, ଓଡ଼ିଶା ସରକାର ମହେନ୍ଦ୍ରଗିରିର ଇଡନଗିରି ଓ ମହେନ୍ଦ୍ର ରିଜର୍ଭ ଜଙ୍ଗଲ ଅଞ୍ଚଳକୁ ନେଇ ୪, ୨୫୦ ହେକ୍ଟର ବନାଞ୍ଚଳରେ ନଭେମ୍ବର ୨୦୨୨ ରେ ଏକ ଜୈବ ବିବିଧତା ଐତିହ୍ୟ ପ୍ରତିଷ୍ଠା କରିଛନ୍ତି।

ଅଧୁନା ପୋଡୁ ଚାଷ, ଅବିଚାରିତ ବୃକ୍ଷ ଛେଦନ, ଜଙ୍ଗଲଜାତ ଦ୍ରବ୍ୟର ଅଧିକ ସଂଗ୍ରହ, ପଥର ଖଣି ଖାଦାନ, ରାସ୍ତାଘାଟ ନିର୍ମାଣ, ଅବାଧ ମୋଟରଯାନ ଚଳାଚଳ, ପର୍ଯ୍ୟଟକମାନଙ୍କ ପାଇଁ ବିଳାସମୟ ବାସଗୃହ ବା କଟେଜ ନିର୍ମାଣ ଭଳି ମାନବୀୟ କାର୍ଯ୍ୟକଳାପ ହେତୁ ବିବିଧ ପ୍ରାଣୀ ଓ ଉଦ୍ଭିଦ ଜାତି ଭରା ଘନ ବନଭୂମିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମହେନ୍ଦ୍ରଗିରି ପରିସଂସ୍ଥାର ପ୍ରାକୃତିକତା ଅବକ୍ଷୟମୁଖୀ ହୋଇ ଚାଲିଛି ଏବଂ ବନ୍ୟଜୀବଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ଅନେକ ଉଦ୍ଭିଦ ଓ ପ୍ରାଣୀ ଜାତି ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ(ଆଇୟୁସିଏନ୍) ଦ୍ୱାରା ପ୍ରସ୍ତୁତ ଲାଲକିତାବରେ 'ବିପଦ', 'ଦୁର୍ବଳ', 'ବିଲୁପ୍ତ' ଓ 'ବିରଳ' ବର୍ଗରେ ସ୍ଥାନିତ ହୋଇସାରିଲାଣି ଏବଂ ଆହୁରି ଅନେକ ଏଥିରେ ଯୋଡ଼ି ହେବାର ଆଶଙ୍କା ରହିଛି। ତିତିଲି ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ମହେନ୍ଦ୍ରଗିରି ପରିସଂସ୍ଥାରେ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ପ୍ରାଣୀ ଜାତି ଏପର୍ଯ୍ୟନ୍ତ ନମନୀୟ ରହିଛନ୍ତି। ଅଧିକ କାଳ ବିଳମ୍ବ ନକରି ବଞ୍ଚି ରହିଥିବା ଜୈବ ବିବିଧତାର ସଂରକ୍ଷଣ ତଥା ପ୍ରାକୃତିକ ଆବାସ ସ୍ଥାନର ବିକାଶ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ।

ପାହାଡ଼ ସମୂହରେ ସନ୍ନିବିଷ୍ଟ ପ୍ରାକୃତିକ ସମ୍ପଦର ବିକାଶ ସ୍ଥାନୀୟ ସମ୍ପ୍ରଦାୟର ଆର୍ଥିକ ସୁରକ୍ଷା ତଥା ବିକାଶ ସହିତ ଜଡ଼ିତ। 'ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଭାରତୀୟ ବନ୍ୟଜୀବ ଅନୁଷ୍ଠାନ) 'ଭାରତରେ ବନ୍ୟ ଜୀବ ସଂରକ୍ଷିତ କ୍ଷେତ୍ର ନେଟୱାର୍କ ଯୋଜନା' ନାମକ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ। ଏହି ରିପୋର୍ଟର ସୁପାରିସ ଅନୁସାରେ ଉତ୍ତର, ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପୂର୍ବରେ ଉଦ୍ଭିଦ-ଭୌଗୋଳିକ ସମ୍ବନ୍ଧ ଆଧାରରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ଅଭୟାରଣ୍ୟ ଓ ସଂରକ୍ଷିତ ଜୈବମଣ୍ଡଳ ସ୍ଥାପନ କରିବା ପାଇଁ ପରାମର୍ଶ ରହିଛି। ୧୯୮୮ ମସିହାରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଉକ୍ତ ସୁପାରିସକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ସହ ଏକ ଅନୁରୋଧ ପତ୍ର ପଠାଇଥିଲା। ୨୫ ନଭେମ୍ବର ୧୯୯୫ରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ବନ୍ୟଜୀବ ପରାମର୍ଶଦାତା ବୋର୍ଡର ୧୫ତମ ବୈଠକରେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ଏକ ବନ୍ୟଜୀବ ଅଭୟାରଣ୍ୟ ସୃଷ୍ଟି ପାଇଁ ସୁପାରିସ କରାଯାଇଥିଲା। ଓଡ଼ିଶା ପରିବେଶ ସମିତିର ପ୍ରସ୍ତାବକ୍ରମେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୨୦୧୧ ମସିହାରେ ମହେନ୍ଦ୍ରଗିରି ସଂରକ୍ଷିତ ଜୈବମଣ୍ଡଳ ଗଠନ ହେବାର ସମ୍ଭାବନା ଅଧ୍ୟୟନ ପାଇଁ ଏକ କମିଟି ଗଠନ କରିଥିଲେ। ଉକ୍ତ କମିଟିର ୨୦. ୧୨. ୨୦୧୪ ରେ ଅନୁଷ୍ଠିତ ଚତୁର୍ଥ ବୈଠକରେ ସର୍ବସମ୍ମତି କ୍ରମେ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସରେ ସଂରକ୍ଷିତ ଜୈବମଣ୍ଡଳ ସୃଷ୍ଟି କରିବା ପାଇଁ ସୁପାରିସ କରିଥିଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟ ଜୀବ) ୨୦୧୯ ଜାନୁଆରୀରେ ଓଡ଼ିଶା ସରକାରଙ୍କୁ ଏହି ସମ୍ବନ୍ଧୀୟ ଚିଠାପ୍ରସ୍ତାବ ମଧ୍ୟ ପ୍ରଦାନ କରିସାରିଛନ୍ତି।

ସଂରକ୍ଷିତ ଜୈବମଣ୍ଡଳରେ ପ୍ରାକୃତିକ ବନ୍ୟ ପ୍ରାଣୀ ଓ ଉଦ୍ଭିଦ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ସହିତ ଇକୋ-ଟୁରିଜିମ୍(ପରିସଂସ୍ଥା ପର୍ଯ୍ୟଟନ), ପର୍ଯ୍ୟଟନ, କୁଟୀର ଶିଳ୍ପ ସମେତ ସମସ୍ତ ପ୍ରକାର ପରିସଂସ୍ଥା ଅନୁକୂଳ ବିକାଶ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯାଇପାରିବ। ଆହୁରି ମଧ୍ୟ ପ୍ରାଚୀନ ମନ୍ଦିର ସ୍ମାରକୀଗୁଡ଼ିକର ଉପସ୍ଥିତି ଏବଂ ଗିରିଶୃଙ୍ଗର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଟ୍ରେକିଂ ମାର୍ଗର ବ୍ୟବସ୍ଥା କରାଯିବା ସହିତ ମହେନ୍ଦ୍ରଗିରି ପାହାଡ଼ କମ୍ପ୍ଲେକ୍ସକୁ ଏକ ପ୍ରାକୃତିକ ଐତିହ୍ୟ ସ୍ଥଳ ଭାବରେ ବିକଶିତ କରାଯାଇ ପାରିବ। ୟୁନେସ୍କୋର ପରାମର୍ଶ ଅନୁଯାୟୀ ବିଶ୍ୱ ପ୍ରାକୃତିକ ଐତିହ୍ୟ ସ୍ଥଳର 'ସମ୍ଭାବ୍ୟ ତାଲିକା'ରେ ମହେନ୍ଦ୍ରଗିରିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସରକାର ପ୍ରଥମେ ଏକ ପ୍ରସ୍ତାବ ଦେବା ଉଚିତ୍। ଏହିଭଳି ପଦକ୍ଷେପ ସ୍ଥାନୀୟ ଲୋକଙ୍କ ସାମାଜିକ-ଅର୍ଥନୈତିକ-ସାଂସ୍କୃତିକ ସ୍ଥିତିକୁ ପରିବର୍ଦ୍ଧିତ କରିବାରେ ସହାୟକ ହେବ।

ସୂଚନା ଅନୁଯାୟୀ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଏହି ପୁରାଣ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ତୀର୍ଥକ୍ଷେତ୍ରର ପୂର୍ଣ୍ଣାଙ୍ଗ ରୂପ ବଦଳିବାକୁ ଯାଉଛି। ଏଥିପାଇଁ ଡିପିଆର ବା ନକ୍ସା ମଧ୍ୟ ପ୍ରସ୍ତୁତ ହୋଇସାରିଲାଣି। ମହେନ୍ଦ୍ରଗିରି ଶିଖରରେ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ମହେନ୍ଦ୍ର ଆଶ୍ରମ, ସାଧନା ମଣ୍ଡପ, ଅନ୍ନପୂର୍ଣ୍ଣା ମଣ୍ଡପ, ସାଧୁସନ୍ଥ ଓ ପର୍ଯ୍ୟଟକଙ୍କ ରହିବା ପାଇଁ ଘର; କୁନ୍ତି ମନ୍ଦିର ଠାରୁ ଲଳିତା ପୁଷ୍କରିଣୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଭଳି ଅନେକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଗଣମାଧ୍ୟମ ସୂଚନା ଅନୁସାରେ ମହେନ୍ଦ୍ରଗିରିରେ ଅବସ୍ଥାପିତ ପ୍ରାଚୀନ ପର୍ଶୁରାମ ମନ୍ଦିର ସମେତ ଅନେକ ମନ୍ଦିରକୁ ଭାଙ୍ଗି ଭବ୍ୟ ମନ୍ଦିରମାନ ନିର୍ମାଣ କରାଯିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆ ହୋଇ ସାରିଲାଣି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ପାଇଁ ପଦକ୍ଷେପ ନିଆଯାଉଛି, ଯେଉଁଥିପାଇଁ ପ୍ରାୟ ୦.୯ ହେକ୍ଟର ସଂରକ୍ଷିତ ଜଙ୍ଗଲ କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂତ୍ରରୁ ମିଳିଥିବା ସୂଚନା ସତ୍ୟ ହୋଇଥାଏ ତେବେ ଏଭଳି ବିକାଶମୂଳକ କାର୍ଯ୍ୟ କିଭଳି ସ୍ଥାନୀୟ ପରିସଂସ୍ଥାକୁ ପ୍ରଭାବିତ କରିବ ଟିକିନିଖି ଅନୁଧ୍ୟାନ କରିବା ଆବଶ୍ୟକ।

ସମ୍ପ୍ରତି ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀର ଓ ଲଦାଖ୍ ଅଞ୍ଚଳର ପ୍ରାକୃତିକ ଭଙ୍ଗୁର ପରିବେଶରେ ନକାରାତ୍ମକ ମାନବିକୃତ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନର ପରିଣାମରେ ବାରମ୍ବାର ଘଟୁଥିବା ବଦଳଫଟା ବର୍ଷା, ବନ୍ୟାର ପ୍ଲାବନ ଏବଂ ଭୂସ୍ଖଳନ ପରି ବିପର୍ଯ୍ୟୟର ତାଣ୍ଡବରୁ ଶିକ୍ଷାଲାଭ କରିବାର ଆବଶ୍ୟକତା ରହିଛି। ସେହିପରି କେରଳର ପଶ୍ଚିମଘାଟସ୍ଥିତ ୱାୟାନାଡ଼ରେ ୨୦୨୪ରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନ ହେଉଛି ମାନବକୃତ ବିପର୍ଯ୍ୟୟର ଅନ୍ୟ ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ। ପାର୍ବତ୍ୟାଞ୍ଚଳରେ ଭିତ୍ତିଭୂମି ବିକାଶ ସମୟରେ ଆମକୁ ପର୍ଯ୍ୟଟନ ଓ ଅର୍ଥନୀତି ଅପେକ୍ଷା ପରିସଂସ୍ଥାର ସୁରକ୍ଷା ଓ ପରିଚାଳନା ପ୍ରତି ସତର୍କ ନଜର ରଖିବା ଅତ୍ୟନ୍ତ ପ୍ରୟୋଜନ। କ୍ଷଣସ୍ଥାୟୀ ଲାଭର ବଶବର୍ତ୍ତୀ ନହୋଇ ପରିସଂସ୍ଥାର ମୂଲ୍ୟାଙ୍କନ ଏବଂ ପରିବେଶୀୟ ସୁରକ୍ଷା ତଥା ପ୍ରକୃତି-ଆଧାରିତ ସମାଧାନକୁ ପ୍ରାଥମିକତା ପ୍ରଦାନ ଆମ ବିଜ୍ଞତାର ପରିଚାୟକ ହେବ। ତୀକ୍ଷ୍ଣ ଗଡ଼ାଣିରେ ପରିପୂର୍ଣ୍ଣ ଅବକ୍ଷୟମୁଖୀ ମହେନ୍ଦ୍ରଗିରି ପର୍ବତମାଳା ଅଞ୍ଚଳରେ ନିର୍ମାଣ କାର୍ଯ୍ୟକୁ ଅତ୍ୟନ୍ତ ସତର୍କତାର ସହ କାର୍ଯ୍ୟାନ୍ୱୟନ କରାଯିବା ବାଞ୍ଛନୀୟ। ଏଠାରେ ପର୍ଯ୍ୟଟନ ଭିତ୍ତିଭୂମିଜନିତ ବିକାଶ ପ୍ରକ୍ରିୟା ପ୍ରକୃତି ସଂରକ୍ଷଣଧର୍ମୀ ହେବା ଏକାନ୍ତ ଅପରିହାର୍ଯ୍ୟ। ଏପରି ମନୋରମ ଜୈବବିବିଧତାର ଗନ୍ତାଘରକୁ ସଂରକ୍ଷିତ ଜୈବମଣ୍ଡଳ ତଥା ଐତିହ୍ୟସ୍ଥଳୀର ମାନ୍ୟତା ପ୍ରଦାନ ହେବ ପ୍ରାକୃତିକ ବିଭବର ସୁରକ୍ଷା ପ୍ରତି ଆମ ଅଙ୍ଗୀକାରବଦ୍ଧତାର ଶ୍ରେଷ୍ଠ ନିଦର୍ଶନ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୪୩୭୧୯୦୪୨୦

# ଜୀବନହିତରେ ଶିକ୍ଷା, ରାଷ୍ଟ୍ରହିତରେ ଜୀବନ

**ଇଂ. ପ୍ରତ୍ୟୁଷ କୁମାର ବେହେରା**

ଶିକ୍ଷାନୁଷ୍ଠାନ ହେଉଛି ମଣିଷ ତିଆରି କାରଖାନା। କାରଖାନାରେ ଯନ୍ତ୍ରାଂଶ ଖରାପ ହେଲେ ଉତ୍ପାଦ ଖରାପ ହୁଏ। ସେହିଭଳି ଶିକ୍ଷାନୁଷ୍ଠାନର ବାତାବରଣ ବିଗିଡ଼ିଲେ ଅମଣିଷ ସୃଷ୍ଟି ହେବାର ଆଶଙ୍କା ବହୁଳ। ଆଜିର ବ୍ୟଭିଚାର ଓ ଅନାଚାର ବହୁଳ ସମାଜରେ ବିଦ୍ୟାର୍ଥୀଙ୍କ ଚରିତ୍ର ନିର୍ମାଣ ଚିନ୍ତା ନିତାନ୍ତ ଜରୁରୀ। ଛାତ୍ରାବସ୍ଥା ରୂପୀ ମାହେନ୍ଦ୍ର ମୁହୂର୍ତ୍ତରେ ଦିବ୍ୟଜ୍ଞାନ ରୂପୀ ଗଙ୍ଗାର ପବିତ୍ର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ପାଇଁ ପଡ଼ିବ।

ବିଦ୍ୟା ମନୁଷ୍ୟକୁ ପ୍ରସ୍ଫୁଟିତ କରେ ଏବଂ ପ୍ରଗତିର ମାର୍ଗରେ ଅଗ୍ରସର କରାଇଥାଏ। 'ବିଦ୍ୟା ଦଦାତି ବିନୟମ୍, ବିନୟାତ୍ ୟାତି ପାତ୍ରତାମ୍ / ପାତ୍ରତ୍ୱାଦ ଧନମାପ୍ନୋତି ଧନାତ୍ ଧର୍ମଂ ତତଃ ସୁଖମ୍।' ପ୍ରକୃତ ଜ୍ଞାନ ନମ୍ରତା ପ୍ରଦାନ କରେ; ନମ୍ରତାଠାରୁ ମୂଲ୍ୟବୋଧ ଆସେ। ମୂଲ୍ୟବୋଧରୁ ଧନ ପ୍ରାପ୍ତ ହୁଏ; ଧନ ଜଣେ ବ୍ୟକ୍ତିଙ୍କୁ ଭଲ କାର୍ଯ୍ୟ କରିବାକୁ ସକ୍ଷମ କରେ, ଯାହାକି ଆନନ୍ଦ ଆଣିଥାଏ। ବିଦ୍ୟା ଆମକୁ ସଠିକ୍ ଓ ମୁକ୍ତିର ମାର୍ଗ ଦେଖାଏ।

ଚାକିରି ଆଶାରେ ଡିଗ୍ରୀ ହାସଲ କରିବା କେବଳ ଶିକ୍ଷାର ଲକ୍ଷ୍ୟ ନୁହେଁ। ମାନବୀୟ ମୂଲ୍ୟବୋଧର ଅନୁଶୀଳନ ହିଁ ପ୍ରକୃତ ଶିକ୍ଷା। କେବଳ ବିଦ୍ୟା ଆହରଣ ନୁହଁ, ଚେତନାର ଉତ୍ତରଣ ହେଉଛି ପ୍ରଜ୍ଞାର ବାସ୍ତବିକ୍ ଅର୍ଥ। ଆଜି ଯାହା ସମସ୍ତଙ୍କୁ ବିଚଳିତ କରୁଛି ତାହା ହେଲା ସମାଜରେ ବଢ଼ୁଥିବା ଆତ୍ମହତ୍ୟା ପ୍ରବଣତା। ବିଦ୍ୟାର୍ଥୀମାନେ ଶିକ୍ଷା ନାମରେ କୁଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଏଥିପାଇଁ ପରିବାର, ଶିକ୍ଷକ ସମାଜ ମଧ୍ୟ ସଚେତନ କରାଇବା ଆବଶ୍ୟକ ରହିଛି। ବିବେକାନନ୍ଦ, ବାଜିରାଉତ, ଧର୍ମପଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସଙ୍କ ପରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପ୍ରେରଣା ପ୍ରଦାନ କରିବା ଉଚିତ୍।

'ଶିକ୍ଷା ଜୀବନ ପାଇଁ, ଜୀବନ ରାଷ୍ଟ୍ର ପାଇଁ। ଏହା ସମସ୍ତେ ନିଜର ବ୍ରତ ଭାବେ ପାଳନ କରିବା ଉଚିତ୍। ଆମକୁ ନେଇ ସମାଜ। ଆମେମାନେ ହିଁ ସମାଜ ପରିବର୍ତ୍ତନର କର୍ଣ୍ଣଧାର ହୋଇପାରିବା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଏକ ମନ, ଏକ ପ୍ରାଣ ହୋଇ ରାଷ୍ଟ୍ରର ହିତସାଧନ ନିମନ୍ତେ କାର୍ଯ୍ୟ କରିବା। ପିଲାମାନଙ୍କୁ ନୀତିଶିକ୍ଷା ଦେବାର ସାମ୍ପ୍ରତିକ ସମୟର ଆହ୍ୱାନ। କଞ୍ଚା ମାଟିକୁ ସୁନ୍ଦର ମୂର୍ତ୍ତିର ରୂପ ଦେବାରେ ଶିଳ୍ପୀର ଭୂମିକା ପରି ଶିକ୍ଷକ ମଧ୍ୟ ଜଣେ ସାଧାରଣ ବିଦ୍ୟାର୍ଥୀକୁ ଅସାଧାରଣ ବ୍ୟକ୍ତିତ୍ୱରେ ପରିଣତ କରିବାରେ ସକ୍ଷମ ହୁଅନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ବିଷୟ ଆଧାରିତ ଶିକ୍ଷା ସହ ବୌଦ୍ଧିକ, ସାଂସ୍କୃତିକ ଓ ସମାଜ ପ୍ରତି ନିଜର ଦାୟିତ୍ୱ କର୍ତ୍ତବ୍ୟ ବିଷୟରେ ଶିକ୍ଷା ଦେବା ଉଚିତ୍। ଇସ୍ରାଏଲ ପରି ଗୋଟେ ଦେଶର ବିଦ୍ୟାଳୟରୁ ହିଁ ଦେଶ ସେବା ପାଇଁ ପୂର୍ଣ୍ଣ ଭାବେ ତାଲିମ୍ ପ୍ରଦାନ କରାଯାଏ। ଜାପାନରେ ମଧ୍ୟ ସମାନ ଧରଣର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

ଜଣେ କେମିତି ନିଜକୁ ସଠିକ୍ ଢଙ୍ଗରେ ଗଢ଼ି ତୋଳି ପାରିବ, ସବୁ ପରିସ୍ଥିତିରେ ନିଜର ବୁଦ୍ଧି ବିବେକ ସହିତ ସମାଜର କଲ୍ୟାଣ କରିପାରିବ, ନିଜ ପାଇଁ ନୁହେଁ ବରଂ ସମାଜ ପାଇଁ ଚିନ୍ତା କରିପାରିବ ସେ ବିଷୟରେ ଗୁରୁକୁଳମାନଙ୍କରେ ଶିକ୍ଷା ପ୍ରଦାନ କରାଯାଏ। ଏହା ପ୍ରମାଣିତ କରେ ଭାରତୀୟ ଗୁରୁ-ଶିଷ୍ୟର ପରମ୍ପରା କେତେ ମହାନ୍ ଓ ତତ୍ତ୍ୱ ଆଧାରିତ। ଏବେ ଆଧୁନିକତା ନାମରେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। କେଉଁଠି ଗୁରୁ ନିଜ ପଦ ମର୍ଯ୍ୟାଦା ଭୁଲି ଯାଉଛନ୍ତି ତ ଆଉ କେଉଁଠି ଶିଷ୍ୟମାନେ ସୀମା ଲଂଘୁଛନ୍ତି।

ଜୀବନ କେବଳ ଫୁଲର ଶଯ୍ୟା ନୁହେଁ, କଣ୍ଟକିତ ମଧ୍ୟ। ଗୋଲାପର ସ୍ନିଗ୍ଧତାକୁ ଅନୁଭବ କରିବାକୁ ହେଲେ କଣ୍ଟାର ଆଘାତ ସହିବାକୁ ମଧ୍ୟ ପଡ଼ିବ। ଦୁଃଖ ଏକପ୍ରକାର ଭଗବାନଙ୍କ ହାତରେ ହାତୁଡ଼ି, ଯାହାଦ୍ୱରା ମଣିଷ ଜୀବନ ସଜାଡ଼ି ହୋଇଯାଏ। ସେଥିପାଇଁ ପ୍ରତ୍ୟେକ କାର୍ଯ୍ୟ ପଛରେ ଭଗବାନଙ୍କ ମହତ୍ ଉଦ୍ଦେଶ୍ୟ ଅଛି ବୋଲି ବିଚାର କରି ଗଭୀର ଆତ୍ମବିଶ୍ୱାସ ସହିତ ପରିସ୍ଥିତିକୁ ସାମ୍ନା କରିବା ଉଚିତ୍। ଯଦି ଗୋଟେ ରାସ୍ତା ବନ୍ଦ ହୋଇଯାଏ ଭଗବାନ ଅନ୍ୟ ଏକ ରାସ୍ତା ଆମ ପାଇଁ ରଖିଥା'ନ୍ତି। ଅର୍ଥାତ୍ ପ୍ରତିଟି ସମସ୍ୟା ଭିତରେ ସମାଧାନ ଲୁଚି କରି ରହିଥାଏ। ଆମେ ଧୈର୍ଯ୍ୟର ସହିତ ମୁକାବିଲା କରିବା ଉଚିତ୍। ଏହି ଶିକ୍ଷା ଆମକୁ ଆମର ଆଦି ଗୁରୁ ମା' ଦେଇଥା'ନ୍ତି। ସମଗ୍ର ବିଶ୍ୱରେ ଏମିତି ଜଣେ କେହି ନାହାନ୍ତି, ଯେ କେବେ ବି ବିଫଳ ହୋଇନାହାନ୍ତି। ଅନେକ ବିଫଳତାକୁ ସାମ୍ନା କରି କରି ନିଜର ଦୃଢ଼ପଣ ଦ୍ୱାରା ଶେଷରେ ସେମାନେ ଜଣେ ଜଣେ ସଫଳ ବ୍ୟକ୍ତି ହୋଇପାରିଛନ୍ତି। ଖ୍ୟାତି ନିକଟରେ ପହଞ୍ଚିବାକୁ ହେଲେ ତ ବହୁ ଝଡ଼ଝଞ୍ଜା ଦେଇ ଗତି କରିବାକୁ ପଡ଼ିଥାଏ। ସିଏ ହେଉଛି ବୁଦ୍ଧିମାନ, ଯିଏ ବର୍ଷାର ଆଶଙ୍କା ଦେଖିଲେ ଛତାଟିଏ ମନେ କରି ନେଇଥାଏ। ଏମିତି ଶିକ୍ଷା ପ୍ରତ୍ୟେକ ଘରୁ, ବିଦ୍ୟାଳୟରେ ଓ ଗୁରୁଜନମାନଙ୍କ ଦ୍ୱାରା ଆମ ସମସ୍ତଙ୍କୁ ପ୍ରଦାନ କରିବା ନିହାତି ଜରୁରୀ

ବାଲେଶ୍ୱର, ମୋ: ୭୫୦୪୦୮୧୮୭୩

# କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ଦତରେ ବୌଦ୍ଧ ବିହାରଗୁଡ଼ିକ ମୁଖ୍ୟତଃ ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ବୌଦ୍ଧ ବିହାରରେ ଗ୍ରନ୍ଥାଗାର ରହିଥିଲା। ଏହି ଗ୍ରନ୍ଥାଗାରରେ 'କଞ୍ଜୁର' ଓ 'ତଞ୍ଜୁର' ଶ୍ରେଣୀର ଧର୍ମପୁସ୍ତକ ଏବଂ ଅନ୍ୟାନ୍ୟ ଶାସ୍ତ୍ର ବର୍ଗର ଗୋଟିଏ ଗୋଟିଏ ପୁରା ସେଟ୍ ଗ୍ରନ୍ଥ ରଖାଯାଉଥିଲା। 'କଞ୍ଜୁର' ଶ୍ରେଣୀରେ ସାତଗୋଟି ବିଭାଗର ୧୦୦ ଅଥବା ୧୦୮ ଭାଗ ଗ୍ରନ୍ଥ ରହୁଥିବା ବେଳେ 'ତଞ୍ଜୁର'ରେ ସତରଟି ବର୍ଗର ଦୁଇଗୋଟି ବିଭାଗର ୨୨୫ ଭାଗ ଗ୍ରନ୍ଥ ରଖାଯାଉଥିଲା। ଏହିଭଳି ଭାବେ ଉଭୟ 'କଞ୍ଜୁର' ଓ 'ତଞ୍ଜୁର' ସଂଗ୍ରହରେ ୪୫୬୬ ଗୋଟି ଗ୍ରନ୍ଥର ଭଣ୍ଡାର - 'କଞ୍ଜୁର'ରେ ୧୧୦୮ ଓ 'ତଞ୍ଜୁର'ରେ ୩୪୫୮ ଗ୍ରନ୍ଥ ସଂଗୃହୀତ ହୋଇ ରହୁଥିଲା। ଏହିସବୁ ଗ୍ରନ୍ଥ ମୁଖ୍ୟତଃ ମୂଳ ସଂସ୍କୃତ ଗ୍ରନ୍ଥର ଅନୁବାଦ ହିଁ ଥିଲା। ସମସ୍ତ ଗ୍ରନ୍ଥ କାଠ ତିଆରି ବ୍ଲକ ସାହାଯ୍ୟରେ ହାତ ତିଆରି କାଗଜରେ ଛପା ଯାଇ ପ୍ରସ୍ତୁତ ହେଉଥିଲା। ସମସ୍ତ ଗ୍ରନ୍ଥ ରେଶମ କପଡ଼ାରେ ଗୁଡ଼ାଯାଇ ଥାକମାନଙ୍କରେ ସାଇତା ହୋଇ ରଖାଯାଉଥିଲା।



**ଦ୍ୱିତୀୟ-ବୁଦ୍ଧ କଥା**

ଶାକ୍ୟାପ ସଂପ୍ରଦାୟର ଅନୁଗାମୀ ବ୍ୟୁ-ଷ୍ଟନ୍ (ଖ୍ରୀ୧୨୯୦-୧୩୬୪) ଜଣେ ଖ୍ୟାତନାମା ତିବ୍ଦତୀୟ ବୌଦ୍ଧ ତଥା ଇତିହାସକାର ମଧ୍ୟ। ତିବ୍ଦତରେ ମହଜୁଦ ଥିବା ତିବ୍ଦତୀୟ ଭାଷାରେ ଅନୂଦିତ ସମସ୍ତ ଧର୍ମଗ୍ରନ୍ଥକୁ ସେ ବ୍ୟବସ୍ଥିତ ଭାବେ ଦୁଇଗୋଟି ବିଭାଗରେ ତାଲିକାଭୁକ୍ତ କରିଥିଲେ। ବୁଦ୍ଧଙ୍କ ବାଣୀକୁ ନେଇ ପ୍ରସ୍ତୁତ ଗ୍ରନ୍ଥକୁ ପ୍ରଥମ ଭାଗରେ ରଖାଗଲା ଏବଂ ଏହାର ନାମ ହେଲା 'କଞ୍ଜୁର'। ଦ୍ୱିତୀୟ ଭାଗଟି ହେଲା 'ତଞ୍ଜୁର', ଯେଉଁଥିରେ ମୁଖ୍ୟତଃ ଖ୍ୟାତନାମା ଗୁରୁମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଗ୍ରନ୍ଥର ଭାଷ୍ୟଗୁଡ଼ିକୁ ରଖାଗଲା। ଏହିଭଳି ଭାବେ ପ୍ରଥମ ଭାଗଟିରେ ମୂଳଗ୍ରନ୍ଥ ଓ ଦ୍ୱିତୀୟ ଭାଗଟିରେ ଭାଷ୍ୟ ଗ୍ରନ୍ଥଗୁଡ଼ିକ ସହ ଚିକିତ୍ସାଶାସ୍ତ୍ର, ଜ୍ୟୋତିର୍ବିଜ୍ଞାନ ମୂଳକ ଗ୍ରନ୍ଥ, ବ୍ୟାକରଣ ଶାସ୍ତ୍ର, ନ୍ୟାୟଶାସ୍ତ୍ର, କାବ୍ୟକବିତାଦି ବିଭିନ୍ନ ଅନ୍ୟାନ୍ୟ ଗ୍ରନ୍ଥମାନ ରହିଲା। ଅନ୍ୟଭାଷାରୁ ଅନୂଦିତ ଗ୍ରନ୍ଥ ବ୍ୟତିରେକ ତିବ୍ଦତୀୟ ଭାଷାର ମୂଳଗ୍ରନ୍ଥ, ଯେପରିକି ଇତିହାସମୂଳକ, ମୌଖିକ ପରମ୍ପରାମୂଳକ, ବୌଦ୍ଧଧର୍ମର ମୂଳଗ୍ରନ୍ଥ, ସାହସୀ ତଥା ବୀରୋଚିତ କାର୍ଯ୍ୟମୂଳକ, ଜୀବନ ବୃତ୍ତାନ୍ତ, ବିଭିନ୍ନ ପ୍ରକାର ଦଲିଲ୍ ଓ ତଥ୍ୟମୂଳକ, ପ୍ରାଚୀନ ଦସ୍ତାବିଜ୍, ଇତିବୃତ୍ତି ଆଦି ଗ୍ରନ୍ଥ ଓ ଦସ୍ତାବିଜ୍‌ମାନ ରଖାଗଲା।

**କଞ୍ଜୁର:** ଏଥିରେ ମୁଖ୍ୟତଃ ନଅ ଗୋଟି ବର୍ଗର ଗ୍ରନ୍ଥ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ବର୍ଗ ମଧ୍ୟରେ ଉପ-ବର୍ଗ ଶ୍ରେଣୀର ଗ୍ରନ୍ଥମାନ ରହିଛି। ନଅଗୋଟି ବର୍ଗ ହେଲା: (୧) ବିନୟ - ଏହି ବର୍ଗର ସାତଗୋଟି ଗ୍ରନ୍ଥ ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କର ନୀତିନିୟମ ଓ ଆଚାର ସଂପର୍କୀୟ। ଏଥିରେ ବୌଦ୍ଧ ମହାସମ୍ମିଳନୀ ସଂପର୍କୀୟ ବିବରଣୀ ମଧ୍ୟ ରହିଛି। (୨) ପ୍ରଜ୍ଞାପାରମିତା- ଏହି ଗର୍ବ ମଧ୍ୟରେ ଛତିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୩) ଅବତାଂଶକ - ଏହି ବର୍ଗରେ ମାତ୍ର ଗୋଟିଏ ଗ୍ରନ୍ଥ। (୪) ରତ୍ନକୂଟ - ଏଥିମଧ୍ୟରେ ନଅଗୋଟି ଗ୍ରନ୍ଥ ଅନ୍ତର୍ଭକ୍ତ। (୫) ସୂତ୍ରାନ୍ତ- ଏହି ବର୍ଗରେ ଦୁଇଶହ ଷାଠିଏ ଗୋଟି ଗ୍ରନ୍ଥ ରହିଛି। (୬) ତନ୍ତ୍ର-ତିବ୍ଦତୀୟ ପରମ୍ପରା ମୁତାବକ ତନ୍ତ୍ର ହେଉଛି ବୁଦ୍ଧବଚନର ଅଂଶବିଶେଷ। ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ମୁଖ୍ୟ ପ୍ରବର୍ତ୍ତକ। ତିବ୍ଦତୀୟ ବୌଦ୍ଧଧର୍ମରେ ପଦ୍ମସମ୍ଭବ ହେଉଛନ୍ତି ତନ୍ତ୍ରର ବୁଦ୍ଧ। ଏହି ତନ୍ତ୍ର ଶ୍ରେଣୀରେ ଚାରିଶହ ଅଠଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୭) ପ୍ରାଚୀନ ତନ୍ତ୍ର-ଏଥିମଧ୍ୟରେ ସତର ଗୋଟି ଗ୍ରନ୍ଥ ରହିଛି ଏବଂ ଏଥିମଧ୍ୟରୁ କେତେକରେ ବୁଦ୍ଧଙ୍କ ପୂର୍ବକାଳର ପରମ୍ପରା ମଧ୍ୟ ଅନ୍ତର୍ଭୁକ୍ତ। (୮) କାଳଚକ୍ରତନ୍ତ୍ର - ଏହା କେବଳ ଗୋଟିଏ ମାତ୍ର ଶାସ୍ତ୍ର। (୯) ମନ୍ତ୍ର ସଂଗ୍ରହ - ଏହି ବର୍ଗରେ ଦୁଇଶହ ତେଷଠିଟି ଗ୍ରନ୍ଥ ରହିଛି ଏବଂ ଏହା ହେଉଛି ତିବ୍ଦତୀୟ ବୌଦ୍ଧଧର୍ମର ବିଶାଳ ମନ୍ତ୍ର ବର୍ଗର ସଂଗ୍ରହ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅର୍ଚ୍ଚନା ନାଗଙ୍କ ଘର ସିଲ୍ କଲା ଇଡି



**ଭୁବନେଶ୍ୱର,୧୨।୯ (ସମିସ):** ଅର୍ଚ୍ଚନା ନାଗଙ୍କ ଭୁବନେଶ୍ୱର ସତ୍ୟବିହାରସ୍ଥିତ ଜି+୨ଘର ସିଲ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ଶୁକ୍ରବାର ମଞ୍ଚେଶ୍ୱର ପୁଲିସ ସହାୟତାରେ ଇଡ଼ିର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ର ଯାଞ୍ଚ କରିଛି ଏବଂ କିଛି ସାମଗ୍ରୀକୁ ବାହାର କରିବା ପରେ ଆସବାବପତ୍ର ସହ ଘରକୁ ସିଲ୍ କରିଛି। ୨୦୦୨ ମନି ଲଣ୍ଡରିଂ ଆଇନ ଅନୁସାରେ ଗତ ୨୦୨୩ରେ ନାଗଙ୍କ ଘରକୁ ଇଡ଼ି ଆଟାଚ୍ କରିଥିଲା। ପୂର୍ବରୁ ଏହି ଘର ଛାଡ଼ିବା ପାଇ ଅଦାଲତ ଅର୍ଚ୍ଚନା ନାଗଙ୍କୁ ନୋଟିସ୍ କରିଥିଲେ, କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଅର୍ଚ୍ଚନା ଘର ନ ଛାଡ଼ିବାରୁ ଇଡ଼ି ଆଜି ତାଙ୍କ ଘର ସିଲ୍ କରିଛି।

ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ବ୍ଲାକ୍‌ମେଲିଂ କରିବା ନେଇ ନୂଆପଲ୍ଲୀ ଏବଂ ପରେ ଖଣ୍ଡଗିରି ଥାନାରେ ମାମଲା ରୁଜୁ କରାଯାଇଥିଲା। ୨୦୨୨ ଅକ୍ଟୋବର ୬ ତାରିଖରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ତାଙ୍କ ସମ୍ପତ୍ତି ଓ ଆୟ ସମ୍ପର୍କରେ ଇଡ଼ି ତଦନ୍ତ କରିଥିଲା। ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ ମଞ୍ଜୁର ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡ଼ା ଜେଲରୁ ବାହାରି ଥିଲେ। ଆଜି ଇଡ଼ି ଅର୍ଚ୍ଚନାଙ୍କ ଘରକୁ ସିଲ୍ ଘଟଣାକୁ ସମାଲୋଚନା କରିଛନ୍ତି ତାଙ୍କ ବାପା। ସେ କହିଛନ୍ତି ଯେ ଜମିବାଡ଼ି ବିକି ସେ ଘର କରିବାକୁ ଝିଅକୁ ଟଙ୍କା ଦେଇଥିଲେ। ତେଣୁ ଘର ନ ଖୋଲିବା ପର୍ଯ୍ୟନ୍ତ ସେମାନେ ଘର ଆଗରେ ବସି ରହିବେ।

ଭେନୁଗୋପାଳଙ୍କ ନେତୃତ୍ୱରେ ଓଡ଼ିଶାରେ ସଂସଦ ପବ୍ଲିକ୍ ଆକାଉଣ୍ଟସ କମିଟି

# ଶନିବାର ପୁରୀରେ ହେବ ଷ୍ଟାଣ୍ଡିଂ କମିଟି ବୈଠକ



**ଭୁବନେଶ୍ୱର,୧୨।୯ (ସମିସ):** ସଂସଦର ପବ୍ଲିକ ଆକାଉଣ୍ଟ କମିଟି (ପିଏସି)ର ଅଧ୍ୟକ୍ଷ ତଥା ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଂଗଠନ ସମ୍ପାଦକ କେସି ଭେନୁଗୋପାଳ ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଙ୍ଗ କମିଟି ମଧ୍ୟ ଓଡ଼ିଶା ଗସ୍ତରେ ଆସିଛି। ସଂସଦର ପିଏସି ବୈଠକ ଶନିବାର ପୁରୀରେ ହେବା ନେଇ ସ୍ଥିର ହୋଇଛି। ଏହି ସରକାରୀ ସମୀକ୍ଷା କାର୍ଯ୍ୟକ୍ରମ ଶେଷ କରି ଶ୍ରୀ ବେଣୁଗୋପାଳ ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କମିଟିର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନରେ ମଧ୍ୟ ଦଳୀୟ ସମୀକ୍ଷା କାର୍ଯ୍ୟକ୍ରମ ରଖିଛନ୍ତି। ଆସନ୍ତା ୧୪ ତାରିଖ

**ପିଏସି ବୈଠକ ପରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ ଭେନୁଗୋପାଳ**

ଅପରାହ୍ନ ୨ଟା ୩୦ରେ ସେ ପ୍ରଥମେ ଦଳର ରାଜନୈତିକ ବ୍ୟାପାର କମିଟି ଓ ପରେ ପିସିସି କର୍ମକର୍ତ୍ତା, ସୃଜନ ପର୍ଯ୍ୟବେକ୍ଷକ , ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ସାଂସଦ ଓ ସମସ୍ତ ବିଧାୟକ ମଧ୍ୟ ଯୋଗଦେବେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ପରବର୍ତ୍ତୀ ବୈଠକରେ ସମସ୍ତ କର୍ମକର୍ତ୍ତା, ସମସ୍ତ ଛାମୁଆ ସଂଗଠନ-ବିଭାଗ-ପ୍ରକୋଷ୍ଠର ମୁଖ୍ୟ ତଥା ସଦ୍ୟ ଅନୁଷ୍ଠିତ ସଂଗଠନ ସୃଜନ ଅଭିଯାନରେ ନିୟୋଜିତ ପ୍ରତି ଜିଲ୍ଲାର ୩ ପିସିସି ପର୍ଯ୍ୟବେକ୍ଷକ ଉପସ୍ଥିତ ରହିବେ। ଆଜି ଶ୍ରୀ ବେଣୁଗୋପାଳ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ପିସିସି ସଭାପତି, ଓଡ଼ିଶା କଂଗ୍ରେସ ପ୍ରଭାରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଦଳର ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି ବାହିନୀପତି, ଅରବିନ୍ଦ ଦାସଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ।

କପାବାଡ଼ିରେ ବଜ୍ରପାତ

# ୩ ଶ୍ରମିକ ମୃତ, ୨ ଗୁରୁତର



**ରାୟଗଡ଼,୧୨।୯ (ସମିସ):** ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପିତାମହଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଷ୍ଣୁଗୁଡା ଗାଁରେ ବଜ୍ରଘାତରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଆଜି ଅପରାହ୍ନରେ ବିଷ୍ଣୁଗୁଡା ଗାଁ ନିକଟରେ ଏକ କପା ବାଡ଼ିରେ ୫ଜଣ ଶ୍ରମିକ କାମ କରୁଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଗୁରୁତର ହୋଇଥିଲେ। ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ରାୟଗଡ଼ା ବ୍ଲକ ପୀତାମହଲ ପଞ୍ଚାୟତର ବିଷ୍ଣୁଗୁଡ଼ା ଗ୍ରାମର ସମ୍ବାରୀ ପିଡ଼ିକା(୪୫)ଙ୍କ କୁଡେଶୁ ଗାଁ ପାହାଡ଼ ତଳେ ଥିବା କପାବାଡ଼ରେ ଏହି ୫ ଶ୍ରମିକ କାମ କରୁଥିଲେ। ବଜ୍ରପାତରେ ମୃତକମାନେ ହେଲେ ସମ୍ବାରୀ ପିଡିକା, ଲେଖପୁଟ ଗାଁର ଏମେଲ ମିଣିଆକା, ଝୁମୁକା ଗାଁର ଗିରିଆ ମିଣିଆକା। ଏଥିରେ ସମ୍ବାରୀଙ୍କ ବଡ଼ଭଉଣୀ ପାଣ୍ଡେ ପିଡ଼ିକା ଓ ହରିପୁର ଗାଁର ତୁଳସୀ ପିଡିକା ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଶେଷଖାଲ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଶେଷଖାଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

# ପ୍ରତି ବ୍ଲକ୍‌ରେ ଖୋଲିବ ଆଇଟିଆଇ

**ଭୁବନେଶ୍ୱର, ୧୨।୯ (ସମିସ):** ରାଜ୍ୟରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶକୁ ଗୁରୁତ୍ୱ ମିଳିବ। ବୈଷୟିକ ଶିକ୍ଷା ପ୍ରଦାନ କରି ଆତ୍ମନିର୍ଭରଶୀଳ କରାଯିବ। ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟରେ ଅନେକ ଆଇଟିଆଇ ଖୋଲାଯିବ। ଏପରିକି ୨୦୪୭ ସୁଦ୍ଧା ରାଜ୍ୟର ପ୍ରତିଟି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଆଇଟିଆଇ ଖୋଲିବାକୁ ରାଜ୍ୟ ସରକାର ଲକ୍ଷ ଧାର୍ଯ୍ୟ କରିଛନ୍ତି।

ସମ୍ପ୍ରତି ବ୍ଲକ୍ ପିଛା ୦.୨୩ଟି ଆଇଟିଆଇ ରହିଛି। ଅର୍ଥାତ୍ ହାରାହାରି ୪ଟି ବ୍ଲକ୍‌ରେ ଗୋଟିଏ ଆଇଟିଆଇରେ ଛାତ୍ରଛାତ୍ରୀମାନେ ତାଲିମ୍ ନେଉଛନ୍ତି। ଏହାକୁ ୨୦୩୬ ସୁଦ୍ଧା ଦୁଇଗୁଣା କରାଯିବ। ଭିଜନ୍ ଓଡ଼ିଶା-୨୦୩୬କୁ ଆଖିରେ ରଖି ପ୍ରତି ବ୍ଲକ୍‌ରେ ୦.୪୫ ପ୍ରତିଶତ ଅର୍ଥାତ ଦୁଇଟି ବ୍ଲକରେ ଗୋଟିଏ ସରକାରୀ ଆଇଟିଆଇ ଖୋଲିବାକୁ ଯୋଜନା ରହିଛି। ଅନୁରୂପ ଭାବେ ଭିଜନ୍ ଓଡ଼ିଶା-୨୦୪୭କୁ ଦୃଷ୍ଟିରେ ରଖି ପ୍ରତି ବ୍ଲକ୍‌ରେ ଆଇଟିଆଇ ଖୋଲିବାକୁ ଲକ୍ଷ ରହିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏନେଇ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ପତ୍ରରେ କୁହାଯାଇଛି ଯେ, ବିଭିନ୍ନ ସମୟରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସରକାରୀ ଆଇଟିଆଇ ଖୋଲିବାକୁ ଅନୁରୋଧ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ମାସକ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ଆଜି ଭିସୁଟ୍‌ର ସମାବର୍ତ୍ତନ ଉତ୍ସବ

# ୧୨୨୦ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ୩୫ ଜଣଙ୍କୁ ସ୍ୱର୍ଣ୍ଣପଦକ

**ସମ୍ବଲପୁର, ୧୨।୯ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଆସନ୍ତାକାଲି ୧୬ତମ ସମାବର୍ତ୍ତନ ଉତ୍ସବ ଆୟୋଜିତ ହେବ। ଅନୁଷ୍ଠାନର ସାର୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଆୟୋଜିତ ହେବାକୁଥିବା ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ତଥା କୁଳାଧିପତି ଡ. ହରିବାବୁ କମ୍ଭମପଟିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବେ ବୋଲି ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ସୂଚନା ଦେଇଛନ୍ତି। ଚଳିତବର୍ଷ ବିଭିନ୍ନ ବିଭାଗରେ ୧୨୨୦ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ ଏବଂ ୬୯ ଜଣଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କୁଳପତି କହିଛନ୍ତି। ସୂଚନା ଅନୁଯାୟୀ, ସାର୍ ବିଶ୍ୱେଶରାୟ ପ୍ରେକ୍ଷାଳୟରେ ଅପରାହ୍ଣ ୨ଟା ସମୟରେ ସମାବର୍ତ୍ତନ ଉତ୍ସବ ଆରମ୍ଭ ହେବ। ଏଥିରେ ପ୍ରଯୁକ୍ତି, ବିଜ୍ଞାନ, ସ୍ଥାପତ୍ୟ, କମ୍ପ୍ୟୁଟର ଆପ୍ଲିକେସନ ଓ ହ୍ୟୁମାନିଟିଜ୍ ଆଦି ବିଭିନ୍ନ ବିଭାଗରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ ସହିତ ଶିକ୍ଷାରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ପଦକ ପ୍ରଦାନ କରାଯିବ। ଚଳିତବର୍ଷ ପିଏଚ୍‌ଡି ପାଠ୍ୟକ୍ରମରେ ୭୪ ଜଣ, ଏମ୍‌ଟେକ୍‌ରେ ୧୦୪ ଜଣ, ଏମ୍‌ବିଏରେ ୩୯ ଜଣ, ଏମ୍‌ଏସ୍‌ସିରେ ୫୯ ଜଣ, ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସିରେ ୪୭ ଜଣ, ବିଟେକ୍‌ରେ ୮୭୬ ଜଣ, ବିଆର୍କରେ ୧୭ ଜଣ ତଥା ବିଟେକ୍ ଓ ଏମ୍‌ଟେକ୍ ଦ୍ୱୈତ ଡିଗ୍ରୀ ପାଇଁ ୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଥର ମହଙ୍ଗା...

କିଲୋ ପିଛା ହାରାହାରି ୮୦ ଟଙ୍କାରୁ କମ୍ ନାହିଁ। ସାଧାରଣ କଖାରୁ କିଲୋ ୪୦ ଟଙ୍କାରୁ ୫୦ ଟଙ୍କା ହୋଇଯାଇଛି। ପୋଟଳ, ବିନ୍ସ, ସଜନା ଛୁଇଁ, କ୍ୟାପ୍ସିକମ୍ ମୂଲ୍ୟ କିଲୋ ପିଛା ୧୦୦ ଉପରେ। ମୁଦ୍ରାସ୍ଫୀତି ବାସ୍କେଟରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରର ଯୋଗଦାନ ପ୍ରାୟ ୫୦%, ତେଣୁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ଜୁଲାଇ ମାସରେ ୧.୧୮% ରହିଥିବାବେଳେ ଅଗଷ୍ଟରେ ଏହା ୧.୬୯%କୁ ବୃଦ୍ଧି ପାଇଛି। ଅନୁସରୂପ ଭାବରେ ସହରାଞ୍ଚଳରେ ମୁଦ୍ରାସ୍ଫୀତି ୨.୧୦%ରୁ ୨.୪୭%କୁ ବୃଦ୍ଧି ପାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଅଗଷ୍ଟ ମାସରେ ମୁଖ୍ୟ ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପଛରେ ମୁଖ୍ୟ କାରଣ ହେଉଛି ପନିପରିବା, ମାଂସ ,ମାଛ, ଅଣ୍ଡା ,ତେଲ ଏବଂ ପର୍ସନାଲ କେୟାର ଉତ୍ପାଦ ମୂଲ୍ୟରେ ଅହେତୁକ ବୃଦ୍ଧି। ଏହି ସାମଗ୍ରୀଗୁଡିକର ମୂଲ୍ୟରେ ତୀବ୍ର ବୃଦ୍ଧି ଗ୍ରାହକଙ୍କ ବଜେଟ୍‌କୁ ପ୍ରଭାବିତ କରିଛି। ଏହା ସହ ପାର୍ବଣ ସମୟରେ ଲୋକମାନେ ବ୍ୟବହାର କରୁଥିବା ଡ୍ରାଏଫ୍ରୁଟ୍ସ ମୂଲ୍ୟ ପୁଣି ବଢ଼ିଛି । କାଜୁ ବାଦାମ, କସ୍‌ମିସ୍ ଏବଂ କେସର ଭଳି ଡ୍ରାଏ ଫ୍ରୁଟ୍ ମୂଲ୍ୟ ମହଙ୍ଗା ହେବାରେ ଲାଗିଛି। କାଶ୍ମୀର କେଶର ମୂଲ୍ୟ କିଲୋ ପିଛା ୧.୫ରୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ କେଶରର ବଜାର ୧୦-୧୫% ଅଧିକ ମହଙ୍ଗା ହୋଇଛି। ସେହିପରି କାଜୁ ବାଦାମ, ପିସ୍ତା ଏବଂ କିସ୍‌ମିସ୍‌ର ମୂଲ୍ୟ ୧୫-୨୦% ବୃଦ୍ଧି ପାଇଛି।

### ଘାରିଲାଣି ମିଛ...

ଏହି ସୁପାରିସ କମିଟି ବୈଠକରେ ସର୍ବସମ୍ମତକ୍ରମେ ଗୃହୀତ ହୋଇଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏହି ସୂଚନା ଦେଇ ସେ ଏକ ମିଥ୍ୟା ଖବରର କ୍ଲିପ୍ ମଧ୍ୟ ଲଗାଇଛନ୍ତି, ଯେଉଁଥିରେ ମିଥ୍ୟା ଖବର ଜରିଆରେ ସରକାରୀ ଦଳକୁ ଟା।ର୍ଗେଟ କରାଯାଇଛି। ଏହାର ଉଦାହରଣ ଦେଇ ସେ କହିଛନ୍ତି ଯେ ଏହା ଏକ ଗୁରୁତର ପ୍ରସଙ୍ଗ ହୋଇଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବାର ଆବଶ୍ୟକତା ରହିଛି। ଦୁବେ 'ଏକ୍ସ'ରେ କହିଛନ୍ତି ଆହୁରି ଯେ ଭାରତକୁ ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଥାଇଲାଣ୍ଡରେ ପରିଣତ ହେବାକୁ ଦିଆଯିବ ନାହିଁ। ଲୋକମାନଙ୍କୁ ବିଭ୍ରାନ୍ତ କରିବା ଲାଗି ଯେଉଁମାନେ ରାଷ୍ଟ୍ର-ବିରୋଧୀ ଏଜେଣ୍ଡା ଚଳାଇଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖବର ସତ୍ୟ ଉପରେ ଆଧାରିତ ହେବା ଜରୁରୀ।

ମିଳିଥିବା ରିପୋର୍ଟ ଅନୁଯାୟୀ ମିଥ୍ୟା ଖବର ପରିବେଶଣ କରୁଥିବା ଗଣମାଧ୍ୟମଗୁଡିକୁ ଏଥର ଜରିମାନା ଦେବାକୁ ହେବ। ଦେଶର ସମସ୍ତ ପ୍ରିଣ୍ଟ, ଇଲେକଟ୍ରୋନିକ ଏବଂ ଡିଜିଟାଲ ମିଡିଆ ପାଇଁ ଫାକ୍ଟ ଚେକିଂ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବାକୁ ସୁପାରିସ କରାଯାଇଛି। ସଂପାଦକ ଏବଂ ସଂପାଦକୀୟ ବିଭାଗର କଣ୍ଟେଣ୍ଟ ହେଡ୍‌ଙ୍କୁ ମିଥ୍ୟା ଖବର ପାଇଁ ଉତ୍ତରଦାୟୀ କରିବା ଲାଗି ରିପୋର୍ଟରେ ସୁପାରିସ କରାଯାଇଛି। ବିଫଳତା ପାଇଁ ସଂସ୍ଥାର ମାଲିକ ଓ ପ୍ରକାଶକଙ୍କୁ ମଧ୍ୟ ଦାୟୀ କରାଯାଉ। ସମ୍ବାଦପତ୍ର ଓ ଇଲେକଟ୍ରୋନିକ ଗଣମଧ୍ୟମ ଉପରେ ନଜର ରଖିବା ଲାଗି ଆଇନରେ ଆବଶ୍ୟକ ସଂଶୋଧନ କରାଯିବାର ଆବଶ୍ୟକତା ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପ୍ରସ୍ତୁତ କେଣ୍ଟେଣ୍ଟକୁ ରୋକିବା ମଧ୍ୟ ଜରୁରି। ତେବେ ଗଣମାଧ୍ୟମ ଓ ଅନ୍ୟ ସଂସ୍ଥା ସହିତ ବ୍ୟାପକ ବିଚାର ଆଲୋଚନା କରାଯାଇ ସହମତି ଭିତ୍ତିରେ ଏଭଳି କଟକଣା କରାଯାଉ ବୋଲି ରିପୋର୍ଟରେ କୁହାଯାଇଛି।

### ଉଡ଼ିଗଲା ଆଜ୍‌ବେଷ୍ଟସ...

ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା; ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଭୀମଦା ଗ୍ରାମର ଶତ୍ରୁଘ୍ନ ମଣ୍ଡଳଙ୍କ ସ୍ତ୍ରୀ କୁଞ୍ଜଲତା (୬୦)। ଖବର ପାଇ ବଡସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ସଦଳବଳ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛନ୍ତି। ଘର ଭିତରୁ କୌଣସି ସୁରାକ ମିଳି ନ ଥିବାବେଳେ ନଦୀ ପଠାରୁ ମିଳିଥିବା ଜଣାପଡିଛି। ପ୍ରମାଣ ନଷ୍ଟ କରିବା ପାଇଁ ନଦୀରେ ସରଞ୍ଜାମକୁ ଭସାଇ ଦିଆଯାଇଥିବା ପୁଲିସ ସନ୍ଦେହ କରୁଛି। ଭୀମଦାରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ ବାଣି ତିଆରି କାରଖାନା ସମ୍ପର୍କରେ ପୁଲିସ କିପରି ଖବର ପାଇଲାନି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ଉଦ୍ୟାନ ବିଭାଗ ପକ୍ଷରୁ ୪ଲକ୍ଷ ଟଙ୍କା ଅନୁଦାନରେ ଶତ୍ରୁଘ୍ନ ମଣ୍ଡଳଙ୍କ ନାମରେ ଏକ ପ୍ୟାକ ହାଉସ ନିର୍ମିତ ହୋଇଛି; ମାତ୍ର ପ୍ୟାକ ହାଉସକୁ ଲାଗି ସେଠାରେ ଥିବା ଏକ ଆଜବେଷ୍ଟସ ଘରେ ବେଆଇନ ବାଣି ତିଆରି କାରଖାନା ଦୀର୍ଘ ଦିନ ହେଲା ଚାଲୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ତେବେ ବହୁ ପୂର୍ବରୁ ଭୀମଦା ଫାଣ୍ଡିପଛ ପଟେ ବାଣ କାରଖାନାଟି ଚାଲୁଥିବା କିଛି ବ୍ୟକ୍ତି ନାମଗୋପନ ରଖି ପ୍ରକାଶ କରିଛନ୍ତି। ମାତ୍ର ସେଠାରେ ମଧ୍ୟ ଥରେ ବିସ୍ଫୋରଣ ଘଟିବାରୁ ତାହାକୁ ଉଞ୍ଚଡିହି ନଦୀ ପଠାକୁ ଉଠାଇ ନିଆଯାଇ ସେଠାରେ ବେଆଇନ ବାଣ କାରଖାନା ଚାଲିଥିଲା।

### ଆମଦାନୀ ଗୁଣ୍ଡ ଦୁଗ୍ଧରେ...

ଜାତୀୟ ସ୍ତରରେ ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧତା ୪୪୪ ଗ୍ରାମ୍ ଥିବାବେଳେ ଓଡ଼ିଶାରେ ଏହା ମାତ୍ର ୧୪୪ ଗ୍ରାମ୍ ରହିଛି। ନାବାର୍ଡର ଏକ ରିପୋର୍ଟ ଅନୁସାରେ, ୨୦୨୩ ସୁଦ୍ଧା ଓଡ଼ିଶାର ଜନସଂଖ୍ୟା ୪.୭୯ କୋଟି ହେବ ବୋଲି ଆକଳନ କରାଯାଇଥିବା ବେଳେ ରାଜ୍ୟର ଆବଶ୍ୟକତା ପୂରଣ ଲାଗି ଆଇସିଏମ୍‌ଆର୍ ସୁପାରିସ ଅନୁସାରେ ୫.୨୫ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକ। କିନ୍ତୁ ୨୦୨୨-୨୩ରେ ୨.୪୮ ନିୟୁତ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଛି। ଏହା ମୋଟ ଆବଶ୍ୟକତାର ମାତ୍ର ୪୭.୨୩ ପ୍ରତିଶତ। ସେହିପରି ୨୦୩୩-୩୪ ସୁଦ୍ଧା ରାଜ୍ୟର ଜନସଂଖ୍ୟା ୫.୩୫ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ସେହି ସମୟରେ ୪.୮୬ ନିୟୁତ ଟନ୍ ଦୁଗ୍ଧ ଆବଶ୍ୟକତ ହେବ। ସେହି ଲକ୍ଷ୍ୟ ହାସଲ କରିବା ଲାଗି ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବାର୍ଷିକ ୮.୯୮ ପ୍ରତିଶତ ହାରରେ ଆଗକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ରାଜ୍ୟର କ୍ଷୀର ଚାହିଦାକୁ ମେଣ୍ଟାଇବା ପାଇଁ କିଛି ଘରୋଇ ଡାଏରୀ ଅନ୍ୟ ରାଜ୍ୟରୁ ଗୁଣ୍ଡ କ୍ଷୀର ଆଣି ତାହାକୁ ଅପମିଶ୍ରଣ କରୁଥିବା ଏବଂ ଅନ୍ୟ ରାଜ୍ୟରୁ ଆମଦାନୀ ହେଉଥିବା ଅପମିଶ୍ରିତ କ୍ଷୀର ଓଡ଼ିଶା ବଜାରରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ବଜାରରେ ମିଳୁଥିବା ଅଧିକାଂଶ କ୍ଷୀରରେ ଟ୍ୟାପ୍ ପାଣି, ସୋଡିଅମ୍ ହାଇଡ୍ରକ୍ସାଇଡ, ଲୁଣ ଏବଂ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଉଥିବା ଅଭିଯୋଗ ହେଉଛି। "ଫୁଡ୍ ସେଫ୍‌ଟି ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ'(ଏଫ୍‌ଏସ୍‌ଏସ୍‌ଏଆଇ)ର ନମୁନା ସର୍ବେକ୍ଷଣ ରିପୋର୍ଟ ଅନୁସାରେ ଉତ୍ପାଦିତ ୪୧ ପ୍ରତିଶତ କ୍ଷୀରରେ ଶରୀର ଲାଗି ଆବଶ୍ୟକ ସ୍ନେହସାର ମଧ୍ୟ ନ ଥାଏ। ପାଖାପାଖି ୭ରୁ ୧୦ ପ୍ରତିଶତ କ୍ଷୀର ମଧ୍ୟ ଅପମିଶ୍ରିତ, ଯହିଁରେ ହାଇଡ୍ରୋଜେନ ପେରକ୍ସାଇଡ, ଡିଟରଜେଣ୍ଟ, ୟୁରିଆ ଇତ୍ୟାଦି ଭଳି ମାରାତ୍ମକ ରାସାୟନିକ ପଦାର୍ଥ ମଧ୍ୟ ମିଶାଯାଉଥିବା ଅଭିଯୋଗ ହୋଇଛି।

ଶରୀରକୁ କ୍ଷତି ପହଞ୍ଚାଇବା ଭଳି ସାମଗ୍ରୀରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥଗୁଡିକୁ ଚିହ୍ନଟ ପାଇଁ ନା ସରକାରଙ୍କର ଆନ୍ତରିକତା ଅଛି, ନା ସରକାରୀ ଅଧିକାରୀମାନେ ଏହାପ୍ରତି କେବେ ମନଯୋଗୀ ହୋଇ ପାରୁଛନ୍ତି। ଯାହାଫଳରେ ଓଡ଼ିଶାରେ କ୍ଷୀର ବଜାର କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ହେଉଛି ଏବଂ ଶିଶୁଙ୍କଠାରୁ ଆରମ୍ଭ କରି ବୟସ୍କ ନାଗରିକ ଏହି ଅପମିଶ୍ରିତ କ୍ଷୀର ଖାଇ ରୋଗଗ୍ରସ୍ତ ହେଉଛନ୍ତି ଏବଂ ସାଧାରଣ ଉପଭୋକ୍ତା ମଧ୍ୟ ଠକେଇର ଶିକାର ହେଉଛନ୍ତି।

### ତହସିଲଦାର, ଶ୍ରମ ଅଧିକାରୀ...

ଦେବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଡ୍ରାଇଭର ପି.ପ୍ରବୀଣ ଏବଂ ତହସିଲଦାର ଅଶ୍ୱିନୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରି ଗିରଫ କରିଛି। ଏହାପରେ ତହସିଲଦାରଙ୍କ ଭୁବନେଶ୍ୱର ମେ' ଫେୟାର ରୋଡରେ ଥିବା ଘର ଏବଂ ଅଫିସ ଚାମ୍ବର ଯାଞ୍ଚ କରିବା ପରେ ୪ଲକ୍ଷ ୭୩ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି। ଅଶ୍ୱିନୀ ୨୦୧୯ରେ ଓଡ଼ିଶା ସିଭିଲ ସର୍ଭିସେସ୍‌ରେ ଟପ୍ପର ହୋଇଥିଲେ। ଜଣେ ଟ୍ରେନିଂ ରିଜର୍ଭ ଅଫିସର (ଟିଆରଓ) ୨୦୨୧ ଡିସେମ୍ବର ୩୦ ତାରିଖରୁ ସରକାରୀ ଚାକିରି ଆରମ୍ଭ କରିଥିଲେ। ପରେ ୨୦୨୫ ଜୁଲାଇ ୧ ତାରିଖରେ ସେ ସମ୍ବଲପୁର ଜିଲ୍ଲା ବାମରାରେ ତହସିଲଦାର ଭାବେ ଯୋଗ ଦେଇଥିଲେ। ଯାଜପୁର ଧର୍ମଶାଳାର ଅଶ୍ୱିନୀ ପଣ୍ଡା ଇଞ୍ଜିନିୟର୍ ଡିଗ୍ରୀ ହାସଲ କରିବା ପରେ ଏଏସ୍‌ଓ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ୨୦୧୮ ମସିହା ଏଏସ୍‌ଓ ପରୀକ୍ଷାରେ ବିଫଳ ହେବା ପରେ ୨୦୧୯ରେ ସେ ଓପିଏସ୍‌ସି ଟପ୍ପର ହୋଇଥିଲେ। ସେହିପରି ୬ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହୋଇଛନ୍ତି ଶ୍ରମ ଅଧିକାରୀ। ଶ୍ରମ କାର୍ଡ କରାଇଦେବା ପାଇଁ ନୟାଗଡ଼ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଜଣେ ବ୍ୟକ୍ତିଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଲେଖାଏଁ ଲାଞ୍ଚ ମାଗିଥିଲେ। ଏହିପରି ୨୨ଟି ଶ୍ରମ କାର୍ଡ କରିବା ପାଇଁ ସେ ୬ ହଜାର ୬୦୦ ଟଙ୍କା ଦାବି କରିଥିଲେ। ସେ ଆଜି ୨୧ଟି କାର୍ଡ କରାଇଦେବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲା ନୟାଗଡ଼ ଭିଜିଲାନ୍ସ ଟିମ୍। ସେହିପରି ସରକାରୀ ଅର୍ଥ ହେରଫେର ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ବିଜାତୋଳା ବ୍ଲକ ଲୁହାଶିଳା ପଞ୍ଚାୟତର ପୂର୍ବତନ ପିଇଓ ପୁଷ୍ପିତା ମହାକୁଡ଼। ବାର୍ଦ୍ଧକ୍ୟ ଭତ୍ତା ବାବଦରେ ସେ ପ୍ରାୟ ୬ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏହାର ତଦନ୍ତ କରିବା ପରେ ସତ୍ୟାସତ୍ୟ ଜଣାପଡ଼ିବା ପରେ ତାଙ୍କୁ ଆଜି ଗିରଫ କରାଯାଇଛି।

**AFFIDAVIT**

I, Vinith Patnaik, S/o Malaya Ranjan Pattanayak, Resident of Plot no. 939/6710 Sidheswar Nagar Jagamara, Po/Ps Khandagiri, Dist- Khordha Pin-751030, Odisha declare by this affidavit No. 6672 dtd.- 07/02/2025 that now onwards I shall be known as **Vinith Pattnaik** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 12/09/2025. I, **Reeta Rana,** D/O- Satya Rana, resident of Village At/Po- Belgaon, PS-Saintala, Dist- Balangir, Odisha, PIN-767032. That, the deponent actual name is **Reeta Rana** as per her School Certificate issued by BSE, Odisha vide No. 1902007010, Roll No. 030EG0042, but in the Aadhar Card vide No- 7834 3461 6335 her name has been wrongly mentioned as **Rita Rana.** Henceforth, **Reeta Rana** and **Rita Rana** is same and one person in the locality and I shall be known as **Reeta Rana** (new name), D/O- Satya Rana for all future purposes.

**Reeta Rana**

**AFFIDAVIT**

I, SMT. SASMITA KUMARI PANDA, W/o: Sujit Kumar Panigrahy, At: Puruna Post Office Sahi, Purushottampur, Po/P.S.: Purushottampur, Dist. Ganjam, declares by virtue of an affidavit Sl. No- 585. dated 03.09.2025 before Executive Magistrate, Purushottampur that in my Passport No: V7234959, in which my SPOUSE's name wrongly recorded as Sujit Panigrahy instead of SUJIT KUMAR PANIGRAHY. I need to be correct this. This is to be produced before the concerned authority.

**Notice**
**(Above 18 years of age)**

By virtue of an affidavit sworn before the Executive Magistrate, Udala, Mayurbhnaj, dated 04.09.2025 I, Sukulmani Soren, Address At- Andiatikira, Po-Dengam, Ps- Khunta, Dist-Mayurbhanj, Pin- 757104 declare that I have changed my name Srimati Sukulmani Soren to Sukulmani Soren . Henceforth I shall be known as **Thibu Murmu** for all purposes.

**Sukulmani Soren**

**AFFIDAVIT**

By virtue of an affidavit No. 5113 sworn before the Executive Magistrate, Champua on date-21/08/2025. I **KAMA NAIK,** resident of Vill/Po- Kashipal, Ps- Baria, Dist- Keonjhar, Odisha, Pin-758044 declare that I have changed my name from **Kamadev Naik** (old name) to **Kama Naik** (new name). Henceforth I shall be known as **Kama Naik,** S/o- Bana Naik for all future purpose.

**Sd/- KAMA NAIK**

**AFFIDAVIT**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 12.09.2025, I Aditya Singh, Address At-Sarbeswarpur, Po-Chandanpur, Ps-Badasahi, Dist-Mayurbhanj, State-Odisha, Pin-757017 declare that I have changed my name from Bapu Singh to Aditya Singh. Henceforth, I shall be known as **Aditya Singh** for all purposes.

**Aditya Singh**

**AFFIDAVIT**

I, Kandhu Khara, S/o- Late Miluku Khara resident of Vill.- Daba, Po.- Kasandi, Ps.- Nandapur, Dist.- Koraput, Odisha, Pin-764037 vide affidavit no.-82, dtd.12.09.2025 state that I have changed my name from **Kandhu Gayel** to **Kandhu Khara**. Henceforth I shall be known as **Kandhu Khara** for all purposes.

**AFFIDAVIT**

By virtue of an affidavit (CF No. 06) sworn before the Executive Magistrate, Padampur on dated- 11/09/2025. I, **Sunil Kumar Behera,** S/o Late Gunanidhi Behera, permanent resident of At- Padampur, PO-Padampur, Dist- Bargarh, PIN-768036, Odisha declare that I have changed my minor son's name from **Animesh Behera** (old name) to **Animesh Kumar Behera** (new name). Henceforth, I shall be known as **Animesh Kumar Behera** (new name) for all purposes.

**Sunil Kumar Behera**

L-63

**OFFICE OF THE EXECUTIVE ENGINEER (AGRIL.), AGRIL. ENGG. DIVISION, KEONJHAR**
AT/PO: MACHAPUR, DISTRICT: KEONJHAR-758001
E-mail ID: eeagril.kjr@gmail.com
**e-Procurement Notice: Dated 12.09.2025**
**Bid Identification No. EE(AGRIL)Keonjhar Division-01/2025-26**

The Executive Engineer (Agril.), Agril. Engg. Division, Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website www.tendersodisha.gov.in, for civil works/buildings in the district of Keonjhar as detailed below:

| Sl. No. | Nos of the work/nature of work for which Tender invited | Approximate Estimated cost put to Tender (Excluding G.S. T) (Rs.lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 03Nos (Three nos) Building works / Civil construction works/ PH Sanitary & Electrical works | Vary from Rs.11.87 lakh to Rs.15.01 lakh | Rs.6000.00 | 1% Of the Amount Put to Tender | C&D | 120Days |

1. Date & Time of availability of bid document in the portal :15.09.2025 at 10.00 AM to 22.09.2025, 5.30 PM
2. Last date / Time for receipt of bids in the portal :22.09.2025 upto 5.30 PM
3. Date of submission of original bid documents in Tender Box :15.09.2025,10.00 AM to 23.09.2025 up to 1.00 PM
4. Date & Time of opening of original Documents, Verification& Online bids– 24.09.2025 at 11.00 AM onwards

The Bidders have to participate in ONLINE bidding only in the e- Procurement website: https://tendersodisha.gov.inwith matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website.Authority reserve the right to reject/accept any or all of the tenders ,increase/decrease the quantities of works without assigning any reasons thereof.

Sd/- Executive Engineer (Agril.)
Agril. Engg. Division, Keonjhar

OIPR-01460/11/0007/2526

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ: ନଂ: ୫୧/ ଏସ୍.ଏମ୍. ତା ୨୬/୦୬/୧୯୫୬
ବିଜ୍ଞପ୍ତି ସଂଖ୍ୟା ୨୮୫୨ / ତାରିଖ ୧୦.୦୯.୨୦୨୫

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୭ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା:୨୬.୦୯.୨୦୨୫ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବରଗଡ଼ର ରେଳୱେ ଷ୍ଟେସନ ରୋଡ଼, ଆର୍.ଏମ୍.ସି ମାର୍କେଟ ନିକଟସ୍ଥ "ଯଦୁମଣି ପ୍ରଧାନ ଅଡ଼ିଟୋରିୟମ୍" ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି: ଦ୍ର: - ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ବାଚଣର ଅବିକଳ ନକଲ ସଙ୍ଗରେ ଆଣିବାକୁ ଅନୁରୋଧ।

କାର୍ଯ୍ୟସୂଚୀ

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୪-୨୫ ବର୍ଷର ଅଡ଼ିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୨୪-୨୫ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୫. ୨୦୨୫-୨୬ ବର୍ଷର ବଜେଟ୍ ଅଟକଳ ଅନୁମୋଦନ।
୬. ୩୧.୦୮.୨୦୨୫ ପର୍ଯ୍ୟନ୍ତ ବ୍ୟାଙ୍କର ଆୟ ଓ ବ୍ୟୟର ଅନୁମୋଦନ।
୭. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
ସ୍ୱା/-
ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ

### ଅଷ୍ଟପ୍ରହରୀ ଚାନ୍ଦା ନ ଦେବାରୁ ଗାଁରୁ ବାସନ୍ଦ

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତ ପରିବାର

ଭଦ୍ରକ, ୧୨।୯ (ସମିସ)




ଗାଁରେ ଅଷ୍ଟପ୍ରହରୀ ଚାନ୍ଦା ନ ଦେଇ ପାରିବାରୁ ପ୍ରଜାକୋର୍ଟ ଡକାଇ ନିସ୍ତୁକ ମାଡ଼ ମାରିଲେ। ପରେ ଗାଁରୁ ବାସନ୍ଦ ମଧ୍ୟ କଲେ। ଏ ନେଇ ଅଭିଯୋଗ ହେବାର ୯ ମାସ ବିତିଯାଇଥିଲେ ମଧ୍ୟ ପୁଲିସ କାହାକୁ ବି ଗିରଫ କରୁନାହିଁ। ଏପରିକି ପୀଡିତ ପରିବାରକୁ ମଧ୍ୟ ନ୍ୟାୟ ଦେଉନି ପୁଲିସ। ପୀଡିତ ପରିବାର ଥାନାରୁ ଆରମ୍ଭ କରି ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବାରମ୍ବାର ଦୌଡିଲେ ମଧ୍ୟ ଶାସକ ଦଳ ନେତାଙ୍କ ଚାପରେ କେହି ଶୁଣୁନାହାନ୍ତି। ଏପରି ଅଭିଯୋଗ ଆଣିଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନାୟକାଣୀଡ଼ିହି ଥାନା ଅନ୍ତର୍ଗତ ଲକ୍ଷ୍ମୀଦାସପୁର ଗାଁର ସୁକୁମାର ମହାରଣା ଏବଂ ତାଙ୍କ ପରିବାର। ଅଭିଯୋଗ ଅନୁଯାୟୀ, ଗାଁରେ ଚାଲିଥିବା ଅଷ୍ଟପ୍ରହରୀ ପାଇଁ ସୁକୁମାରଙ୍କ ପରିବାରକୁ ୨ ହଜାର ଟଙ୍କା ଚାନ୍ଦା ଦେବାକୁ କୁହାଯାଇଥିଲା। ହେଲେ ତାଙ୍କ ପକ୍ଷରେ ୨ ହଜାର ଦେବାକୁ ଅକ୍ଷମତା ପ୍ରକାଶ କରି ୧ ହଜାର ଚାନ୍ଦା ଦେବାକୁ ରାଜି ଥିଲେ; ମାତ୍ର ଗ୍ରାମବାସୀ ଏଥିରେ ରାଜି ନ ହୋଇ ଗାଁରେ ପ୍ରଜାକୋର୍ଟ ବସାଇବା ସହିତ ପରେ ସୁକୁମାରଙ୍କୁ ଡାକି ନେଇ ନିସ୍ତୁକ ମାଡ଼ ମାରିଥିଲେ। ପରେ ସ୍ୱାମୀକୁ ମାଡ଼ ମାରୁଥିବା ବେଳେ ସ୍ତ୍ରୀ ଅଟକାଇବାରୁ ତାଙ୍କୁ ମଧ୍ୟ ନିସ୍ତୁକ ମାଡ଼ କରିଥିଲେ। ଏପରିକି ମାଡ଼ ମାରିବା ସହିତ ସୁକୁମାରଙ୍କ ଫୋନ ପେ'ରୁ ମଧ୍ୟ ୨୦୦୦ ଟଙ୍କା ଜବରଦସ୍ତ କରିଥିଲେ। ଯାହାକୁ ନେଇ ପୀଡିତ ପରିବାର ନାୟକାଣୀଡ଼ିହି ଥାନାରେ ଗତ ଡିସେମ୍ବର ୩ ତାରିଖରେ ଅଭିଯୋଗ କରିଥିଲେ। ପରେ ପୁଲିସ ବିଭିନ୍ନ ସଂଗୀନ ଦଫାରେ ମାମାଲା ରୁଜୁ କରିଛି; କିନ୍ତୁ ଏପର୍ଯ୍ୟନ୍ତ କାହାକୁ ଗିରଫ କରିନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଘଟଣାର ସମାଧାନ ପାଇଁ ଚାପ ପକାଇ ସଫଳ ନହେବାରୁ ଏବେ ପୀଡିତ ପରିବାରକୁ ନିଆଁପାଣି ବନ୍ଦ କରିଥିବା ଅଭିଯୋଗ ହୋଇଛି। ଏପରିକି ମାଡ଼ ମାରିଥିବା ଲୋକେ ପ୍ରମୁଖ ରାଜନୈତିକ ଦଳର ଆଗଧାଡିର ନେତା ହୋଇଥିବାରୁ ପୁଲିସ ଗିରଫ କରିବାକୁ ସାହାସ କରୁନାହିଁ। ଏ ନେଇ ସୁକୁମାର ମହାରଣା ଓ ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ଶେଷରେ ଶୁକ୍ରବାର ପୀଡିତ ପରିବାର ପୁଣି ଥରେ ଭଦ୍ରକ ଏସପିଙ୍କୁ ଭେଟିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି।

### ବେସରକାରୀ ଅଧ୍ୟାପକ, ଅଧ୍ୟାପିକାଙ୍କ ଆନ୍ଦୋଳନ ଜାରି

# ବିଜେଡି ବିଧାୟକ ଓ କଂଗ୍ରେସ ଯୁବନେତା ସାମିଲ



**ଭଦ୍ରକ, ୧୨।୯ (ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଂଘର ଆନ୍ଦୋଳନ ୨୬ ଦିନରେ ପହଞ୍ଚି ଥିବାବେଳେ ସରକାର ଶୁଣୁନାହାନ୍ତି। ଫଳରେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଏକ ପ୍ରକାର ଭୁଶୁଡ଼ି ପଡ଼ିଛି। ଭଦ୍ରକ ଜିଲ୍ଲାର ଚାନ୍ଦବାଲି ମହାବିଦ୍ୟାଳୟ ପରିସରରେ ସଂଘର ସମସ୍ତ କର୍ମକର୍ତ୍ତା ଦାବି ପୂରଣ ପାଇଁ ବସିରହିଛନ୍ତି। ସେମାନଙ୍କ ଦାବିକୁ ଯଥାର୍ଥତା ଦର୍ଶାଇ ଆଜି ଆନ୍ଦୋଳନରେ ସାମିଲ ହୋଇଥିଲେ ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ ଓ କଂଗ୍ରେସର ଯୁବନେତା ସତ୍ୟାନନ୍ଦ ରାଉତ। ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଦାବି ପୂରଣ କରିବା ଅପରିହାର୍ଯ୍ୟ। ଏଣୁ ଏ ବିଷୟରେ ସରକାର ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ଏହି ଦୁଇ ଯୁବନେତା ପ୍ରକାଶ କରିଥିଲେ। ୨୦୦୮ ରୁ ୨୦୧୮ ମସିହାରେ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନଭୁକ୍ତ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଅଧ୍ୟାପକ/ଅଧ୍ୟାପିକାଙ୍କ ସମେତ କର୍ମଚାରୀଙ୍କ ଦାବି ପୂରଣ କରି ପୁନଶ୍ଚ ପାଠପଢ଼ା ଆରମ୍ଭ କରିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଦାବି କରିଛନ୍ତି।

### ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ

# ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା



**ଭଦ୍ରକ, ୧୨।୯ (ସମିସ):** ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷକ ବିଭାଗ ଆନୁକୂଲ୍ୟରେ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳି ବିକାଶ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଓ.ଏସ.ଡି ନୀତିଶ କୁମାର ତ୍ରିପାଠୀ, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା, ଭଦ୍ରକଙ୍କ ସମେତ ପୂର୍ତ୍ତ, ଶିକ୍ଷା, ସମାଜ ମଙ୍ଗଳ ଅଧିକାରୀଣୀ, କୃଷି ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ଜଳ ନିକାଶନ, ପଶୁ ସମ୍ପଦ, ଉଦ୍ୟାନ ବିଭାଗ, ମିଶନ ଶକ୍ତି, ବିଦ୍ୟୁତ ବିଭାଗ, କର୍ମ ନିୟୋଜନ ବିଭାଗ, ଆଖୁଆପଦା ଜଳସେଚନା ବିଭାଗ, ଖଣିଜ ଦ୍ରବ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ବିଭାଗ, ହସ୍ତତନ୍ତ ବିଭାଗ, ଓରମାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ହସ୍ତତନ୍ତ, ମିଶନ ଶକ୍ତି, କୃଷି, କର୍ମ ନିୟୋଜନ, ସ୍ୱାସ୍ଥ୍ୟ, ପୂର୍ତ୍ତ, ଶିକ୍ଷା, ଗମନାଗମନ, ପାନୀୟଜଳ ଓ ପରିମଳ, ପ୍ରଧାନମନ୍ତ୍ରୀ କର୍ମ ସୃଜନ ଯୋଜନା, ମତ୍ସ୍ୟ, ପଶୁ ସମ୍ପଦ, ଅଙ୍ଗନବାଡି, ଓରମାସ, ଉଦ୍ୟାନ, ମାଛ ଚାଷ, ଝୋଟ, ଛତୁ, ସାରୁ, ଆଖୁ ଚାଷ ଆଦି ବିଭିନ୍ନ ପ୍ରକଳ୍ପ ଗୁଡିକ, କାର୍ଯ୍ୟକାରୀ ଓ ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯେପରି ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା କୃଷି କ୍ଷେତ୍ରରେ ଅବଗତ ହେବାପାଇଁ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯିବାକୁ ମନ୍ତ୍ରୀ ଶ୍ରୀ ସୂରଜ ସୂଚନା ଦେଇଥିଲେ। ମାଛ ଓ ଶୁଖୁଆର ବିକ୍ରି ନିମନ୍ତେ ବଜାର ସୃଷ୍ଟି କରିବା, ଗୋଶାଳାଠାରେ ଆଜୋଲା ଚାଷ ବିଷୟରେ ପ୍ରଶିକ୍ଷଣ ଦେବା, ବାୟୋ ଗ୍ୟାସ ଉଦ୍ୟୋଗ ସୃଷ୍ଟି କରିବା, ଲେବର କାର୍ଡର ଗୁରୁତ୍ୱ, ଉତାର ଗୃହ ସେବା, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କୃଷି ଶିଳ୍ପ, ସିଲାଇ ଶିକ୍ଷା, ଶିଶୁ ବାଟିକା, ନିରନ୍ତର ବିଦ୍ୟୁତ ସେବା, ଧାମନଗର ନିର୍ବାଚନ ମଣ୍ଡଳୀର ସମସ୍ତ ରାସ୍ତା ଓ ଡ୍ରେନର ଉନ୍ନତି ଉପରେ ସମୀକ୍ଷା କରିଥିଲେ। ମେଗା ପାନୀୟଜଳ ପ୍ରକଳ୍ପର ଅଗ୍ରଗତି, ହିତାଧିକାରୀମାନେ କିଭଳି ବିଭିନ୍ନ ସରକାରୀ ସୁବିଧା ପାଇପାରିବେ ସେ ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଉପଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ତ ବ୍ଲକ୍‌ରେ ଜାତୀୟ ଶିକ୍ଷାନୀତି ସଫଳତା ନେଇ ପ୍ରଶ୍ନବାଚୀ

# ଭିତ୍ତିଭୂମି ନାହିଁ; ବାଟିକାରେ ଶିଶୁଙ୍କ ଭବିଷ୍ୟତ ବାଟବଣା



**ବନ୍ତ/ଆଗରପଡ଼ା, ୧୨।୯ (ସମିସ):** ଜାତୀୟ ଶିକ୍ଷାନୀତି-୨୦୨୦ନୀତି ଅନୁଯାୟୀ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଉକ୍ତ ଯୋଜନା ଅନୁଯାୟୀ ଶିଶୁ ବାଟିକାରେ ୫ ବର୍ଷର ଶିଶୁଙ୍କ ନାମ ଲେଖା ଯାଇଛି। ଅଙ୍ଗନବାଡ଼ିରୁ ୫ବର୍ଷ ପୂରଣ କରିଥିବା ଶିଶୁମାନେ ପ୍ରାଥମିକ ବିଦ୍ୟାଳୟକୁ ଯାଇ ନାମ ଲେଖାଇଛନ୍ତି। ଜାତୀୟ ଶିକ୍ଷାନୀତି -୨୦୨୦ନୀତି ଅନୁଯାୟୀ ବାଟିକାରେ ନାମ ଲେଖାଇଥିବା ଶିଶୁମାନେ ଏବେ ସ୍କୁଲରେ ଏକ ବର୍ଷ ରହିବା ପରେ ପ୍ରଥମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେବେ। ସରକାରଙ୍କ ଏହିଭଳି ନିଷ୍ପତ୍ତି ପରେ ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ସରକାରୀ ବିଦ୍ୟାଳୟରେ ଅନେକ ଛାତ୍ରଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। କିନ୍ତୁ ସେମାନଙ୍କ ପାଇଁ ବହୁ ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ବାତାବରଣ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବହୁ ବିଦ୍ୟାଳୟରେ ୨ଟି ଗୃହରେ ୫ଟି ଶ୍ରେଣୀ ତ ଆଉ କେଉଁଠି ଗୋଟିଏ ଗୃହରେ ୪ଟି ଶ୍ରେଣୀର ପାଠପଢ଼ା ଚାଲିଛି। ଏଭଳି ସ୍ଥିତିରେ ଶିଶୁ ବାଟିକାରେ ନାମ ଲେଖାଇଥିବା ଶିଶୁ ମଧ୍ୟ ଆରମ୍ଭରୁ ଶ୍ରେଣୀ ଗୃହ ସମସ୍ୟାର ସମ୍ମୁଖୀନ ହେଲେଣି। ଗୋଟିଏ ଗୃହରେ ଅନ୍ୟ ଶ୍ରେଣୀର ପିଲାଙ୍କ ସହିତ ବସି ପଢ଼ିବା ଦ୍ୱାରା ସେମାନେ ନୂତନ ଭାବେ ପ୍ରଚଳିତ ଶିକ୍ଷାନୀତିର କ'ଣ ଲାଭ ପାଇପାରିବେ ତାକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଯାଇଛନ୍ତି।

ଇତି ମଧ୍ୟରେ ନୂତନ ଶିକ୍ଷାବର୍ଷକୁ ୬ମାସ ବିତିବାକୁ ବସିଥିଲେ ସୁଦ୍ଧା ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ ଯୋଜନାର ସଫଳତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପର ପକ୍ଷରେ ସରକାର ପରିଚାଳନା କମିଟିର କାର୍ଯ୍ୟକାଳର ସମୟସୀମାକୁ ବଢ଼ାଇଥିଲେ ସୁଦ୍ଧା ସେବିକା ନିଯୁକ୍ତି ପାଇ ନ ଥିବାରୁ ଶିଶୁବାଟିକାରେ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ଲାଗି ରହିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ୫ବର୍ଷର ପିଲାଙ୍କ ଶିଶୁ ବାଟିକାରେ ନାମଲେଖାଯିବ। ଖେଳକୁଦ ସମେତ ସେମାନଙ୍କ ବୌଦ୍ଧିକ ବିକାଶ ହେବା ନେଇ ପ୍ରଶିକ୍ଷଣ ଦିଆଯିବ। ଏମାନଙ୍କ ତତ୍ତ୍ୱାବଧାରକ ଭାବେ ସେବିକା ନିଯୁକ୍ତି ଦିଆଯିବ। ସେମାନେ ବାଟିକାର ଶିଶୁଙ୍କ ସେବା ଓ ଯତ୍ନ କରିବା ସହ ନାଚଗୀତ ଆଦି ଶିଖାଇବେ। ଶିକ୍ଷାନୀତିରେ ଏହି ସବୁ ନିୟମ ଥିଲେ ସୁଦ୍ଧା ଅଦ୍ୟାବଧି ସେବିକା ନିଯୁକ୍ତି ପାଇନାହାନ୍ତି। ସେବିକା ନିଯୁକ୍ତିରେ ସରକାରଙ୍କ ତରଫରୁ ଯେଉଁ ସବୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି ତାହା ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତି ମଧ୍ୟରେ ନୂତନ ଶିକ୍ଷାବର୍ଷର ଅଧା ବର୍ଷ ବିତିଯାଇଥିଲେ ସୁଦ୍ଧା ବାଟିକା ପାଇଁ ପ୍ରଚଳିତ କୌଣସି ଗୋଟିଏ ନିୟମ ମଧ୍ୟ ପାଳନ ହୋଇପାରି ନ ଥିବାରୁ ଉକ୍ତ ଶିକ୍ଷାନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ବନ୍ତ ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ଗତି କରୁଥିବା ବେଳେ ସରକାରଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ନୂତନ ଭାବେ ଆରମ୍ଭ ହୋଇଥିବା ଉକ୍ତ ଯୋଜନାର ସଫଳତାକୁ ନେଇ ଶିକ୍ଷାବିତ୍‌ଙ୍କ ସମେତ ଅଭିଭାବକ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଜାତୀୟ ଶିକ୍ଷାନୀତି-୨୦୨୦କୁ ସଫଳ କରିବା ପାଇଁ ଏହାର ନୀତି ଓ ଆଦର୍ଶକୁ ଯଥାଶୀଘ୍ର ପାଳନ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଧାନ କିଣାରୁ ଓହରିଲା ଏସ୍‌ଏଚ୍‌ଜି

**ବାରିକପୁର, ୧୨।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ମା' ଦୁର୍ଗା ଏସଏଚଜି ଚଳିତ ବର୍ଷ ଖରିଫ ଧାନ କ୍ରୟ ବ୍ୟବସ୍ଥାରୁ ଓହରି ଯାଇଥିବା ଜଣାପଡ଼ିଛି। ଏନେଇ ଏସଏଚଜି ପକ୍ଷରୁ ଯୋଗାଣ ବିଭାଗ ପୋର୍ଟାଲ ଏବଂ ବ୍ଲକ ମିଶନ ଶକ୍ତି ଅଧିକାରୀଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଛି। କୁରିଗାଁ ସମେତ ଆଲିହା, ସୁନି, କଟଂ, ବାଇଗଡ଼ିଆ, ମହମ୍ମଦପୁର, ସଠଗାଁ, ନାଉରି ଗଡ଼ିଆ, ଚାରି ବାଟିଆ, ବିରି ଗଡ଼ିଆ ପ୍ରମୁଖ ଗ୍ରାମର ଚାଷୀମାନେ ଧାନ ବିକ୍ରି କରିଥାନ୍ତି। ଚଳିତ ବର୍ଷ ଏସଏଚଜି ନିକଟରେ ୫୦୩ଜଣ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଏବେ ଏସଏଚଜି ଧାନ କ୍ରୟରୁ ଓହରିଯିବା ପରେ ଚାଷୀମାନେ କେଉଁଠି ଧାନ ବିକ୍ରି କରିବେ ତାହା ଏଯାଏଁ ସ୍ଥିର ହୋଇ ପାରିନାହିଁ।

# ଭଦ୍ରକ ମହାବିଦ୍ୟାଳୟରେ 'ଉଦ୍‌ବୋଧନୀ' କାର୍ଯ୍ୟକ୍ରମ




**ଭଦ୍ରକ, ୧୨।୯ (ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଭଦ୍ରକ ଆନୁକଘଲ୍ୟରେ ଭଦ୍ରକ କଲେଜ ପରିସରରେ ବିଶ୍ୱଧର୍ମ ସମ୍ମିଳନୀ, ଚିକାଗୋ ସ୍ମୃତିରେ ଏକ ଉଦବୋଧନୀ କାର୍ଯ୍ୟକ୍ରମ ସଂସଦର ଆଜୀବନ ସଦସ୍ୟ ତଥା ପ୍ରାଧ୍ୟାପକ ସୁରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଦୁର୍ଗାଶଙ୍କର ଦାଶ ଉପସ୍ଥିତ ସମସ୍ତ ସଦସ୍ୟ, ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଗହଣରେ ସ୍ୱାମୀଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଦେବୀଲାଲ ମିଶ୍ର ଛାତ୍ରଛାତ୍ରୀଙ୍କ ଭିତରେ ଅନନ୍ତ ସମ୍ଭାବନା ଭରି ରହିଛି। ତେଣୁ ସମାଜର ବଡଦାଣ୍ଡରେ ଭଲ ମଣିଷଟିଏ ହେବା ପାଇଁ ପବିତ୍ରତା, ଧୈର୍ଯ୍ୟ ଓ ଅଧ୍ୟବସାୟ ସହ ଦୃଢ଼ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସର ମନ୍ତ୍ରରେ ଅଭିମନ୍ତ୍ରିତ ହେବା ଆବଶ୍ୟକ। ଶିକ୍ଷାଲବ୍ଧ ଜ୍ଞାନକୁ ମାତୃଭୂମିର କଲ୍ୟାଣ ପାଇଁ ବିନିଯୋଗ କଲେ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ସଭାର ପ୍ରାରମ୍ଭରେ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟ ପ୍ରାଧ୍ୟାପକ ଶିବ ଚରଣ ଖାମୁରାଇ ବିବେକାନନ୍ଦ ବନ୍ଦନା ଗାନ, ପ୍ରାରମ୍ଭିକ ସୂଚନା ସହ ମଞ୍ଚାସୀନ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ, ପ୍ରଫେସର ଡ. କମଳାକାନ୍ତ ଜେନା, ଅଧ୍ୟାପକ ଦୀପ୍ତିରଞ୍ଜନ ଦାସ, ଅଧ୍ୟାପକ ଚିଦାନନ୍ଦନ ଦାସ, ଅଧ୍ୟାପକ ପଦ୍ମନାଭ ପତ୍ରୀ, ନାରାୟଣ ଚନ୍ଦ୍ର ପାଢ଼ୀ, ଗଦାଧର ପଣ୍ଡା, ଇଂ.ସୁରେଶ ବିଶ୍ୱାଳ, ଗୀତାଞ୍ଜଳି ଅଗସ୍ତି, ଅଲ ଇଣ୍ଡିଆ ରେଡିଓ ଏବଂ ଦୂରଦର୍ଶନର ପ୍ରତିନିଧି ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷାବିତ୍ ଗୟାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଗାପୂଜା ପାଇଁ ଶାନ୍ତି କମିଟିକୁ ନେଇ ପ୍ରଶାସନର ପ୍ରସ୍ତୁତି ବୈଠକ

# ଶାନ୍ତିଶୃଙ୍ଖଳା ଓ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ

ଭଦ୍ରକ, ୧୨।୯ (ସମିସ)



ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଦୁର୍ଗାପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠି ବୈଠକରେ ଏସପି ମନୋଜ କୁମାର ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର (ବିଚାର) କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିଲେ। ଏହାବ୍ୟତୀତ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ, ଅଧିକ୍ଷଣ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ଅଧିକ୍ଷଣ ଯନ୍ତ୍ରୀ, ସାଳନ୍ଦୀ କେନାଲ ଡିଭିଜନ, ଅବକାରୀ ଅଧୀକ୍ଷକ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଚିକିତ୍ସାଧିକାରୀ ଡ.ସଙ୍ଗୀତା ବଳ, ଆଞ୍ଚଳିକ ପରିବହନ ଅଧିକାରୀ, ସହାୟକ ନିର୍ବାହୀ ଯନ୍ତ୍ରୀ, ପି.ଏଚ.ଡି, ଟାଉନ ଓ ଗ୍ରାମାଞ୍ଚଳ ଥାନା ଅଧିକାରୀଙ୍କ ସମେତ ଶାନ୍ତି କମିଟିର ସଦସ୍ୟ, ହିନ୍ଦୁ ସୁରକ୍ଷା। ସମିତି, ମୁସଲିମ ଜମାତର କର୍ମକର୍ତ୍ତା ସମେତ ମା ବଙ୍କ ବାସୁଳୀ ଦୁର୍ଗାପୂଜା କମିଟି, ଗାନ୍ଧି ପଡ଼ିଆ ଦୁର୍ଗାପୂଜା, ଜାନୁଗଞ୍ଜ ଦୁର୍ଗାପୂଜା, ସଙ୍ଗତ ଦୁର୍ଗାପୂଜା, ନୀଳକଣ୍ଠପୁର ଦୁର୍ଗାପୂଜା, ଲାହାପଟି ଦୁର୍ଗାପୂଜା, ଚନ୍ଦନ ବଜାର ଦୁର୍ଗାପୂଜା, ଅପର୍ତ୍ତିବିନ୍ଧା ଦୁର୍ଗାପୂଜା, ଗବସାହି ଦୁର୍ଗାପୂଜା, ତେଲି ମହଲା ଦୁର୍ଗାପୂଜା, ବାଙ୍କା ବଜାର ଦୁର୍ଗାପୂଜା, ସ୍କୁଲରୋଡ ଦୁର୍ଗାପୂଜା, ସନ୍ଥିଆ ଦୁର୍ଗାପୂଜା, ସାଳନ୍ଦୀ ବାଇପାସ ଦୁର୍ଗାପୂଜା, ରେଳବାଇ କଲୋନୀ ଦୁର୍ଗାପୂଜା, ଷ୍ଟେସନ ରୋଡ ଦୁର୍ଗାପୂଜା, ପ୍ରାଚୀନଗର ଦୁର୍ଗାପୂଜା, ପାଟଣା ସାହି ଦୁର୍ଗାପୂଜା, ନବଗ୍ରହ ଦୁର୍ଗାପୂଜା, ଏରେଇଁ, ଗରଦପୁର ଦୁର୍ଗାପୂଜା, ଓଏସଆରଟିସି ଦୁର୍ଗାପୂଜା, ମଠସାହି-ରାଜଘାଟ ଦୁର୍ଗାପୂଜା କମିଟିର ସଭାପତି/ସମ୍ପାଦକ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶାନ୍ତି କମିଟିର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ରାସ୍ତାର ମରାମତି, ଆଲୋକୀକରଣ, ନାଳ ନର୍ଦ୍ଦମା ସଫେଇ, ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜନ, ନିଶାଖୋରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ବନ୍ଦୋବସ୍ତ, ଘାଟ ଗୁଡିକର ମରାମତି, ନାଳଗୁଡିକୁ ଆବଦ୍ଧ କରିବାକୁ ବ୍ୟବସ୍ଥା କରିବାପାଇଁ ଅନୁରୋଧ କରିଥିଲେ ଶାନ୍ତି କମିଟିର ସଦସ୍ୟ ବିଦ୍ୟାଧର ସାହୁ, ଅତିସ କୁମାର ବେହେରା, ସୁଧାକର ରାଉତ, ଗୌରାଙ୍ଗ ପଣ୍ଡା, ଉମର ଅଲ୍ଲୀ। ବାସିଖାଦ୍ୟ ବିକୁଥିବା ବିଭିନ୍ନ ହୋଟେଲ ଓ ରେଷ୍ଟୁରେଣ୍ଟାକୁ ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ଚଢଉ କରିବାକୁ ନିବେଦନ କରିଥିଲେ। ଏସ୍‌ପି ଶ୍ରୀ ରାଉତ ପ୍ରକାଶ କରିଥିଲେ ଯେ, ଯେଉଁମାନେ ଆଦେଶକୁ ନ ମାନି ପୁଣି ଡିଜେ ବଜାଇବା ପାଇଁ ପ୍ରୟାସ କରିବେ ସେମାନଙ୍କୁ ଆର୍ଥିକ ଜରିମାନା ସହିତ ମୋକଦ୍ଦମା ରୁଜୁ କରାଯିବ। ସେହିପରି ସମସ୍ତ ଦୁର୍ଗାପୂଜା କମିଟି ଅଗ୍ନିଶମ ବିଭାଗରୁ ଫାୟାର ସେଫ୍‌ଟି ସାର୍ଟିଫିକେଟ ଓ ବିଦ୍ୟୁତ ବିଭାଗରୁ ତଦନ୍ତ ରିପୋର୍ଟ ସଂଗ୍ରହ କରିବେ। ଏଥିରେ ବିଚ୍ୟୁତି ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଣ ସ୍ୱୀକୃତିପ୍ରାପ୍ତ ୱେବ ଚ୍ୟାନେଲ ଏବଂ ସୋସିଆଲ ମିଡିଆରେ ମିଥ୍ୟା ଗୁଜବ ପ୍ରଚାର କରୁଥିବା ସଂସ୍ଥା/ବ୍ୟକ୍ତିବିଶେଷକୁ କଠୋର ଚେତାବନୀ ଦେଇଥିଲେ। ଚଳିତ ବର୍ଷ ଯେପରି ଦୁର୍ଗାପୂଜା ଉତ୍ସବ କିପରି ଶାନ୍ତି ଶୃଙ୍ଖଳା ହୋଇପାରିବ ସେ ନେଇ ଜିଲ୍ଲାପାଳ ଶ୍ରୀ ରାଉତରାଏ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜାତୀୟ ସବୁଜ ପ୍ରାଧିକରଣର ୩.୭.୨୪ତାରିଖ ଆଦେଶ ଅନୁଯାୟୀ ପୂଜାପାର୍ବଣରେ ବ୍ୟବହୃତ ବାସିଫୁଲ, ଫଳ, ପତ୍ର, ପ୍ରସାଦ, ପ୍ରତିମା ଆଦି ପ୍ରାକୃତିକ ଜଳାଶୟ ତଥା ନଦୀ, କେନାଲ ଓ ନାଳରେ ନ ପକାଇବା ଉପରେ ଆଲୋଚନା ହୋଇଥିଲା। ନଦୀଘାଟ ନିକଟରେ କୃତ୍ରିମ ଜଳାଶୟ କରି ପ୍ରତିମା ବିସର୍ଜନ କରାଯିବ। ଆଦେଶର ଅନୁପାଳନ ନିମନ୍ତେ ନିୟମିତ ଯାଞ୍ଚ କରିବାର ସୁବନ୍ଦୋବସ୍ତ କରିବା ପାଇଁ ଏସପିଙ୍କୁ ଅନୁରୋଧ କରିଥିଲେ। ସେହିପରି ଅବକାରୀ ବିଭାଗ ବେଆଇନ ମାଦକ ଦ୍ୟବ୍ୟ ବିକ୍ରୟ ଉପରେ ନିୟମିତ ଯାଞ୍ଚ କରିବା, ମଦ୍ୟପାନ କରି ଗାଡି ଚଲାଉଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାକୁ ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବିଭାଗ ୭ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଗିଦ କରିଥିଲେ। ସେହିପରି ସହରରେ ନିରବଚ୍ଛିନ ବିଦ୍ୟୁତ ଯୋଗାଣ ପାଇଁ ଟିପିଏନଓଡିଏଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆମ୍ବୁଲାନ୍ସ ଓ ମେଡିକାଲ ଟିମର ବ୍ୟବସ୍ଥା ଉପରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାସ୍ତାକୁ ଆର ପାର କରି କୌଣସି ତୋରଣ କରାଯିବ ନାହିଁ, ଲାଉଡ ସ୍ପିକର ପାଇଁ ଉପଜିଲ୍ଲାପାଳ, ଭଦ୍ରକ ଓ ମାର୍ଗ ଅନୁମତି ପାଇଁ ସମ୍ପୃକ୍ତ ଥାନା ଅଧିକାରୀଙ୍କ ପାଖରୁ ଅନୁମତି ନେବେ। ଶେଷରେ ଆଡିସନାଲ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାଦକ ଦ୍ରବ୍ୟ ବିକ୍ରି ଉପରେ ନିୟମିତ ଯାଞ୍ଚ ନିର୍ଦ୍ଦେଶ

### ମଦ ପିଇ ଶ୍ରେଣୀରେ ପ୍ରଧାନଶିକ୍ଷକ

# ତାଲା ପକାଇଲେ ଗ୍ରାମବାସୀ



ଭଦ୍ରକ/ବାସୁଦେବପୁର, ୧୨।୯(ସମିସ): ବାସୁଦେବପୁର ବ୍ଲକ ବିନୋବାଭାବେ ନଗର ପଞ୍ଚାୟତ ଉପେନ୍ଦ୍ରନାଥ ଘୋରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିମାଇଁ ଚରଣ ଟୁଡୁ ନିଶାସକ୍ତ ଅବସ୍ଥାରେ ଶ୍ରେଣୀଗୃହରେ ଶୋଇଥିବା ବେଳେ ଗ୍ରାମବାସୀ ତାଲା ପକାଇ ହୋ ହାଲ୍ଲା କରିଥିଲେ। କସିଆ ସାମୁଦ୍ରିକ ଥାନାପୁଲିସ ହସ୍ତକ୍ଷେପରେ ପରିସ୍ଥିତି ଶାନ୍ତ ହୋଇଥିବା ଜଣାପଡ଼ିଛି। ନିଶାସକ୍ତ ଅବସ୍ଥାରେ ଛାତ୍ରଛାତ୍ରୀଙ୍କ ବହି ବସ୍ତାନି ପାଖରେ ଗଡ଼ିଗଲେ ପ୍ରଧାନଶିକ୍ଷକ। ତାତିଲେ ଗ୍ରାମବାସୀ। ସବୁ ଜାଣି ଶିକ୍ଷା ବିଭାଗର ଅଧିକାରୀ ଚୁପ ରହିଥିବା ଅଭିଯୋଗ ହୋଇଛି। ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ରହୁଛନ୍ତି ବୋଲି କହିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବାଶିଷ ଖଟୁଆ। ଏହି ବିଦ୍ୟାଳୟର ବାଲ୍ ବାଟିକାଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୨ ଜଣ ଶିକ୍ଷକ ଏଠାରେ ଶିକ୍ଷାଦାନ କରୁଛନ୍ତି। ପ୍ରଧାନ ଶିକ୍ଷକ ନିମାଇଁ ଚରଣ ଟୁଡୁ ବିଦ୍ୟାଳୟରୁ ନହଟିଲେ ଶନିବାରଠାରୁ ବିଦ୍ୟାଳୟର ତାଲା ଝୁଲିବ ବୋଲି ଗ୍ରାମବାସୀ ରୋକ୍‌ଠୋକ୍ ଶୁଣାଇଛନ୍ତି।

### ମାସେ ହେବ ନାବାଳିକାର ପତ୍ତା ମିଳୁନି

# ଏସ୍‌ପିଙ୍କୁ ଭେଟିଲେ ପରିବାର




ଭଦ୍ରକ/ଧାମନଗର,୧୨।୯ (ସମିସ): ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ଗୁଆପୋଖରୀ ଗ୍ରାମର ନାବାଳିକା କଲେଜ ଯାଇ ଆଉ ଘରକୁ ଫେରିନାହିଁ। ଘର ଲୋକେ ନିରାଶ ହୋଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ଗତ ଅଗଷ୍ଟ ୧୪ରେ ଧାମନଗର ପୁଲିସ କେସ ନଂ ୨୯୫/୨୫ ମାମଲା ରୁଜୁ କରିଛି। ଗୁରୁବାର ପୂର୍ବାହ୍ନରେ ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ଭେଟି ପରିବାର ବର୍ଗ ଅଭିଯୋଗ କରିଥିଲେ।

କୈଳାସ ରାଉତଙ୍କ ଝିଅ ରାଜଲକ୍ଷ୍ମୀ (୧୬) ଚଳିତ ବର୍ଷ ମାଟ୍ରିକ୍ ପାସ କରି ବାରିକପୁର ନୟନମଣି ମହିଳା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ଘରୁ କଲେଜକୁ ବସରେ ଯିବା ଆସିବା କରନ୍ତି। ଗତ ଅଗଷ୍ଟ ୧୩ ତାରିଖ ସକାଳ ସମୟରେ ଝିଅ କଲେଜ ଯାଇ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନାହାନ୍ତି। ଅଭିଯୋଗ ଦେବାର ଦୁଇଦିନ ମଧ୍ୟରେ କୈଳାଶଙ୍କ ସାନଭାଇ ଗୋବିନ୍ଦଙ୍କ ଝିଅ ବର୍ଷାରାଣୀ ଏବଂ ମାଆ ମାମିନାଙ୍କୁ ପୁଲିସ ପଚରାଉଚରା କରିଥିଲା। ପଡୋଶୀ ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ରତଳାଙ୍ଗ ଗ୍ରାମର ବିଶ୍ୱଜିତ୍ ଦାସ ନିଖୋଜ ଝିଅକୁ ନେଇଯାଇଥିବା ନେଇ ଖବର ପାଇଥିଲା। ଏପରିକି ବିଶ୍ୱଜିତ ଝିଅ ହଜିବାର ଦୁଇ ଦିନ ପୂର୍ବରୁ ସାନ ଭାଇ ଗୋବିନ୍ଦ ଘରେ ମଧ୍ୟ ରହିଥିଲା। ଏମିତିକି ବିଶ୍ୱଜିତ୍ ବର୍ଷାରାଣୀର ଧରମ ଭାଇ ସମ୍ପର୍କ ବୋଲି ପୁଲିସ ତଦନ୍ତରୁ ଜାଣିଥିଲା। ଏସମସ୍ତ କଥା ଗୋବିନ୍ଦର ସ୍ତ୍ରୀ ମାମିନା ରାଉତ ମଧ୍ୟ ଜାଣିଥିଲେ। ଏପରିକି ଝିଅକୁ ଉଠାଇ ନେଇଥିବା ଯାଜପୁର ଜିଲ୍ଲା ବରୀ ଥାନା ରତଳାଙ୍ଗ ଗ୍ରାମର ବିଶ୍ୱଜିତ୍ ଘରକୁ ଯାଇ ଚଡାଉ କରିଥିଲେ ମଧ୍ୟ ଝିଅର କୌଣସି ସନ୍ଧାନ ପାଇ ନଥିଲା। ଏ ସମ୍ପର୍କରେ ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀଙ୍କୁ ମଧ୍ୟ ଅଭିଯୋଗ କରିଥିଲେ। ସେ ଏହାକୁ ତତକ୍ଷଣାତ୍ ତଦନ୍ତ ଅଧିକାରୀ ରଶ୍ମିତା ମଲ୍ଲିକଙ୍କୁ ପଚରାଉଚୁରା କରିବା ସହ ବିଭିନ୍ନ ମୋବାଇଲ ନଂ ସିଡ଼ିଆର ଓ ଲୋକେସନ ତଦନ୍ତ କରି ଅଭିଯୁକ୍ତ ବିଶ୍ୱଜିତକୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କୌଣସି ସୁଫଳ ନ ମିଳିବାରୁ ଅଭିଯୋଗକ୍ରମେ, ଭଦ୍ରକ ଏସ୍‌ପି ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କୁ ତଦନ୍ତ କରି ଝିଅକୁ ଠାବ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନାଧିକାରୀ ଖୁବଶୀଘ୍ର ମାମଲାର ସମାଧାନ ହେବ ବୋଲି କହିଛନ୍ତି।

## ଜଗନ୍ନାଥସାହିରୁ ଗାଡ଼ି, ଗହଣା ଓ ଟଙ୍କା ଲୁଟ୍

ଅସୁରାଳି, ୧୨।୯ (ସମିସ): ଧୂଷୁରୀ ଅଞ୍ଚଳର ଜଗନ୍ନାଥସାହିରେ ଗତ ୧୧ ତାରିଖ ରାତିରେ ଗୁଡ଼ିଆ ବିବି, ସ୍ୱାମୀ ସୟିଯୁଦ୍ଦିନ ସାହାଣୀଙ୍କ ଘରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଗୋଟିଏ ବୁଲେଟ ଗାଡ଼ି, ଅନୁମାନିକ ତିନି ଲକ୍ଷ ଟଙ୍କାର ସୁନା ଗହଣା ଓ ୮୫ ହଜାର ଟଙ୍କା ନଗଦ ଚୋରି କରିଛନ୍ତି। ଗୁଡ଼ିଆ ବିବିଙ୍କ କହିବାନୁଯାୟୀ, ଘଟଣା ସମୟରେ ତାଙ୍କ ଘର ଖାଲି ଥିଲା। ୧୨ ତାରିଖ ସକାଳେ ଘରକୁ ଫେରିଆସିବା ପରେ ସେ ତାଲା ଭାଙ୍ଗିଥିବା ଦେଖି ଅଭିଯୋଗ ଦାଖଲ କରିଛନ୍ତି। ଘଟଣାସ୍ଥଳରେ ଧୂଷୁରୀ ପୁଲିସ ଥାନାରୁ ସନ୍ଧାନୀ କୁକୁର ଆଣି ତଦନ୍ତ କରାଯାଇଛି। ଏକ ମାମଲା ରୁଜୁ ହେବା ସହ ପୁଲିସ ଖୁବ୍ ଶୀଘ୍ର ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି।

## ଏବିବିପି ପକ୍ଷରୁ ସଦସ୍ୟତା ଅଭିଯାନ

ବନ୍ତ/ଆଗରପଡ଼ା,୧୨।୯ (ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଯାଇଛି। ଜିଲ୍ଲା ସଂଯୋଜକ ଓଁକାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସଦସ୍ୟତା ଗ୍ରହଣ କରି ଥିବାବେଳେ ରାଷ୍ଟ୍ର ପୁନଃ ନିର୍ମାଣର ଲକ୍ଷ୍ୟ ଧାରଣ କରିଛନ୍ତି। ପ୍ରମୁଖ ଭାବେ ସୁନିଲ କୁମାର ପରିଡ଼ା, ମଳୟ ରାଉତ୍, ଶୁଭସ୍ମିତା ମହାକୁଡ଼, ରଞ୍ଜୁଲତା ପୁଟିଆ ଛାତ୍ରଛାତ୍ରୀଙ୍କୁ ସଂଗଠନକୁ ସୁଦୃଢ଼ ପାଇଁ ପରାମର୍ଶ ଦେଇଥିଲେ। ନୂତନ ସଦସ୍ୟତା ଅଭିଯାନରେ ରାଜଲକ୍ଷ୍ମୀ ମହାପାତ୍ର, ଚାନ୍ଦିନୀ ରାଉଳ, ଜୟଶ୍ରୀ ନାୟକ, ଆଶିଷ ଦାସ, ମୁକ୍ତେଶ୍ୱର ଢନାଙ୍କ ସମେତ ଅନ୍ୟ ମାନେ ସଦସ୍ୟତା ଗ୍ରହଣ କରିଥିବା ଜଣାପଡ଼ିଛି।

## ଗଞ୍ଜେଇ ଜବତ; ଜଣେ ଗିରଫ

ବନ୍ତ/ଆଗରପଡ଼ା,୧୨।୯ (ସମିସ): ଦୁଇଦିନ ତଳେ ଆଗରପଡ଼ା ଥାନାଧିକାରୀ ଦେବରାଜ ଜେନା ସ୍ଥାନୀୟ କଲେଜ ନିକଟସ୍ଥ ଦୋକାନଗୁଡ଼ିକରେ ଚଢ଼ଉ କରି ବ୍ୟାପକ ଗୁଟଖା ଜବତ କରି ପୋଡ଼ିଥିବାବେଳେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଗଞ୍ଜେଇ ଭର୍ତ୍ତି ଏକ ବାଇକକୁ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଖବର ପାଇ ଥାନାଧିକାରୀ ଓ ବନ୍ତ ଅତିରିକ୍ତ ତହସିଲଦାର କାଣ୍ଡବା ସାଳନ୍ଦୀ ସେତୁ ନିକଟରେ ଜଗି ରହିଥିଲେ। ବିଭିନ୍ନ ଯାନବାହନଗୁଡ଼ିକୁ ଯାଞ୍ଚ କରୁଥିବା ବେଳେ ଦ୍ରୁତଗତିରେ କୁପାରୀ ଆଡୁ ଆସୁଥିବା ଏକ ବାଇକକୁ ଅଟକାଇ ଥାନାଧିକାରୀ ତଲାସ କରିବାରୁ ଏଥିରେ ଗଞ୍ଜେଇ ଥିଲା। ପ୍ରାୟ ୧କିଲୋ ୬ଶହ ଗ୍ରାମ ଗଞ୍ଜେଇ ସହ ବାଇକ ନଂ ଓଡି-୦୧ ଜି୨୫୪୫, ନଗଦ ୧୨ହଜାର ୫ଶହ ଟଙ୍କା, ୨ଟି ମୋବାଇଲ ସେ ଜବତ କରିଥିଲେ। ଖଇରା ଥାନା ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର ବାଇକ ଚାଳକ ମୁକୁନ୍ଦ ପ୍ରସାଦ ଆଇଚଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛନ୍ତି ଥାନାଧିକାରୀ ଶ୍ରୀ ଜେନା। ଏହି ସଂପର୍କରେ ଥାନା କେସ ନଂ୧୫୫/୨୫ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ଆଖି ବୁଜିଲା 'ଘୋଡ଼ା'

ଭଦ୍ରକ, ୧୨।୯ (ସମିସ): ସ୍ୱାର୍ଥ ହାସଲ ପରେ ମାଲିକ ରାସ୍ତାକଡ଼ରେ ଛାଡ଼ି ଯାଇଥିବା ରୋଗାଗ୍ରସ୍ତ ଘୋଡ଼ା ଦୁଇ ଦିନ ହେବ ଛଟପଟ ହୋଇ ଶେଷରେ ଆଜି ଆଖି ବୁଜିଛି। ଭଦ୍ରକ ପୌରପାଳିକା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ଘୋଡାକୁ ଉଦ୍ଧାର କରିବା ସହିତ ପୋତିବାକୁ ନେଇ ଯାଇଛନ୍ତି। ଭଦ୍ରକ ପୁରୁଣାବଜାର ଥାନା ଅନ୍ତର୍ଗତ ବାଙ୍କାବଜାର ହଳଦୀଡିହ ରାସ୍ତାର ଘଡେଇ ସାହି ନିକଟରେ ଦୁଇ ଦିନ ପୂର୍ବରୁ ଗୋଟିଏ ଘୋଡା ପଡି ଥିବା ଲୋକେ ଦେଖିଥିଲେ। ସ୍ଥାନୀୟ ଲୋକେ ଭେଟେନାରୀ ଡାକ୍ତରକୁ ଡକାଇ ଚିକିତ୍ସା କରିବା ସହିତ ଘୋଡାକୁ ଖାଇବାକୁ ପିଇବାକୁ ଦେଉଥିଲେ। ମାତ୍ର ଆଜି ସକାଳୁ ଘୋଡାଟି ମରିଯାଇଛି। ଏପରି ଅମାନବୀୟ କାର୍ଯ୍ୟ କରିଥିବା ମାଲିକକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ସାର ବିକ୍ରୟ କେନ୍ଦ୍ରର ଯାଞ୍ଚ



ବାରିକପୁର, ୧୨।୯ (ସମିସ): ସଂପ୍ରତି ସାରର ଅଭାବ ଦେଖା ଦେଇଥିବା ବେଳେ କେତେକ ସ୍ଥାନରେ ଅସାଧୁ ଭାବେ ବ୍ୟବସାୟ ହେଉଥିବା ଅଭିଯୋଗ ହୋଇଛି। ତେଣୁ ଚାଷୀମାନେ ଏଥିପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ପଟାସ ଓ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଏନେଇ ବିଭିନ୍ନ ଅଞ୍ଚଳରୁ ଆପତ୍ତି ଅଭିଯୋଗ ଆସିବା ପରେ କୃଷି ବିଭାଗ ତତ୍ପର ହୋଇ ଉଠିଛି। ଧାମନଗର ଜିଲ୍ଲା କୃଷି ସହକାରୀ ଅଧିକାରିଣୀ ପ୍ରୀତିରେଖା ମହାଳିକ ଓ ବ୍ଲକ ସହକାରୀ କୃଷି ଅଧିକାରୀ ସଞ୍ଜୀବ କୁମାର ମଲ୍ଲିକ ବିଭିନ୍ନ ସରକାରୀ ସ୍ୱୀକୃତିପ୍ରାପ୍ତ ସାର ଦୋକାନ ଗୁଡିକୁ ଶୁକ୍ରବାର ଯାଞ୍ଚ କରିଛନ୍ତି। ଅଧିକାରୀଦ୍ୱୟ ଛତାବର, ମଞ୍ଜୁରିରୋଡ, କୁଲଣା ପ୍ରମୁଖ ସ୍ଥାନରେ ପହଞ୍ଚି ବିକ୍ରୟ କେନ୍ଦ୍ରଗୁଡିକରେ ଯାଞ୍ଚ କରିଛନ୍ତି। ଏହାଛଡା ଗଚ୍ଛିତ ସାର ଓ ଗୋଦାମ ଗୃହ ତନଖି କରିବା ସହ ବିକ୍ରେତାଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

## ହେଉନି ଜଳ ନିଷ୍କାସନ; ବ୍ୟାପୁଛି ଜ୍ୱର, ଚର୍ମ ରୋଗ



ବାରିକପୁର, ୧୨।୯ (ସମିସ): ରାସ୍ତା ଥାଇ ମଧ୍ୟ ଲୋକମାନେ ଦୀର୍ଘ ସମୟ ଧରି ଯାତାୟତେ ସମସ୍ୟାରେ ଜର୍ଜରିତ ହେଉଛନ୍ତି। ଭଣ୍ଡାରିପୋଖରୀ ବ୍ଲକ କୋରିଗାଁ ପଂଚାୟତ କଟିଂ ଗ୍ରାମ୍ୟ ରାସ୍ତା ଉପରେ ଦୀର୍ଘ ଦିନ ଧରି ବର୍ଷା ପାଣି ଜମି ରହିଛି। ଗାଁର ସେଠୀ ସାହି ଛକଠାରୁ ହରିଜନ ସାହି ଛକ ଭାୟା ଆନନ୍ଦ ରାଉତ ଘର ଯାଏଁ ଏହି ଗ୍ରାମ୍ୟ ରାସ୍ତାଟି ସଂଯୋଗ ହୋଇଛି। ରାତି ପାହିଲେ ଏହି ରାସ୍ତା ଦେଇ ଦୁଇତିନି ଗୋଟି ସାହିର ଲୋକ ମୁଖ୍ୟ ରାସ୍ତାକୁ ଆସିଥାନ୍ତି। ଏହାଛଡା ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଏହି ପଥକୁ ଅତିକ୍ରମ କରି ବିଦ୍ୟାଳୟକୁ ଯାତାୟାତ କରନ୍ତି। ପ୍ରାୟ ୧୨ବର୍ଷ ପୂର୍ବରୁ ଏହି ଗ୍ରାମ୍ୟ ରାସ୍ତାଟି ନିର୍ମାଣ ହୋଇଥିବା ବେଳେ ଧୀରେ ଧୀରେ ଏହା ଗମନାଗମନ ଅନୁପଯୋଗୀ ହୋଇଯାଉଛି। ଅସରାଏ ବର୍ଷା ହେଲେ ରାସ୍ତାର ୫୦ ମିଟର ସମ୍ପୂର୍ଣ୍ଣ ବୁଡି ଯାଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପୂର୍ବରୁ ରାସ୍ତା ସଂଲଗ୍ନ ଦୁଇଟି ପୋଖରୀ ରହିଥିବା ବେଳେ ବର୍ଷା ଦିନେ ଏଥିରେ ଜଳ ନିଷ୍କାସନ ହେଉଥିଲା। ସମୟକ୍ରମେ ପୋଖରୀ ଦୁଇଟି ପୋତି ହୋଇଯାଇଥିବା ବେଳେ ୯ନଂ ୱାର୍ଡ ବାସିନ୍ଦା ଏହି ଜଳପୂର୍ଣ୍ଣ ରାସ୍ତା ଦେଇ ଦୈନିକ ଯାତାୟତ କରିବାକୁ ବାଧ ହେଉଛନ୍ତି। ଏଥିଯୋଗୁଁ ଥଣ୍ଡା, ଜ୍ୱର ଓ ବିଭିନ୍ନ ପ୍ରକାର ଚର୍ମ ରୋଗ ବ୍ୟାପୁଥିବା କୁହାଯାଇଛି। ଗାଁର ୱାର୍ଡସଭ୍ୟା ଭାରତୀ ସେଠୀ, ବରିଷ୍ଠ ନାଗରିକ ଦିବାକର ଜେନା ସମାଜସେବୀ ଆନନ୍ଦଚନ୍ଦ୍ର ରାଉତ ଏନେଇ ବିଡ଼ିଓଙ୍କୁ ଅବଗତ କରିଛନ୍ତି। ସଂପ୍ରତି ବର୍ଷା ଲାଗି ରହିଥିବାରୁ ଯେକୌଣସି ଉପାୟରେ ରାସ୍ତା ଉପରୁ ଜଳ ନିଷ୍କାସନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବିଡିଓ ଦେବଦତ ଦାସ ଘଟଣା ସମ୍ପର୍କରେ ଅବଗତ ଥିବା କହିଥିବା ବେଳେ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବନ୍ତରେ ତମାଖୁ ବିରୋଧୀ ଅଭିଯାନ



ବନ୍ତ/ଆଗରପଡ଼ା,୧୨।୯ (ସମିସ): ବନ୍ତ ଥାନା ଏବଂ ଅବକାରୀ ବିଭାଗ ପକ୍ଷରୁ ତମାଖୁ ବିରୋଧୀ ଅଭିଯାନ ଆରମ୍ଭ ହୋଇଛି। ବିଶେଷକରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିକଟ ଏବଂ ବଜାରଗୁଡିକରେ ଗୁଟୁଖା, ସିଗାରେଟ ଓ ଅନ୍ୟାନ୍ୟ ତମାଖୁଜାତ ଦ୍ରବ୍ୟ ଜବତ କରାଯାଇଛି। ପୁଲିସ ପକ୍ଷରୁ ଜବତ ହୋଇଥିବା ତମାଖୁଗୁଡିକୁ ସଙ୍ଗେ ସଙ୍ଗେ ପୋଡି ଦିଆଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକର ଶହେ ମିଟର ପରିଧି ମଧ୍ୟରେ ଥିବା କିଛି ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ସେହିପରି ବନ୍ତ ବଜାର, ତହସିଲ ଛକ, ସଖିପାଟଣା ଛକ, ନିମପଡ଼ା ଛକ, ତରାପୁର ଛକ, ପଧାନପଡ଼ା ମଠ ଛକ, ନିଳୋକ ବଜାର ସମେତ ବିଭିନ୍ନ ଛକରେ ଥିବା ପାନ ମସଲା ଦୋକାନଗୁଡ଼ିକରେ ଚଢଉ କରାଯାଇ ଗୁଟୁଖା, ସିଗାରେଟ ଓ ଅନ୍ୟାନ୍ୟ ତମାଖୁଜାତ ଦ୍ରବ୍ୟ ଜବତ କରାଯାଇ ପୋଡ଼ି ନଷ୍ଟ କରାଯାଇଛି। ବନ୍ତ ଥାନାଧିକାରିଣୀ ମୋନାଲିସା କର, ଏସ୍‌ଆଇ ରଞ୍ଜିତା ବେହେରା, ଏଏସ୍‌ଆଇ ମନମୋହନ ବାରିକ୍, କନେଷ୍ଟବଳ ସଂଗ୍ରାମ ଖିଲାର, ବସନ୍ତ ଯେନା, ତ୍ରିଲୋଚନ ଟୁଡୁଙ୍କ ସହ ଅବକାରୀ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ। ପୁଲିସ୍ ଏବଂ ଅବକାରୀ ବିଭାଗର ଏହି ଧରପଗଡକୁ ନେଇ ବଜାର ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ବୈତରଣୀ ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ଅଭିଯୋଗ




ଦୋବଲ,୧୨।୯ (ସମିସ): ଦୋବଲ ଜୋନ ଅନ୍ତର୍ଗତ ସୋହଡା ପଞ୍ଚାୟତ ବାଲିପଡ଼ାସ୍ଥିତ ବୈତରଣୀ ସରକାରୀ ଉଚ୍ଚବିଦ୍ୟାଳୟରେ ଶିକ୍ଷାବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ପ୍ରଧାନ ଶିକ୍ଷକଙ୍କୁ ଘେରିଥିଲେ ଗ୍ରାମବାସୀ। ଗାଁର ତୁଷାର ପଲାଇ, ରଞ୍ଜନ ଜେନା, ରଞ୍ଜିତ ସାହୁ, ସମ୍ରାଟ ଦାସ, ସତ୍ୟପ୍ରିୟ ଦାସ, ସଂଜିତ ପଲାଇ, ଧନେଶ୍ୱର ଜେନା, ସୁକାନ୍ତ ଦାସ, ଅଭିନାଶ ପଲାଇ, ଅମରଜିତ ପଲାଇ, ଖଗେଶ୍ୱର ଜେନା ପ୍ରମୁଖ ଅଭିଯୋଗ କରିଥିଲେ। ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ଯୋଗୁଁ ପାଠପଢ଼ାରେ ବ୍ୟାଘାତ ଘଟୁଛି। ମଧ୍ୟାହ୍ନ ଭୋଜନ ସମୟରେ ମାଛ ମାଂସ କରାଯାଉଥିବା ପ୍ରଧାନଶିକ୍ଷକ ସହଦେବ ଜେନା ଅସ୍ୱୀକାର କରିଥିବା ବେଳେ ପରବର୍ତ୍ତୀ ସମୟରେ ଉପଯୁକ୍ତ ପଦକ୍ଷେପ ନେଇ ଶିକ୍ଷାଦାନରେ ଯେପରି ବିଭ୍ରାଟ ନ ହୁଏ ସେ ଦିଗରେ ସଚେତନତା ଅବଲମ୍ବନ କରାଯିବ ବୋଲି କହିଥିଲେ। ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟରେ +୨ ଖୋଲୁଥିବାରୁ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଯେମିତି ଭଲ ରୁହେ ସେ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ଜେନା ନିବେଦନ କରିଛନ୍ତି।

## ଲଗାଣ ବର୍ଷାରେ ନଷ୍ଟହେଲା ଖରିଫ ଧାନ



ବାରିକପୁର, ୧୨।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦେଇଯାଇଥିବା ବୈତରଣୀ ନଦୀରେ ଚଳିତ ବର୍ଷ ଅଦ୍ୟାବଧି ଦୁଇଦୁଇ ଥର ବନ୍ୟା ଆସିଛି। ଏଥିଯୋଗୁଁ ବ୍ଲକର ମାଳଦା, ଚତୁର୍ଭୁଜପୁର, ବିରୋଳି, ଜଳହରି, ନୌରଙ୍ଗପୁର, ତିଖିଲିଆ ପ୍ରମୁଖ ଅଞ୍ଚଳର ଚାଷ ଜମି ଅନେକାଂଶରେ ନଷ୍ଟ ହୋଇଛି। ଯଦିଓ ବନ୍ୟା ଦାଉରୁ କିଛି ଚାଷ ଜମି ବର୍ତ୍ତିଯାଇଥିଲା; ଏବେ ଲଗାଣ ବର୍ଷା ଯୋଗୁଁ ଚାଷ ଜମି ଅଧିକ ପ୍ରଭାବିତ ହେଉଛି। ଉକ୍ତ ଅଞ୍ଚଳକୁ ଛାଡିଦେଲେ ରାଢୋ, ରହଣିଆ, ସରସଦା, ରାମଚନ୍ଦ୍ରପୁର, ହାଟଡିହି, ଅରେଇକଣା, ରାଜେନ୍ଦ୍ରପୁର, ସଂପୋଇ, ଭାଗଡା, ପୁରୀପଡା, କୁଶଗଡିଆ, ଥଇଳା ପ୍ରମୁଖ ସ୍ଥାନରେ ମଧ୍ୟ ଖରିଫ ଧାନଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ବର୍ଷା ପାଣି ବିଲରେ ଜମି ରହିବା ଯୋଗୁ ସଦ୍ୟ ରୁଆ ହୋଇଥିବା ଧାନ ଗଛ ଗୁଡିକ ପଚି ଯାଉଛି। କେତେକ ଖାଲୁଆ ଜମିରେ ଚାଷ ଶତକଡା ୭୦ଭାଗ ଉଜୁଡି ଯାଇଥିବା ଜଣାପଡିଛି। ଲଗାଣ ବର୍ଷା ହେବା ପରେ ଚାଷ ଜମିରୁ ଶୀଘ୍ର ଜଳ ନିଷ୍କାସନ ହୋଇପାରୁନାହିଁ। ତେଣୁ କୋମଳ ଧାନ ଗଛଗୁଡିକ ଦିନ ଦିନ ଧରି ପାଣିରେ ବୁଡିବା ଯୋଗୁ ପଚି ଯାଇଥିବା ଦେଖା ଦେଇଛି। ଏପରିକି କେତେକ ଚାଷ ଜମି ଟାଙ୍ଗରା ସଦୃଶ ହୋଇଛି। ପ୍ରାକୃତିକ ଦୁର୍ବିପାକ କାରଣ ଯୋଗୁ ଚାଷୀମାନେ କ୍ଷତି ସହୁଥିବା ବେଳେ ଏହା ଉପରେ କୃଷି ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

### ସାର ଚୋରା ଚାଲାଣ

# ଗାଡ଼ି ଜବତ

ବାସୁଦେବପୁର, ୧୨।୯ (ସମିସ): ବାସୁଦେବପୁର ବ୍ଲକର ଇରମ ସେବା ସମବାୟ ସମିତିର ଗୋଦାମ ଘରୁ ସାର ଚୋରା ଚାଲାଣ ବେଳେ ଗାଡ଼ିକୁ ଅଟକାଇଲେ ଚାଷୀ। ବାସୁଦେବପୁର ପୁଲିସ ଖବର ପାଇ ତଦନ୍ତ ଆରମ୍ଭ କରିଛି। ବ୍ଲକର ହାତଗଣତି କେତୋଟି ସୋସାଇଟିକୁ ଛାଡି ଦେଲେ ସାର ଦୋକାନୀକୁ ସାର ଚୋରା ଚାଲାଣ କରୁଛନ୍ତି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ଇରମ ସୋସାଇଟିର ଗୋଦାମ ଘରୁ ଏକ ମିନି ଟ୍ରକରେ ଲୋଡ ହୋଇ ବାହାରୁଥିବା ବେଳେ ଚାଷୀମାନେ ଅଟକାଇ ହୋ ହାଲ୍ଲା କରିଥିଲେ। ସମିତି ସମ୍ପାଦକ କହିଛନ୍ତି, ବାସୁଦେବପୁର ସୋସାଇଟିର ସାର ଅଭାବ ଥିବାରୁ ସେ ଚିଠି କରି ମାଗିଥିଲେ। ଆମେ ବାସୁଦେବପୁର ସୋସାଇଟିକୁ ଧାର ସୂତ୍ରରେ ସାର ଦେଉଥିଲୁ। ବାସୁଦେବପୁର ସୋସାଇଟିର ସାର ଆସିଲେ ୨ଦିନ ମଧ୍ୟରେ ଫେରସ୍ତ କରିଥାନ୍ତେ; ହେଲେ ଚାଷୀ ସୋସାଇଟିର ସମ୍ପାଦକଙ୍କ କଥାକୁ ମାନିବାକୁ ନାରାଜ ହେବାରୁ ମାମଲା ପୁଲିସ ହାତକୁ ଯାଇଛି।

## ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତୋତ୍ସବ



ଦୋବଲ/ଧାମନଗର, ୧୨।୯ (ସମିସ): ଧାମନଗର ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷ ଅଜୟ ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ଅଧ୍ୟାପକ ଲଲାଟେନ୍ଦୁ ମଲ୍ଲିକ ମୁଖ୍ୟବକ୍ତା ଓ ଅଧ୍ୟାପିକା ସ୍ମରଣିକା ପ୍ରଧାନ, ସ୍ୱାଗତିକା ରାୟ ଓ ଡ. ଦେବାଶିଷ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ଦେବାଶିଷ ମଲ୍ଲିକ ଓ ଅଧ୍ୟାପିକା ବାସ୍ତବିକା ଦାସ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ସହଯୋଗ କରିଥିଲା ବେଳେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛାତ୍ରୀ ମାମନ ନାୟକ ଓ ସନ୍ଧ୍ୟାରାଣୀ ମଲ୍ଲିକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରୀ ମୋନାଲିସା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆଗରପଡ଼ା ସିଏଚ୍‌ସିରେ ନିଯୁକ୍ତ ହେଲେ ଡାକ୍ତର



ବନ୍ତ/ଆଗରପଡ଼ା,୧୨।୯ (ସମିସ): ଗତ ୯ତାରିଖ 'ସକାଳ'ରେ ଏକ ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କାଦବରାଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ରେ ଜଣେ ଲେଖାଏଁ ଏମବିବିଏସ ଡ଼ାକ୍ତର ନିଯୁକ୍ତି ପାଇଥିବା ଜଣାପଡ଼ିଛି। ଉକ୍ତ ଡ଼ାକ୍ତରଙ୍କ ନିଯୁକ୍ତି ପରେ ଉଭୟ କେନ୍ଦ୍ରରେ ଆୟୁଷ ଡ଼ାକ୍ତରଙ୍କ ମନମାନି ଉପରେ ରୋକ ହେବା ନେଇ ଆଶା ପ୍ରକାଶ ପାଇଛି। ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡ଼ାକ୍ତରଙ୍କ ସମେତ ୮-୧୦ଜଣ ଡ଼ାକ୍ତର ରହିବା ଦରକାର; ମାତ୍ର ଶିଶୁ ବିଭାଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ତ୍ରୋପଚାର ବିଭାଗ ବିଶେଷଜ୍ଞ ଡ଼ାକ୍ତର ଥିବା ବେଳେ ଶିଶୁ ବିଭାଗ ବିଶେଷଜ୍ଞ ଜଣଙ୍କ ୫ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ରହୁଛନ୍ତି। ଏମବିବିଏସ ଡ଼ାକ୍ତରଙ୍କ ମଧ୍ୟରୁ ବର୍ତ୍ତମାନ ଏଠାରେ ୨ଜଣ କାର୍ଯ୍ୟରତ ଅଛନ୍ତି। ଜଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ଅର୍ପଣ କରାଯାଇଥିବାରୁ ଅନ୍ୟ ଜଣଙ୍କ ସମେତ ଆୟୁଷ ଡ଼ାକ୍ତର ରୋଗୀ ସେବା କରୁଛନ୍ତି। ସରକାରୀ ନିୟମାନୁସାରେ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିଯୁକ୍ତି ପାଇଥିବା ଆୟୁଷ ଡ଼ାକ୍ତର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ହୋଇ ଆୟୁର୍ବେଦିକ ମେଡ଼ିସିନକୁ ଅଗ୍ରାଧିକାର ଦେବା କଥା; କିନ୍ତୁ ଏଠାରେ ନିୟୋଜିତ ହୋଇଥିବା ଆୟୁଷ ଡ଼ାକ୍ତର ଆୟୁର୍ବେଦିକ ମେଡ଼ିସିନ ଲେଖିବା ପରିବର୍ତ୍ତେ ଏଲୋପାଥିକ ମେଡ଼ିସିନ ଲେଖୁଥିବା ଅଭିଯୋଗ ମଧ୍ୟ ହେଉଛି। ବିଭାଗୀୟ ଅଧିକାରୀ ରୋଗୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଆବଶ୍ୟକ ଡ଼ାକ୍ତର ନିଯୁକ୍ତି ଦେବା ସହ ଆୟୁଷ ଡ଼ାକ୍ତରଙ୍କ କାର୍ଯ୍ୟକଳାପ ପ୍ରତି ତଦାରଖ କରିବା ମଧ୍ୟ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଧାମରା ବନ୍ଦରରୁ ପରିବହନ ସୁଯୋଗ ଦାବି

- ଟ୍ରକ ମାଲିକ ସଂଘ ଧାରଣା ଜାରି
- ଥାନାରେ ଭିନ୍ନ ଭିନ୍ନ ଅଭିଯୋଗ



ଭଣ୍ଡାରିପୋଖରୀ, ୧୨।୯ (ସମିସ): ଭଣ୍ଡାରିପୋଖରୀ ଥାନା ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲଗେଟ ସମ୍ମୁଖରେ ମା'କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବିରେ ବୁଧବାରଠାରୁ ଅନୁଷ୍ଠିତ ୨ୟ ପର୍ଯ୍ୟାୟ ଧାରଣା ଅବ୍ୟାହତ ରହିଛି। ଧାମରାରୁ ସାମଗ୍ରୀ ପରିବହନ କରି ଏହି ରାସ୍ତାରେ ଯାଉଥିବା ଟ୍ରକଗୁଡିକୁ ଧାରଣାକାରୀମାନେ ଅଟକାଇ ଦେଇଥିବା ଜଣାଯାଇଛି। ଏହାର ପ୍ରତିବାଦରେ କଇଥଗୋଲା ଧାମରା ଟ୍ରକ ଓ ଟିପର ସଂଘ ସଦସ୍ୟ ସୁବ୍ରତ କୁମାର ଦାସ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ସେହି ଅଭିଯୋଗ ଆଧାରରେ ଥାନାରେ ୪୦୭/୨୫ନଂ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ମା'କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ପାଲଟା ଅଭିଯୋଗ ଥାନାରେ ହୋଇଛି। ମା'କାଳିତ୍ରା ଟ୍ରକ ମାଲିକ ସଂଘର ଅନୁବନ୍ଧିତ ୧୦ଟି ଟ୍ରକ ଗତ ଗୁରୁବାର ରାତ୍ର୧.୩୦ମି. ସମୟରେ କେନ୍ଦୁଝରରୁ ଲୁହାପଥର ବୋଝେଇ କରି ଧାମରା ବନ୍ଦରକୁ ଯାଉଥିବା ବେଳେ କଇତଗୋଲା ଧାମରା ଟ୍ରକ ଓ ଟିପର ସଂଘ ସଦସ୍ୟ ସୁବ୍ରତ ଦାସ ଓ ଅନ୍ୟମାନେ ୧୬ ନଂ ଜାତୀୟ ରାଜପଥର ଭଣ୍ଡାରିପୋଖରୀରୁ ଧାମନଗର ଛକ ମଧ୍ୟରେ ଅଟକାଇ ଚାଳକମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ କାଗଜପତ୍ର ଓ ଟଙ୍କା ଛଡାଇ ନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଏହି ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ନଥିବା ଜଣାଯାଇଛି। ଏଠାରେ ପ୍ରକାଶଯୋଗ୍ୟ ଯେ ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନୁବନ୍ଧିତ ଟ୍ରକଗୁଡିକୁ ଧାମରା ବନ୍ଦରରୁ ପରିବହନ ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଥିବା ଅଭିଯୋଗ କରାଯାଇଛି।

## ବାବା ଗଜାନନ ପୂଜା ମହୋତ୍ସବ ଓ ରକ୍ତଦାନ ଶିବିର




ଭଦ୍ରକ, ୧୨।୯ (ସମିସ): ଭଦ୍ରକର କଦମବେଡାସ୍ଥିତ ନାୟକ କଲୋନୀର ବାବା ଗଜାନନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ମହୋତ୍ସବର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟିର ମାର୍ଗ ଦର୍ଶକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଜିଲ୍ଲାପାଳ ଦିଲୀପ ରାଉତରାଏ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଲ, ସମ୍ମାନିତ ଅତିଥି ଭାବେ ମନମୋହନ ପରିଷଦ ସମ୍ପାଦକ ରାମନାରାୟଣ ମହାନ୍ତି, ହିନ୍ଦୁ ସୁରକ୍ଷା ସମିତି ସଭାପତି ତଥା ବୁଢ଼ା ଗଣେଶ କମିଟି ସଭାପତି ବିଦ୍ୟାଧର ସାହୁ, କାଉନସିଲର ଆଶିଷ ଅମିତାଭ ମହାପାତ୍ର, କମିଟି ସଭାପତି ସନିଆ ନାୟକ ସମ୍ପାଦକ ଶିବା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦର୍ଶନ ଏକାଡେମୀ ପକ୍ଷରୁ କୁନି କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏକ ରକ୍ତଦାନ ଶିବିରକୁ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ ପୂର୍ବାହ୍ନରେରେ ଉଦଘାଟନ କରିଥିଲେ। ଯୁବକମାନେ ମୋଟ ୩୧ଟି ରକ୍ତ ୟୁନିଟ୍ ସ୍ୱେଚ୍ଛାକୃତ ଭାବେ ଦାନ କରିଥିଲେ। ଡାକ୍ତରଖାନା ପକ୍ଷରୁ ଡା.ଶରତ ଆଚାର୍ଯ୍ୟ, ବ୍ଲଡ଼ ବ୍ୟାଙ୍କ କାଉନସେଲର ଯାଜ୍ଞସେନୀ ସାହୁ, ଏଲ. ଟି. ମଙ୍ଗୁଳି ପ୍ରଧାନ, ତରଣୀସେନ ପ୍ରକାଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମଶାଣି ସୀମା ବିବାଦରୁ ୧୦ ଘଣ୍ଟା ପରେ ହେଲା ଶବଦାହ



ବୈଶିଙ୍ଗା, ୧୨।୯(ସମିସ): ମଶାଣି ସୀମା ବିବାଦକୁ କେନ୍ଦ୍ରକରି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଅଞ୍ଚଳରେ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ଶବଦାହକୁ କେନ୍ଦ୍ର କରି ଦୁଇ ଗାଁ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେତୁ ୧୦ଘଣ୍ଟା ଧରି ଶବଦାହ ହୋଇପାରିଲା ନାହିଁ। ଶେଷରେ ପୁଲିସ ଓ ପ୍ରଶାସନର ହସ୍ତକ୍ଷେପ ପରେ ମଶାଣି ଜମି ଚିହ୍ନଟ କରାଯିବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଘଟଣାରୁ ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଦୁର୍ଗାପୁର ଗାଁର ସ୍ୱର୍ଗତ ମଧୁସୂଦନ ପ୍ରଧାନଙ୍କ ପୁଅ ବେଣୁଧର ପ୍ରଧାନ (୯୨)ଙ୍କ ପରଲୋକ ହୋଇଥିଲା। ତେବେ ପରିବାର ଓ ସାହିପଡିଶା ଲୋକ ବେଣୁଧରଙ୍କ ଅନ୍ତିମ ସଂସ୍କାର ପାଇଁ ସ୍ଥାନୀୟ ମଶାଣି ମହୁଲପଡଡି ପଡିଆରେ କାଠ ଚିରିବାକୁ ଯାଇଥିବାବେଳେ ଦଳେଇ ସାହି ଗ୍ରାମର ଶତାଧିକ ମହିଳା ପୁରୁଷ ସେମାନଙ୍କୁ ବିରୋଧ କରିଥିଲେ। ସେଠାରେ ଶବଦାହ କରିବାକୁ ମନା କରିଥିଲେ। ଫଳରେ ଦୁଇ ଗ୍ରାମର ଲୋକଙ୍କ ମଧ୍ୟରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ମୃତକଙ୍କ ପରିବାର ଲୋକ ବୈଶିଙ୍ଗା ଥାନାର ଦ୍ୱାରସ୍ଥ ହୋଇଥିଲେ। ତହସିଲଦାର, ଥାନା ଅଧିକାରୀ, ବୈଶିଙ୍ଗା ସରପଞ୍ଚ, ପିଏସ ମେମ୍ବର ପ୍ରମୁଖ ଥାନା ପରିସରରେ ଉପସ୍ଥିତ ରହି ଦୁଇ ପକ୍ଷକୁ ବୁଝାଇଥିଲେ। ପରେ ଘଟଣା ସ୍ଥଳକୁ ଯାଇଥିଲେ। ସେଠାରେ ତହସିଲଦାର ଦୁଇ ଗାଁ ପାଇଁ ସଙ୍ଗେ ସଙ୍ଗେ ୧୫ ଡିସଲିମର ମଶାଣି ଜମି ଚିହ୍ନଟ କରିଥିଲେ। ତହସିଲଦାର ଓ ବୈଶିଙ୍ଗା ଥାନା ଅଧିକାରୀ ଉପସ୍ଥିତ ରହି ୧୦ଘଣ୍ଟା ପରେ ବେଣୁଧରଙ୍କ ଶବଦାହ ହୋଇଥିଲା।

## ଚୋରି ଅଳଙ୍କାର ଜବତ; ଅଭିଯୁକ୍ତ ଗିରଫ

ବାରିପଦା, ୧୨।୯(ସମିସ): ବାରିପଦା ଟାଉନ ଥାନା ପୁଲିସ ଛିନତାଇ କରିବା ସମୟରେ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଗିରଫ କରିଛି। ଚେନ ଛିନତାଇ କରି ଚମ୍ପଟ ମାରୁଥିବା ବେଳେ ଲାଲ ବଜାର ଅଞ୍ଚଳରୁ ଧରିଛି ପୁଲିସ। ସହରର ଜନଗହଳିପୂର୍ଣ୍ଣ ଲାଲବଜାର ଅଞ୍ଚଳରେ ଜଣେ ମହିଳାଙ୍କ ପାଖରୁ ସୁନା ଚେନ ଛିନତାଇ କରି ଦୁର୍ବୃତ୍ତ ଜଣକ ଚମ୍ପଟ ମାରିଥିଲେ। ଏନେଇ ପୁଲିସ ଖବର ମିଳିବା ପରେ ସିସି ଟିଭି ଜରିଆରେ ଯାଞ୍ଚ କରିଥିଲେ। ପରେ ପିଛା କରି ଜୁବଲୀ ଲାଇବ୍ରେରୀ ନିକଟରୁ ଜଣକୁ ପୁଲିସ କାବୁ କରିଥିଲା। ଛିନତାଇ ଗ୍ୟାଙ୍ଗ କିଛି ଦିନ ହେବ ବାରିପଦା ସହରରେ ଉପଦ୍ରବ ଜାରି ରଖିଛନ୍ତି। ତେବେ ଗ୍ୟାଙ୍ଗଟି ପଶ୍ଚିମବଙ୍ଗ ଅଞ୍ଚଳର ବୋଲି ସୂଚନା ମିଳିଛି। ଏନେଇ ଖବର ପାଇ ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ ପଶ୍ଚିମବଙ୍ଗର ଦୀଘା ଅଞ୍ଚଳକୁ ଯାଇ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛନ୍ତି।

## ହତ୍ୟା ଅଭିଯୁକ୍ତକୁ ଧରି ସିନ୍ ରିକ୍ରିଏସନ କଲା ପୁଲିସ

ରାମଚନ୍ଦ୍ରପୁର,୧୨।୯(ସମିସ): ଜଘନ୍ୟ ହତ୍ୟାକାଣ୍ଡ କରି ଜେଲ୍ ଗଲା ହତ୍ୟାକାରୀ। ରିକ୍ରିଏସନ ସମୟରେ ମହିଳାଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ନେଇ ସତ ମାନିଲା। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଳତି ପଞ୍ଚାୟତ ଅନ୍ତର୍ଗତ ଜନାର୍ଦ୍ଦନପୁରପାଟଣା ଗାଁରେ ୪ଦିନ ଧରି ଜଣେ ମହିଳା ନିଖୋଜ ହେବା ପରେ ତାଙ୍କ ଗଳିତ ମୃତଦେହ ହାତଗୋଡ ବନ୍ଧା ଅବସ୍ଥାରେ ଗାଁ ନାଳରୁ ଉଦ୍ଧାର କରାଯାଇଥିଲା। ମୃତ ମହିଳା ଜଣକ ଗାଁର ବୁଲୁ ଦାସଙ୍କ ପତ୍ନୀ ସୁକାନ୍ତି ବୋଲି ପରିଚୟ ମିଳିବା ପରେ ପରିବାର ଲୋକେ ଗାଁର କୁନା ଦାସ (କୃପାସିନ୍ଧୁ)ଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଥିଲେ। ସୁକାନ୍ତିର କୁନା ସହିତ ପୂର୍ବରୁ ଅବୈଧ ସମ୍ପର୍କ ଥିଲା ବୋଲି ଜଣାପଡିଥିଲା। ଗତ ରବିବାର ବିଳମ୍ବିତ ରାତ୍ରିରେ ସୁକାନ୍ତିକୁ ଡାକି ନେଇ ଗାଁ ନିକଟସ୍ଥ ନାଳ ନିକଟରେ ତଣ୍ଟି ଚିପି ହତ୍ୟା କରିଥିଲା। ହତ୍ୟା ପରେ ତାକୁ ପୋତିବାକୁ ଏକ ଗାତ ଖୋଳିଥିଲେ ମଧ୍ୟ ସକାଳ ହେବାରୁ ପୋତି ନପାରି ଏକ ବେଣା ବୁଦା ଭିତରେ ଫିଙ୍ଗି ଦେଇ ପଳାଇ ଆସିଥିଲା। ପୁଲିସ ଧାନ କ୍ଷେତରେ ମାଡିବସି ଗିରଫ କରିବା ପରେ ଶୁକ୍ରବାର ସିନ ରିକ୍ରିଏସନ କରି ଆଜି କୋର୍ଟ ଚାଲାଣ କରିଛି। ତଦନ୍ତ ଭାର ଥାନାଧିକାରୀ ମନୋଜ ସ୍ୱାଇଁ ନେଇଥିଲେ।

## ନିଖୋଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭୁବନେଶ୍ୱରରୁ ଉଦ୍ଧାର

ମୋରଡ଼ା,୧୨।୯(ସମିସ): ମୋରଡ଼ା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହରିରାମ ମୁର୍ମୁ ଗତମାସଠାରୁ ବ୍ଲକ ଅଫିସକୁ ଯାଉଛି କହି ଘରକୁ ଆଉ ଫେରି ନ ଥିଲେ। ଫଳରେ ପରିବାର ଲୋକେ ଏଣେତେଣେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳିନଥିଲା। ପୁଅ ନିଖୋଜ ଥିବା ନେଇ ବାପା ନୟନ ମୁର୍ମୁ ଅଭିଯୋଗ ଦେବାପରେ ପୁଲିସ ଖୋଜାଖୋଜି ଆରମ୍ଭ କରିଥିଲା। ତେବେ ଶୁକ୍ରବାର ଏକ ପୁଲିସ ଟିମ ଯାଇ ଭୁବନେଶ୍ୱରର ଏକ ହୋଟେଲରୁ ତାଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି। ସେ ଚୁକ୍ତିଭିତ୍ତିକ ଚାକିରି କରିଥିବାବେଳେ ତାଙ୍କର ଅବଧି ଶେଷ ହୋଇଯାଇଥିବାରୁ ବୁଲିବାକୁ ଯାଇଥିବା କଥା ପୁଲିସ ଆଗରେ ପ୍ରକାଶ କରିଛନ୍ତି।

## ମା' ଭଣ୍ଡାରଶୁଣୀ ମୁଖଶାଳାରେ ଚଢ଼ିଗଲା ଟ୍ରକ୍

ମହୁଲଡିହା,୧୨।୯(ସମିସ): ମହୁଲଡିହା ଥାନା ଠାକୁରମୁଣ୍ଡା ଆନନ୍ଦପୁର ୫୩ ନଂ. ରାଜ୍ୟ ରାଜପଥ ଗୋଡ଼ଭଙ୍ଗା ମା' ଭଣ୍ଡାରଶୁଣୀ ବନଦୁର୍ଗା ଠାକୁରାଣୀ ଘାଟି ବାଙ୍କରେ ଭାରସାମ୍ୟ ହରାଇ ଏକ ଟ୍ରକ ଗୁରୁବାର ସନ୍ଧ୍ୟାରେ ମା'ଙ୍କ ମୁଖଶାଳା ଉପରେ ଚଢିଯାଇଥିଲା। ଏକ ପଥରଗୁଣ୍ଡ ମିଶା ସିମେଣ୍ଟ ବୋଝେଇ ଟ୍ରକ ଟାଟାରୁ ଢେଙ୍କାନାଳ ପ୍ଲାଣ୍ଟକୁ ଯାଉଥିଲା।



ଟ୍ରକ ଡ୍ରାଇଭର ବାସୁଦେବ ପାଣିଗ୍ରାହୀଙ୍କ କହିବା ଅନୁଯାୟୀ ଗାଡ଼ିର ବ୍ରେକ ଫେଲ ହୋଇଯିବାରୁ ମୁଖଶାଳାରେ ପିଟି ହୋଇଗଲା। ଖବର ପାଇ ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତେରା ଗୃହରକ୍ଷୀଙ୍କ ସହ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ

ତେଲକୋଇ, ୧୨।୯(ସମିସ): ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପି. ସତ୍ୟମ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ସ୍ଥାନୀୟ ବିଧାୟକ ଡାକ୍ତର ଫକିର ମୋହନ ନାଏକ, ସମ୍ମାନିତ ଅତିଥି ଭାବେ ରୋଗୀ କଲ୍ୟାଣ ସମିତିର ଉପାଧ୍ୟକ୍ଷ ତଥା ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ସଦସ୍ୟ ଡାକ୍ତର ମନିସ ପଲେଇ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୩୦ ଶଯ୍ୟା ବିଶିଷ୍ଟ ନୂତନ ଗୃହ ନିର୍ମାଣ ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରୁ ଜିଲ୍ଲାପାଳ ୧୬ କୋଟି ୪୪ ଲକ୍ଷ ଟଙ୍କା ଅନୁମୋଦନ କରିଥିବା ବେଳେ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଧାୟକ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମରାମତି ଓ ପୁନଃଉଦ୍ଧାର ପାଇଁ ପଞ୍ଚାୟତସମିତି ପକ୍ଷରୁ ୧୫ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା କୁହାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩-୪ ଜଣ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରାଯିବ ବୋଲି ବିଧାୟକ ଆଶା ପ୍ରକଟ କରିଛନ୍ତି। ସଭାରେ ରୋଗୀ କଲ୍ୟାଣ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବିପିଏମ୍ ପପୁକୁମାର ସାହୁ ପରିଚାଳନା କରିଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ର ଅବ୍ୟବସ୍ଥା; ପରିଦର୍ଶନ କଲେ ଉପଜିଲ୍ଲାପାଳ




ଆନନ୍ଦପୁର, ୧୨।୯ (ସମିସ): ଆନନ୍ଦପୁର ଗ୍ରାମାଞ୍ଚଳ କଥା ଦୂରେ ଥାଉ ଖୋଦ ସହରାଞ୍ଚଳର ଅନେକ ଅଙ୍ଗନବାଡି କେନ୍ଦ୍ର ଠିକଭାବେ ଚାଲୁନଥିବା ଆଜି ପ୍ରମାଣିତ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ଅଚାନକ ଭାବେ ଜନାର୍ଦ୍ଦନପୁର ବିଦ୍ୟାଳୟ ପରିସରରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। କେନ୍ଦ୍ରକୁ କର୍ମଚାରୀ ଆସୁନଥିବାରୁ ଶିଶୁମାନେ ବସି ବସି ଘରକୁ ଫେରୁଥିବା ଜାଣିଥିଲେ। ବିଭିନ୍ନ ଆଳ ଦେଖାଇ କର୍ମଚାରୀ ଆସୁନଥିବା ଓ ଆନନ୍ଦପୁର ଶିଶୁ ବିକାଶ ବିଭାଗ ପକ୍ଷରୁ ଏହାର ତଦାରଖ ହେଉ ନଥିବା ଅନୁଭବ କରିଥିଲେ। ଏହି କେନ୍ଦ୍ରଗୁଡିକ ନିୟମିତ ପରିଦର୍ଶନ ହେଉ ନଥିବାରୁ ସମସ୍ତ ସରକାରୀ ସୁବିଧା ହିତାଧିକାରୀମାନେ ପାଉ ନଥିବା ଅଭିଯୋଗ ହୋଇଥିଲା। ସୁପରଭାଇଜରମାନେ କେନ୍ଦ୍ର ପରିଦର୍ଶନରେ ନଆସି କାର୍ଯ୍ୟାଳୟରେ ବସି ରହୁଥିବା ଏବଂ ୧୦ ବର୍ଷରୁ ଅଧିକ ସୁପରଭାଇଜରମାନେ ଏହି କାର୍ଯ୍ୟାଳୟରେ ରହିଥିବା ବେଳେ ଏବେବି ବଦଳି ନହେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଚଳିତ ମାସରେ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଜାରି କରିଥିବା ପତ୍ରସଂଖ୍ୟା ୧୬୨୬୫ର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ଅନ୍ୟତ୍ର ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ସାଂସଦ ପ୍ରତିନିଧି ପ୍ରଣୟିନୀ ବ୍ରହ୍ମ ଦାବି କରିଛନ୍ତି।

## ଚାଷୀ ପଞ୍ଜୀକରଣ ଅନିୟମିତତା ଖବରକୁ ଖଣ୍ଡନ

ହାଟଡ଼ିହୀ,୧୨।୯(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ସୋସୋ ସମବାୟ ସମିତିରେ ଚାଷୀଙ୍କ ପଞ୍ଜୀକରଣକୁ ନେଇ ସମ୍ପାଦକ ସୁରେନ୍ଦ୍ର କୁମାର ପତିଙ୍କ ନାମରେ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରଟି ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ସମ୍ପାଦକ ସୁରେନ୍ଦ୍ର କୁମାର ପତି ଏହାକୁ ଖଣ୍ଡନ କରିଛନ୍ତି। ପଞ୍ଜୀକରଣରେ ଅନିୟମିତତା ଖବର ପ୍ରକାଶ ସମ୍ପର୍କରେ ସମ୍ପାଦକ ଶ୍ରୀ ପତି କହିଛନ୍ତି, ଏହା ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା। ଚାଷୀ ଦେଇଥିବା ବିବରଣୀକୁ ଚାଷୀ ଉପସ୍ଥିତିର ପ୍ରକୃତ ସମୟରେ ଚାଷୀଙ୍କୁ ବସାଇ ପଞ୍ଜିକୃତ କରାଯାଏ। ପରେ ଚାଷୀ ନିଜର ଫାର୍ମର କୋଡ୍ ସାଙ୍ଗରେ ନେଇ ଯାଇଥାଏ। ଏକ ମିଳିତ କ୍ଷେତ୍ର ପରିଦର୍ଶନ ମଧ୍ୟ ହୁଏ; ଯେଉଁଥିରେ ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀ, ଅଞ୍ଚଳ ଅଧିକାରୀ ଏବଂ ସମ୍ପାଦକ ଯୋଗ ଦେଇଥା'ନ୍ତି। ଚାଷ ନ ହୋଇଥିବା ପ୍ଲଟ ଗୁଡ଼ିକୁ ରାଜସ୍ୱ ନିରୀକ୍ଷକ ହଟାଇ ଦେଇଥା'ନ୍ତି। ପୁନର୍ବାର ସାଟେଲାଇଟ ଯାଞ୍ଚ ମଧ୍ୟ ହୋଇଥାଏ। ପରେ ସନ୍ଦେହ ଜନକ ପ୍ଲଟଗୁଡ଼ିକୁ ଯାଞ୍ଚ କରି ଫାଇନାଲ କରାଯାଇଥାଏ। ଏସବୁ ପରେ ଟୋକନ୍ ପ୍ରଦାନ କରାହୁଏ। ଟୋକନ ଅନୁଯାୟୀ ଧାନ ବିନା କୌଣସି କାଟନୀ ଛଟନୀରେ ସମିତି କ୍ରୟ କରେ। କିଛି ସ୍ୱାର୍ଥନ୍ୟସ୍ତ ବ୍ୟକ୍ତି ମୋତେ ବଦନାମ କରିବା ଉଦ୍ଦେଶ୍ୟରେ କୌଣସି ତଥ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ନଜାଣି ଭୁଲ ଅଭିଯୋଗ କରିବା ସହିତ ଲୋକଙ୍କୁ ଭୁଆଁ ବୁଲାଉଥିବା ନେଇ ସମ୍ପାଦକ କହିଛନ୍ତି। ପ୍ରଶାସନ ପକ୍ଷରୁ ସଠିକ ତଦନ୍ତ କରାଗଲେ ସତ୍ୟତା ଜଣାପଡ଼ିବ।

## କୃଷି ଭିତ୍ତିକ ପର୍ବ ବାଲିଯାତ୍ରା ଉଦ୍‌ଯାପିତ



ଠାକୁରମୁଣ୍ଡା,୧୨।୯(ସମିସ): ଠାକୁରମୁଣ୍ଡାରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା କୃଷିଭିତ୍ତିକ ପର୍ବ ବାଲିଯାତ୍ରା ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇଥିଲେ। ପ୍ରତି ୫ ବର୍ଷରେ ଥରେ ହେଉଥିବାବେଳେ ଗତବର୍ଷଠାରୁ ଏହା ପ୍ରତିବର୍ଷ ହୋଇ ଆସୁଅଛି। ବାଲିଯାତ୍ରା ୯ ଦିନ ଧରି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନ କଣ୍ଟାମଲି ନାଳରୁ ବାଲି ଏକ ଡାଲାରେ ଅଣାଯିବା ସହିତ ଧାନ ବିଲରୁ ଧାନ ଗଛ ଅଣାଯାଇ ମା' ବାସୁଳୀ ମନ୍ଦିରଠାରେ ଥିବା ଏକ ଗୃହରେ ରଖାଯାଇଥିଲା। ପରେ ଏହି ବାଲି ଡଲା ସହ ମା' ଲକ୍ଷ୍ମୀଙ୍କ ପ୍ରତୀକ ଧାନ ଗଛକୁ ନିର୍ଦ୍ଦିଷ୍ଟ ଗାୟକଙ୍କୁ ନେଇ ୯ ଦିନ ବ୍ୟାପୀ ମହିଳା ମାନେ ବିଷୟବସ୍ତୁ ଆଧାରିତ ପାରମ୍ପରିକ ଗୀତ ଗାନ କରିଥାଆନ୍ତି। ଭଲ ଚାଷ ପାଇଁ ବାଲିଡଲାକୁ ପୂଜାର୍ଚ୍ଚନା କରି ବାଲି ଆଣିବାର ୮ ଦିନ ପରେ ଶେଷ ଦିନରେ ଗାଁ ଦେହୁରୀଙ୍କ ଦ୍ୱାରା ସେଠାରେ ପୂଜାର୍ଚ୍ଚନା କରାଯାଇଥାଏ। ମନ୍ଦିର ସମ୍ମୁଖ ପଡ଼ିଆରେ ବାଲିଯାତ୍ରାର ଉଦଯାପନ ଦିବସରେ ଉପବାସକାରୀମାନେ କାଳିସୀ ବା (ଦାଶି) ଆସିବା ସହିତ ସେଠାରେ ବିଭିନ୍ନ ପ୍ରକାର କଳା କୌଶଳ ପ୍ରଦର୍ଶନ କରିଥାନ୍ତି। ଶେଷରେ କାଗଜ ନିର୍ମିତ ଏକ ଗଣ୍ଡାକୁ ତୀର ମାରି ବଧ କରାଯାଇଥାଏ।

● ଆଜାଦ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ସନ୍‌ରାଇଜ ଏଫ୍‌ସି କଟକ

କରଞ୍ଜିଆ,୧୨।୯(ସମିସ): କରଞ୍ଜିଆ ବ୍ଲକ ଚଢେଇଭୋଳ ଆଜାଦ ସ୍ପୋର୍ଟ ଏବଂ କଲଚରାଲ କ୍ଲବ ଆନୁକୂଲ୍ୟରେ ସର୍ବଭାରତୀୟ ଆଜାଦ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚଢେଇଭୋଳ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ୮ଟି ଟିମ ଅଂଶ ଗ୍ରହଣ କରିଛନ୍ତି। କ୍ଲବ ସଭାପତି ଇନ୍ଦ୍ରମଣି ମହାକୁଡ଼, ସମାଜସେବୀ ଏମଡି ମୁସ୍ତାକ, କ୍ଲବ ଚେୟରମ୍ୟାନ ଏମଡି ସୁଲେମାନ, ଅଭିଷେକ ମିଶ୍ର, ଚଢ଼େଇଭୋଳ ଫାଣ୍ଡି ଅଧିକାରୀ ଜୟନ୍ତ ପାଣିଗ୍ରାହୀ, ରୁହୁଲ ଅମିନ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚ ସନ୍‌ରାଇଜ ଏଫ୍‌ସି କଟକ ବନାମ ରାଇରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନରାଇଜ ଏଫ୍‌ସି କଟକ ୩-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ଣ୍ଣାମେଣ୍ଟ ୨୧ ତାରିଖରେ ଉଦ୍‌ଯାପିତ ହେବ। ବିଜେତା ଦଳକୁ ଟ୍ରଫି ସହିତ ନଗଦ ୧ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ଓ ପ୍ରତ୍ୟେକ ମ୍ୟାଚର ମ୍ୟାନ ଅଫ ଦ ମ୍ୟାଚ, ଶ୍ରେଷ୍ଠ ସ୍କୋରର, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଆଦି ପୁରସ୍କାର ଦିଆଯିବ।

## ଯୁବକ ନିଖୋଜ ଅଭିଯୋଗ

ବଡସାହି,୧୨।୯(ସମିସ): ବଡସାହି ଥାନା ଭୀମଦା ପଞ୍ଚାୟତ ରତନପୁର ଗ୍ରାମରେ ଜଣେ ଯୁବକ ୧ମାସ ପାଖାପାଖି ହେବ ଘରୁ କାମରେ ଯାଇଛନ୍ତି। ସେ ଘରକୁ ଫେରି ନ ଥିବା ବେଳେ ତାଙ୍କ ଫୋନରେ ମଧ୍ୟ ଯୋଗ ଯୋଗ ସମ୍ଭବ ହେଉନାହିଁ। ଫଳରେ ପରିବାର ଲୋକେ ନାନାପ୍ରକାର ଦୁଶ୍ଚିନ୍ତାରେ ଅଛନ୍ତି। ଯୁବକ ଜଣକ ହେଲେ ସେହି ଗ୍ରାମର ପ୍ରଭାକର ମଣ୍ଡଳଙ୍କ ପୁଅ ଜ୍ଞାନରଂଜନ ମଣ୍ଡଳ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ନ ପାଇବାରୁ ତାଙ୍କ ବାପା ବଡସାହି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଅ ଜ୍ଞାନରଂଜନ ଫାଇନାନ୍ସ କମ୍ପାନୀରେ କାମ କରୁଥିବା ବେଳେ ଟଙ୍କା ଦେଣନେଣ କାରବାର ମଧ୍ୟ କରୁଥିଲେ। ଗତ କିଛି ଦିନ ତଳେ ୫ଜଣ ଯୁବକ ତାଙ୍କ ବାପାଙ୍କୁ ମଧ୍ୟ ଧମକ ଦେଇଥିବାର ଜଣାଯାଇଛି। ଏହାକୁ ନେଇ ତଦନ୍ତ ଜାରି ରହିଛି।

## ଗିଦିଘାଟୀ ମୁଣ୍ଡା ଜାହେରାରେ ଆଶାଢିଆ ପୂଜା ସଂପନ୍ନ



ବହଳଦା, ୧୨।୯ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ଗ୍ରାମମୁଣ୍ଡରେ ଥିବା ମୁଣ୍ଡା ଜାହେରା ପୂଜାସ୍ଥଳରେ ହେରୋଃ ଓ ଆଶାଢିଆ ପୂଜା ଆଦିବାସୀ ପରମ୍ପରା ଅନୁସାରେ ସମ୍ପନ୍ନ ହୋଇଛି। ଏହି ପୂଜା ପରମ୍ପରା ଆଦିମକାଳରୁ ହୋଇ ଆସୁଛି। ପରମ୍ପରା ଅନୁସାରେ ହେଁସଡା ଗ୍ରାମରୁ ନାଏକେ ବାବା ଦାରାସିଂ ମୁଣ୍ଡା, ସହଯୋଗୀ ପୂଜକ ମୁଙ୍ଗଲୁ ମୁଣ୍ଡା ଓ ଶିବନାଥ ମୁଣ୍ଡା ହେଁସଡା ଗ୍ରାମବାସୀଙ୍କ ସହ କୁଲା, ଅରୁଆ ଚାଉଳ, ସିନ୍ଦୁର, ମାଟି ହାଣ୍ଡି ଓ ମାଟୀ କଳସ ଧରି ଆଦିବାସୀଙ୍କ ପାରମ୍ପାରିକ ପରିଧାନରେ ପୂଜାସ୍ଥଳକୁ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ଗିଦିଘାଟୀ ନାଏକେ ବାବା ଜିତମୋହନ ମାର୍ଣ୍ଡି ଓ ମାଝୀବାବା ଭଜରାୟ ହାଁସଦାଙ୍କ ସହିତ ପୂଜା ଆରମ୍ଭ କରାଯାଇଥିଲା। ଏହି ପୂଜା ଉତ୍ତମ ଫସଲ, ରୋଗପୋକରୁ ସୁରକ୍ଷା, ଚାଷ ଉପଯୋଗୀ ବର୍ଷା ଏବଂ ସମସ୍ତଙ୍କ ମଙ୍ଗଳ କାମନା କରି ପୂଜାପାଠ କରାଯାଇଥିଲା। ମୁଖ୍ୟପୂଜକ ଦାରାସିଂ ମୁଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ସହଯୋଗୀ ପୂଜକ ମୁଙ୍ଗଲୁ ମୁଣ୍ଡା, ଶିବନାଥ ମୁଣ୍ଡା ସହଯୋଗ କରିଥିଲେ। ଇଷ୍ଟ ଦେବଦେବୀଙ୍କୁ ଆବାହନ କରି କୁକୁଡା ଓ ଚାଉଳରେ ପ୍ରସ୍ତୁତ ହାଣ୍ଡିଆ ଅର୍ପଣ କରି ପୂଜାବିଧି ସମ୍ପନ୍ନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଲାଲସିଂ ମୁଣ୍ଡା ଓ ରଘୁନାଥ ମୁଣ୍ଡା (ବଡା) ସହଯୋଗ କରିଥିଲେ। ଏହି ପୂଜାରେ ଗିଦିଘାଟୀ, ହେଁସଡା, ଇଚାଡିହି, ଜାହିରାଗୋଡା ଓ ପୋଇଲାକୁନ୍ଦା ଗ୍ରାମର ମୁଣ୍ଡା, ସାନ୍ତାଳ ଓ ବିନ୍ଧାଣୀ ଆଦିବାସୀ ସମ୍ପ୍ରଦାୟର ଲୋକେ ଅଂଶଗ୍ରହଣ କରିଥିଲେ। ଆଦିବାସୀ ସାମାଜିକ ପରମ୍ପରା ଓ ରୀତିନୀତି ଅନୁସାରେ ପୂଜାପାଠ ସମ୍ପନ୍ନ ହେବାପରେ ସମସ୍ତଙ୍କ ମଙ୍ଗଳ କାମନା କରି ସମସ୍ତେ ଷାଷ୍ଟାଙ୍ଗ ପ୍ରଣାମ କରିଥିଲେ। ଶେଷରେ ପୂଜାରେ ବଳି ଦିଆଯାଇଥିବା କୁକୁଡା ରନ୍ଧାଭୋଗ ସେବନ କରିଥିଲେ। ପରେ ପୂଜାସ୍ଥଳରୁ ନାଏକେ ବାବା, ପୂଜକଙ୍କୁ ତାଙ୍କ ଘର ବା ବାସସ୍ଥାନଙ୍କୁ ପାଛୋଟି ନେଇଥିଲେ।

● ହାଟରେ ପଶି ଉତ୍ପାତ କଲା ଦନ୍ତା

## ଦୌଡ଼ିଲେ ବ୍ୟବସାୟୀ ଓ ଗ୍ରାହକ

ମୋରଡା,୧୨।୯(ସମିସ): ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାମ ଧରୁନାହିଁ। ଗାଁଅମର୍ଦା ଗ୍ରାମରେ ସାପ୍ତାହିକ ହାଟ ଚାଲିଥିବା ବେଳେ ଏକ ଦନ୍ତା ଭିତରକୁ ପଶି ଉପଦ୍ରବ ଚଳାଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଦନ୍ତାଟି ହାଟରେ ପଶି ପନିପରିବାକୁ ଖାଇ ନଷ୍ଟ କରିଦେଇଛି। ହାତୀର ଉତ୍ପାତ ଦେଖି ବ୍ୟବସାୟୀ ଏବଂ ଗ୍ରାହକମାନେ ଭୟରେ ଏଣେତେଣେ ଦୌଡ଼ି ପଳାଇଥିଲେ। ହାତୀର ଗତିବିଧି ଉପରେ ବନବିଭାଗ ନଜର ରଖିନଥିବାରୁ ଲୋକେ ଜାଣିପାରିଲେ ନାହିଁ; ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।



# ଅଚଳାବସ୍ଥା ଆଡ଼କୁ ଗତି କରୁଛି ବାଚୁହାଟିଂ ବୃଦ୍ଧାଶ୍ରମ

### ପରିଚାଳନାଗତ ଅବ୍ୟବସ୍ଥାରୁ ସୃଷ୍ଟି ହେଉଛି ବିଶୃଙ୍ଖଳା ଓ ଅସନ୍ତୋଷ




ଯୋଡ଼ା, ୧୨।୯(ସମିସ): ଯୋଡ଼ା ପୌରପାଳିକା ଅନ୍ତର୍ଗତ ୬ ନମ୍ବର ୱାର୍ଡ ବାଚୁହାଟିଙ୍ଗଠାରେ ଥିବା ବୃଦ୍ଧାଶ୍ରମଟି ଜିଲ୍ଲା ଖଣିଜ ପାଣ୍ଠି ଜରିଆରେ ସୁରୁଖୁରୁରେ ଚାଲି ଆସୁଥିବା ବେଳେ ବେଶ୍ କିଛି ମାସ ହେବ ବିଶୃଙ୍ଖଳା ଦେଖାଦେଇଛି। ପୂର୍ବରୁ ପୁରୀର ଏକ ସାମାଜିକ ଅନୁଷ୍ଠାନ ଆଭା ଦ୍ୱାରା ଏହି ସଂସ୍ଥାଟି ଚାଲି ଆସୁଥିଲା। ପରିଚାଳନା ତ୍ରୁଟି ପାଇଁ କେତେବେଳେ ଡାକ୍ତରଖାନା ଯିବାକୁ ପଡୁଛି ତ କେତେବେଳେ ଥାନା ଫାଣ୍ଡି ହେଉଥିବା ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, କିଛି ମାସ ହେବ ଡିଏମଏଫ ଜରିଆରେ ଆଭା ଦ୍ୱାରା ତାଲିମପ୍ରାପ୍ତ କର୍ମଚାରୀ ରଖାଯାଇ ବ୍ୟବସ୍ଥିତ ଢଙ୍ଗରେ ଚାଲି ଆସୁଥିଲା। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହସ୍ତକ୍ଷେପରେ ପରିଚାଳନାର ବିକଳ୍ପ ବାହାର ନ କରି ଆଭା ସଂସ୍ଥାକୁ ବହିଷ୍କାର କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଏବେ ନିୟୋଜିତ ଥିବା କର୍ମଚାରୀମାନେ ତିନି ମାସରୁ ଅଧିକ ହେବ ଦରମା ପାଇ ନ ଥିବା ବେଳେ ବାହାରୁ ଆସି ଘର ଭଡ଼ା ଦେଇ ଚଳିବାକୁ ଅସୁବିଧା ହେଉଛି। ଏନେଇ କିଛି ଦିନ ହେବ ଧାରଣା ମଧ୍ୟ ଦିଆଯାଇଥିଲା। ଏହି ବୃଦ୍ଧାଶ୍ରମଟିରେ ପାଖାପାଖି ୫୦ ଅନ୍ତେବାସୀ ଥିବା ବେଳେ ୩୫ରୁ ଉର୍ଦ୍ଧ କର୍ମଚାରୀ ନିୟୋଜିତ ଅଛନ୍ତି। ବୃଦ୍ଧାଶ୍ରମର ପରିଚାଳନା ତ୍ରୁଟି ପାଇଁ ସ୍ଥାନୀୟ କର୍ମଚାରୀ ଓ ବାହାରୁ ଆସିଥିବା କର୍ମଚାରୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହୋଇ ବିଶୃଖଳା ସୃଷ୍ଟି ହେଉଛି। ଏନେଇ ଥାନାକୁ ଘଟଣା ଯାଇଛି। ଏ ସଂକ୍ରାନ୍ତରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ପ୍ରସଂଗକୁ ଏଡ଼ାଇବାରେ ଲାଗିଛନ୍ତି ବୋଲି କର୍ମଚାରୀମାନେ ଅଭିଯୋଗ କରିବା ସହ ଅନ୍ତେବାସୀ ହତାଶିଆ ପରିସ୍ଥିତିରେ ଗତି କରୁଛନ୍ତି। ୧୦ ବର୍ଷ ହେବ ଏହି ବୃଦ୍ଧାଶ୍ରମଟି ଅନ୍ତେବାସୀ ଓ ଏହାର ପାରିପାର୍ଶ୍ୱିକ ପରିବେଶରେ ସୁଧାର ଆଣି ସୁରୁଖୁରୁରେ ଚାଲି ଆସୁଥିବା ବେଳେ ପରିଚାଳନାଗତ ବିଶୃଙ୍ଖଳା ପାଇଁ ଅଚଳାବସ୍ଥା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ବୃଦ୍ଧବୃଦ୍ଧାଙ୍କ ସହାୟକ ସାଜିଥିବା ଅନୁଷ୍ଠାନଟିକୁ ପୁନଃ ପରିଚାଳନା କ୍ଷେତ୍ରରେ ମଜଭୂତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଦଶମ ରାଜ୍ୟ ପୁଲିସ ହ୍ୟାଣ୍ଡବଲ, କବାଡ଼ି ପ୍ରତିଯୋଗିତା

## କେନ୍ଦୁଝର ଦଳ ହ୍ୟାଣ୍ଡବଲ ଫାଇନାଲରେ



କେନ୍ଦୁଝର, ୧୨।୯(ସମିସ): ଶୁକ୍ରବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମଠାରେ ଫ୍ଲଡଲାଇଟ ଏବଂ ସିନ୍‌ଥେଟିକ ଗ୍ରାଉଣ୍ଡରେ କେନ୍ଦୁଝର ପୁଲିସ ଆନୁକୂଲ୍ୟରେ ୭୮ତମ ରାଜ୍ୟ ପୁଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ପଞ୍ଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର କୋର୍ଟରେ ଅନୁଷ୍ଠିତ ନକଆଉଟ ରାଉଣ୍ଡ ପ୍ରଥମ କ୍ୱାର୍ଟର ଫାଇନାଲ ରାଉଣ୍ଡରେ ଗତବର୍ଷର ରନର୍ସ ଅପ ଓଏସଏପି ଷଷ୍ଠ ବାଟାଲିୟନ, କଟକ ଏବଂ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଏସଏପି ଚତୁର୍ଥ ବାଟାଲିୟନ ରାଉରକେଲା ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ତୃତୀୟ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ଜିଲ୍ଲା ଏବଂ ଅନ୍ତିମ କ୍ୱାର୍ଟର ଫାଇନାଲରେ ଗଜପତି ଜିଲ୍ଲା ବିଜୟୀ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର କୋର୍ଟରେ ପ୍ରଥମ ସେମିରେ କେନ୍ଦୁଝର ଓଏସଏପି ତୃତୀୟ ବାଟାଲିୟନ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ମଧ୍ୟାନ୍ତରରେ ଖେଳାଳିଙ୍କ ସହ ଆଜିର ଅତିଥି ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ଏବଂ କେନ୍ଦୁଝର ଏସପି ନିତିନ କୁଶଲକର ପରିଚିତ ହୋଇଥିଲେ। କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନେବାକୁ ଭୁଲନ୍ତୁନି। ଦୀର୍ଘ ଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ।

**ବୃଷ:** ବ୍ୟବସାୟଜଡ଼ିତ କଥାକୁ ଗୋପନୀୟ ରଖନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ସାମାନ୍ୟ ବିତର୍କ ହୋଇପାରେ। ଦୂର ଯାତ୍ରା ଯୋଗ ଅଛି। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନୂତନ ପ୍ରୋଜେକ୍ଟରେ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ସ୍ୱପ୍ନ ସାକାର କରିବାକୁ କଠିନ ପରିଶ୍ରମ କରିବେ। ଅଚାନକ ଦୁଃଖଦ ଖବର ମିଳିପାରେ। ମନକୁ ସ୍ଥିର ରଖିବା ଭଲ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରନ୍ତୁ।

**କନ୍ୟା:** ଅଟକିଥିବା କାର୍ଯ୍ୟ ପୂରା ହେବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଘରେ ସୁଖ ଶାନ୍ତି ମାହୋଲ ରହିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ।

**ବିଛା:** ବ୍ୟକ୍ତିଗତ ମାମଲାକୁ ନେଇ ଚିନ୍ତିତ ରହିପାରନ୍ତି। ବିବାଦୀୟ ମାମଲାରୁ ଦୂରେଇ ରହିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ।

**ଧନୁ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରିବା ଭଲ। ଲୋକ ସମ୍ପର୍କ ବଢ଼ିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଅତିଥି ସତ୍କାର କରିବେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**ମକର:** କଠିନ ପରିଶ୍ରମ କରିବାକୁ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଧୈର୍ଯ୍ୟ ଧରନ୍ତୁ। ଉଚ୍ଚଶିକ୍ଷାପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଘରେ ଶୁଖ ଶାନ୍ତି ବଜାୟ ରଖିବେ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ବୈବାହିକ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ।

**ମୀନ:** ମନ ଖୁସି ରହିବ। ପରିବାର ସହିତ ଅଧିକ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ। ଭାବିଚିନ୍ତି ନିବେଶ କରନ୍ତୁ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେଇପାରେ।

## ଆଜିର ଇତିହାସ

- ୧୯୪୦- ଇଟାଲୀ ମିଶର ଉପରେ ଆକ୍ରମଣ କଲା।
- ୧୯୪୫- ଭିଏତ୍‌ନାମରେ ଯୁଦ୍ଧ ଆରମ୍ଭ ହେଲା।
- ୧୯୭୧- ବିଶ୍ୱ ହକି ସଂଘର ଗଠନ କରାଗଲା।
- ୨୦୦୨- ଇସ୍ରାଏଲ୍ ଗାଜା ପଟ୍ଟି ଉପରେ ଆକ୍ରମଣ କଲା।
- ୨୦୦୮ - ଦିଲ୍ଲୀର ବିଭିନ୍ନ ସ୍ଥାନରେ ପାଞ୍ଚଥର ବିସ୍ଫୋରଣ ଯୋଗୁଁ ପାଖାପାଖି ୩୦ ଲୋକଙ୍କ ମୃତ୍ୟୁ, ଶହେରୁ ଅଧିକ ଆହତ।

## ଇମ୍ରାନ୍‌ଙ୍କ ନାୟିକା ହେବେ ଦିଶା



ବଲିଉଡ୍ ଅଭିନେତା ଇମ୍ରାନ୍ ହାସ୍‌ମୀ ଏବେ ତାଙ୍କ ଆଗାମୀ ଫିଲ୍ମ 'ଓଜି'ର ପ୍ରମୋସନ୍‌ରେ ବ୍ୟସ୍ତ ଅଛନ୍ତି। କିଛି ଦିନ ପୂର୍ବରୁ ଏହି ଫିଲ୍ମରେ ଇମ୍ରାନ୍‌ଙ୍କ ଲୁକ୍ ସାମ୍ନାକୁ ଆସିଥିଲା, ଯାହାକୁ ଦେଖି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ଇମ୍ରାନ୍‌ଙ୍କ ଆଉ ଏକ ଫିଲ୍ମକୁ ନେଇ ଖବର ଆସିଛି। ଇମ୍ରାନ୍‌ଙ୍କ ଆଗାମୀ ଫିଲ୍ମ 'ଆୱାରାପନ୍ ୨'ର ନାୟିକା ଫାଇନାଲ ହୋଇ ଯାଇଛନ୍ତି। ଏଥିରେ ଇମ୍ରାନ୍‌ଙ୍କ ବିପକ୍ଷରେ ଦିଶା ପଟାନୀ ଦେଖାଯିବେ। ଇମ୍ରାନ୍‌ଙ୍କ ଜନ୍ମଦିନରେ 'ଆୱାରାପନ୍-୨' ବିଷୟରେ ଘୋଷଣା କରାଯାଇଥିଲା। ଏଥିରେ ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଗୀତ ରହିବ ବୋଲି ଇମ୍ରାନ୍ କହିଥିଲେ। ୨୦୦୭ରେ ମୋହିତ୍ ସୂରୀଙ୍କ ନିର୍ଦ୍ଦେଶିତ 'ଆୱାରାପନ୍' ଆସିଥିଲା। ଏଥିରେ ଇମ୍ରାନ୍ ହାସ୍‌ମୀ, ଶ୍ରିୟା ସରନ୍, ମୃଣାଳିନୀ ଶର୍ମା, ଆଶୁତୋଷ ରାଣା ନଜର ଆସିଥିଲେ। ତେବେ 'ଆୱାରାପନ୍ ୨' ମୂଳ ଫିଲ୍ମ 'ଆୱାରାପନ୍'ର ସିକ୍ୱେଲ। ଏହି ଫିଲ୍ମ ମାଧ୍ୟମରେ ଇମ୍ରାନ୍ ପୁଣି ଥରେ ଶିବମ୍ ପଣ୍ଡିତ ଭୂମିକାରେ ପରଦାକୁ ଫେରିବେ। ନିତିନ୍ କକ୍କଡ଼ ଏହାର ନିର୍ଦ୍ଦେଶନା ଦେବେ। ଏହାର ସୁଟିଂ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏପ୍ରିଲ୍ ୩, ୨୦୨୬ରେ ଏହା ରିଲିଜ୍ ହେବ। ତେବେ ପ୍ରଥମ ଥର ପାଇଁ ଇମ୍ରାନ୍ ଓ ଦିଶା ଏହି ଫିଲ୍ମ ମାଧ୍ୟମରେ ଏକାଠି ବଡ଼ ପରଦାରେ ନଜର ଆସିବେ।

## ମହାକାଶରେ ପୋଷାକ ସଫା କରିବ ୱାଶିଂ ମେସିନ୍



ୱାଶିଂ ମେସିନ୍ ମହିଳାମାନଙ୍କ ପୋଷାକ ଧୁଆ କାମକୁ ବେଶ୍ ସହଜ କରି ଦେଇଛି। ଏଥିରେ ବହୁତଗୁଡ଼ିଏ ପୋଷାକ ଖୁବ୍ କମ୍ ସମୟ ମଧ୍ୟରେ ସଫା ହୋଇଯାଏ। ୱାଶିଂ ମେସିନ୍‌ରେ ପୋଷାକ ସଫା କରିବା ସମୟରେ ଡିଟରଜେଣ୍ଟ ଆବଶ୍ୟକ ହୋଇଥାଏ। ହେଲେ ଏବେ ବିନା ଡିଟରଜେଣ୍ଟରେ ବି ୱାଶିଂମେସିନ୍‌ରେ ପୋଷାକ ସଫା ହୋଇପାରିବ। ତେବେ ଏହି ୱାଶିଂ ମେସିନ୍ ମହାକାଶଚାରୀଙ୍କ ଉଦ୍ଦେଶ୍ୟରେ ତିଆରି କରାଯାଇଛି। ଚୀନ୍‌ର 'ଆଷ୍ଟ୍ରୋନଟ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର' ଏମିତି ଏକ ନିଆରା ୱାଶିଂ ମେସିନ୍ ତିଆରି କରିଛି। ଏହା ମହାକାଶରେ ମହାକାଶଚାରୀଙ୍କ ପୋଷାକ ଧୋଇବା ପାଇଁ ବ୍ୟବହାର କରାଯିବ। ଏହି ୱାଶିଂ ମେସିନ୍ ସୁଟ୍‌କେସ୍ ଆକୃତିର ହୋଇଥିବାବେଳେ ଏହାର ଓଜନ ୧୨ କେଜି। ଏହା ଡିଟରଜେଣ୍ଟ ବଦଳରେ ଜଳୀୟ ବାଷ୍ପ ଓ ଓଜୋନ୍ ଗ୍ୟାସ୍‌ର ବ୍ୟବହାର କରିଥାଏ। ମହାକାଶରେ ପୋଷାକ ଧୋଇବାରେ ପାଣି କମ୍ ବ୍ୟବହାର କରିବା ଉଦ୍ଦେଶ୍ୟରେ ଏହାକୁ ଡିଜାଇନ୍ କରାଯାଇଛି। ଏହି ମେସିନ୍ ଥରକରେ ୮୦୦ ଗ୍ରାମ୍ ପୋଷାକ ଧୋଇପାରିବ। ଏଥିପାଇଁ ୪୦୦ ମିଲିଲିଟର(ଏକ ଛୋଟ ଗ୍ଲାସ୍‌ରୁ କମ୍) ପାଣିର ଆବଶ୍ୟକତା ରହିଛି। ଏଥିରେ ପ୍ରଥମେ ପୋଷାକରେ ପାଣିକୁ ବାଷ୍ପ ଭଳି ସ୍ପ୍ରେ କରାଯାଏ। ଏହାପରେ ଏହି ମେସିନ୍ ୟୁଭି ଲାଇଟ୍ ଦ୍ୱାରା ଓଜୋନ ଗ୍ୟାସ୍ ତିଆରି କରିଥାଏ। ଏହି ଗ୍ୟାସ୍ ପୋଷାକରୁ ଧୂଳି, ମଳି ଜୀବାଣୁ ସଫା କରିଦିଏ। ଏହାପରେ ଗରମ ହାୱା ପୋଷାକକୁ ଶୁଖାଇଦିଏ। ମୋଟାମୋଟି ୩୦ ମିନିଟ୍‌ରେ ଏହି ପ୍ରକ୍ରିୟାରେ ପୋଷାକ ସଫା ହୋଇଯାଏ। ସବୁଠୁ ବଡ଼ କଥା ହେଲା ଏହି ମେସିନ୍‌ରେ ସଫା ହେବା ପରେ ପୋଷାକକୁ ଅନ୍ତତଃ ପାଞ୍ଚଥର ନ ଧୋଇ ପିନ୍ଧି ହେବ। ତେବେ ମେସିନ୍‌ରୁ ଗ୍ୟାସ୍ ନ ଲିକ୍ ହେବା ପାଇଁ ସ୍ୱତନ୍ତ୍ର ସେନସର୍ ଲାଗିଛି। ସ୍ପେଶ୍ ମିଶନ ପାଇଁ ଏହି ୱାଶିଂ ମେସିନ୍ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

## ଧୂଆଁରୁ ରକ୍ଷାର ଉପାୟ

ଘରେ ହୋମ ଯଜ୍ଞ ଆଦି କରିବା ସମୟରେ ପରିବେଶ ଧୂଆଁମୟ ହୋଇଯାଏ। ଏହି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଆଖି ପୋଡ଼ାଜଳା ହୁଏ। ଏପରିକି ଆଖିରୁ ଲୁହ ବୁହେ ଏବଂ ମୁହଁ ବି ନିଆଁ ତାତିର ସଂସ୍ପର୍ଶରେ ଆସିଥାଏ। ଅବଶ୍ୟ ଏହାକୁ ଲୋକେ କଷ୍ଟେମଷ୍ଟେ ସହ୍ୟ କରିଥାନ୍ତି। ଏହି କ୍ରମରେ ଜଣେ ବାଳକ ଏହାର ସ୍ମାର୍ଟ ସମାଧାନ ବାହାର କରିଛନ୍ତି ଯାହାକି ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ଏହି ଘଟଣାଟି ହେଉଛି ଗଣେଶ ପୂଜା ସମୟର। ଘରେ ଗଣେଶ ପୂଜା ହେବା ବେଳେ ବାଳକ ଜଣକ ପରିବାର ଲୋକଙ୍କ ସହିତ ପୂଜାରେ ବସିଛନ୍ତି। ସେହିପରି ସମସ୍ତଙ୍କ ଧ୍ୟାନ ହୋମ ଉପରେ ହିଁ ରହିଛି। ଘିଅ ଓ ନିଆଁରେ ହୋମ କାଠ ଜଳି ସେଥିରୁ ଧୂଆଁ ବାହାରୁଛି। ହେଲେ ବାଳକ ଜଣକ ନିଆଁ ତାତି ଓ ଧୂଆଁକୁ ସାମ୍ନା ନ କରିବା ଲାଗି ମୁହଁରେ ଆଇରନ ମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ସେ ହଳଦିଆ କୁର୍ତ୍ତା ପିନ୍ଧିଥିବା ବେଳେ ଧୂଆଁ ଏବଂ ତାତିରୁ ନିଜ ମୁହଁକୁ ରକ୍ଷା କରିବା ଲାଗି ସେ ଏହି ସୁପରମ୍ୟାନ୍ ମାସ୍କ ପିନ୍ଧିଛନ୍ତି। ତା'ସହ ଏହାକୁ ପିନ୍ଧି ସେ ଶାନ୍ତିରେ ପରିବାର ସହିତ ପୂଜା କରୁଥିବା ଦେଖାଯାଉଛି। ସେହିପରି ଏହା ଉପରେ ଲୋକମାନେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେବା ସହ ବାଳକର ବୁଦ୍ଧିକୁ ବି ପ୍ରଶଂସା କରିବାକୁ ପଛାଇ ନାହାନ୍ତି। କିଛି ଲୋକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, 'ଜେନ୍ ଆଲ୍‌ଫା ଏବେବି ଅପରାଜିତ। ସେହିପରି ଆଉ କିଛି ଜଣ ଲେଖିଛନ୍ତି, 'ଏହି ପିଢ଼ି ଅଲଗା ପ୍ରକାରେ ତିଆରି ହୋଇଛନ୍ତି।'



## ଶିଳ୍ପୀ ବିଶ୍ୱକର୍ମା



କନ୍ୟା ସଂକ୍ରାନ୍ତିରେ ଶିଳ୍ପୀ ବିଶ୍ୱକର୍ମା
ହୋଇଥିଲେ ଆବିର୍ଭୂତ-
ମାତା ଯୋଗସିଦ୍ଧା ପିତା ପ୍ରଭାସଙ୍କ
ଥିଲେ ସେ ସୁଯୋଗ୍ୟ ସୁତ,
ବ୍ରହ୍ମାଙ୍କର ନାଭି କମଳୁ ସେ ଯାତ
କହିଥାନ୍ତି କେହି କେହି-
ତାଙ୍କ ନିରିଦେଶେ ସାରା ଜଗତକୁ
ହାତେ ଗଢ଼ିଛନ୍ତି ସେହି,
ଶିଳ୍ପୀମାନଙ୍କର କୁଳ ଦେବତା ସେ
ସକଳ ଶିଳ୍ପର ସ୍ରଷ୍ଟା-
ଦୁନିଆ ଆଖିରେ ଅଟନ୍ତି ତ ସିଏ
ନବ ନିର୍ମାଣର ଦ୍ରଷ୍ଟା,
ସେ ନବ କିଶୋର ଅଟାବ ସୁନ୍ଦର
ନୁହଁନ୍ତି ସେ ଜରା ପରି-
କନ୍ଦର୍ପଙ୍କ ସମ ତାଙ୍କ ଅଙ୍ଗେ ଥିଲା
ଦିବ୍ୟ ଆକର୍ଷଣ ଭରି,
ତିନି ହାତେ ତାଙ୍କ ବଟାଳି ମାର୍ତୁଲି
କେବୁ ଆଦି ଶୋଭାପାଏ-
ଡାହାଣ ହାତଟି ଜଗତ ଜନଙ୍କୁ
ଆଶିଷ ପ୍ରଦାନୀ ଥାଏ,
ସର୍ବ ଶିଳ୍ପକଳା ତାଙ୍କ ପାଶେ ଠୁଳ
କେ ନୁହଁଇଁ ତ ତାଙ୍କ ସରି-
ସରଗଧାମର ଅମରାବତୀ ସେ
ତାଙ୍କ ଶ୍ରେଷ୍ଠ କାରିଗରୀ,
ଦେବଦେବୀଙ୍କର ଅସ୍ତ୍ର ଶସ୍ତ୍ର ସାଥେ
ରଚିଛି ଯେତେ ବିମାନ-
ସେସବୁ ଅଟଇ ତାଙ୍କ ସୃଜନର
ଅନୁପମ ଉପାଦାନ,
ଗଜ ବାହନରେ କରନ୍ତି ଗମନ
ହୋଇ ସେତ ସଜବାଜ-
ତାଙ୍କ ଦରଶନେ ସନ୍ତୋଷ ପ୍ରକାଶ
କରିଥାନ୍ତି ଦେବରାଜ,
ତାଙ୍କୁ ଭକତିରେ ପୂଜିବା ସଭିଏଁ
ଦେଇ ଧୂପ ଦୀପ ଭୋଗ-
ଜୀବନରେ ଆମ ପଡ଼ିବ ନିଶ୍ଚୟ
ପବିତ୍ର ମାହେନ୍ଦ୍ରଯୋଗ।

କଣ୍ଟାବଣିଆ, ପ୍ରାଚିପୁର, ଯାଜପୁର



ପ୍ରଦୀପ୍ତ କୁମାର ଦାସ

## ପ୍ରହେଳିକା

- ଆକାଶରେ ସିନା ଫୁଲଟି ସାନ
ବାସନାରେ ଜିଣେ ସବୁରି ମନ
ସଞ୍ଜରେ ଫୁଟି
ସକାଳକୁ ଯାଏ ମାଟିରେ ଲୋଟି
ଅଳପ ଆୟୁଷ ଜୀବନ ତା'ର
ଫୁଲ ନାଆଁ ଗୋଟି ପାଞ୍ଚ ଅକ୍ଷର
ବୁଦ୍ଧି ଖଟେଇକି ଦିଅ ଉତ୍ତର ।
ଉତ୍ତର- ଗଙ୍ଗଶିଉଳି

- ନଈପଠାରେ ଉଆସ ତୋଳି
ମନ ଇଚ୍ଛାରେ ଖେଳୁଛି ଦୋଳି
ସୁନ୍ଦରୀ ଝିଅଟିଏ
ପିନ୍ଧିଛି ଧଳାଶାଢ଼ି ଛଟକି
ପଥିକ ପାଦ ଯାଏ ଅଟକି
ନାଆଁ କହିଦେବ ଯିଏ
ବୁଦ୍ଧିମାନ ପିଲା ସିଏ ।
ଉତ୍ତର- କାଶତଣ୍ଡି

- ଶରତ ଆକାଶେ ଜହ୍ନକୁ ଦେଖିଲେ
ସରସୀରେ ଫୁଟେ ଯେଉଁ ଫୁଲଟି
ରୂପରେ ରଙ୍ଗରେ ମନ ଚୋରି କରେ
କହିବ ଯିଏ ତାଆ ନାମଟି
ଶରଧାରେ ତାକୁ ବୁଲେଇ ନେବି ମୁଁ
ପୁରୀ ଧାମଟି।
ଉତ୍ତର- କଇଁ ଫୁଲ

ଜଗଦୀଶ ସାହୁ
ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୧୮୫୬୭୬



## ଏକରୁ ଦଶ ପର୍ଯ୍ୟନ୍ତ ଗଣନ ଶିକ୍ଷା



ଭୋଜରାଜ ବୁଡ଼େକ୍

ସୂର୍ଯ୍ୟ ଏକ ଚନ୍ଦ୍ର ଏକ ଏକ ଧ୍ରୁବତାରା,
ପିତା ଏକ ମାତା ଏକ ଏକ ପ୍ରଭୁ ପରା।
ଦୁଇ ଆଖି ଦୁଇ କାନ ଦୁଇ ଆମ ହାତ,
ଦୁଇ ଗୋଡ଼େ ଠିଆ ଆମେ ହେଉ ଆତଯାତ
ତିନି ଦିହିଁ ତିନି ରଥେ ଶ୍ରୀଗୁଣ୍ଡିଚା ବିଜେ
ତିନି ଭୁବନ ଦେଖିବାକୁ ମନ ଛନଛନ।
ଚାରିବେଦ ଚାରିଯୁଗ ଚାରି ଆମ ଧାମ,
ଚାରିଗୋଡ଼ିଆ କୁକୁର ଛୁଆ ଜଗେ ଘରଆମ
ପାଞ୍ଚ ଆଙ୍ଗୁଠି ପ୍ରତି ହାତରେ ପ୍ରତି
ପ୍ରତି ଗୋଡ଼ରେ ପାଞ୍ଚ,
ପାଞ୍ଚରେ ପାଞ୍ଚ ମିଶିଲେ ଦଶ
ହେବ କି ମନେ ପାଞ୍ଚ।
ଛଅଋତୁ ଛପିଛପି ଆସନ୍ତି ଜଗତେ,
ଛଅ ସୁର ଏକ ହେଲେ କେତେ ମିଠା ସତେ
ସପ୍ତାହରେ ରହିଥାଏ ସାତଗୋଟି ବାର,
ସାତରଥୀ ମାରିଥିଲେ ଅଭିମନ୍ୟୁ ବୀର।
ଆଠ ଧାତୁ ନେଇ ସିନା ନାନା ଅଳଙ୍କାର,
ଆଠ ପାଟରାଣୀ ଥିଲେ ନନ୍ଦକୁମରର।
ନଅଗ୍ରହ ଚକ ପରି ସୂର୍ଯ୍ୟ ଚାରିପଟେ,
ଘୁରୁଛନ୍ତି ସବୁବେଳେ ନ ଗୋଟି ବାଟେ।
ଦଶଦିଗ ହସିଉଠେ ଶରତ କାଳରେ,
ଦଶଟି କାଠିରେ ବିଡ଼ା ବାନ୍ଧିଥାନ୍ତି ପିଲେ।

ମାଣ୍ଡୋସିଲ, ବରଗଡ଼
ମୋ- ୬୩୭୦୧୯୮୭୫୪

## ସୁମନ

## ମାଛର ବୁଦ୍ଧି





ଗୋପୀନାଥ ଦାଶ

ବଗଟିଏ ଜଳାଶୟ ନିକଟରେ ଛିଡ଼ା ହୋଇଥାଏ। ତାକୁ ପ୍ରବଳ ଭୋକ। ପାଣି ଭିତରୁ କିଛି ଖାଦ୍ୟ ପାଇଲେ ଭୋକ ମେଣ୍ଟାଇବା ପାଇଁ ଏକ ଧ୍ୟାନରେ ଜଗିଥାଏ। ସେତେବେଳେ ଜଳ ଭିତରେ ପହଁରୁ ଥିବା ଏକ ମାଛ ତା' ନଜରକୁ ଆସିଲା। ବଗ ଜଳ ଭିତରୁ ମାଛଟିକୁ ଧରି ଆଣିଲା। ମାଛଟି ଆଉ କ'ଣ କରିବ। ତା'ର ଦୁଃଖର କଥା ଜଣାଇବା ପାଇଁ ଚାହିଁଲା। ସେ କାକୁତି ମିନତି ହୋଇ କହିଲା, ଆମ ପରିବାରର ସମସ୍ତେ ଶିକାର ହୋଇ ସାରିଲେଣି। ଜଳାଶୟ ଦିନକୁ ଦିନ ଶୁଖିଆସିଲାଣି। କେବଳ ମୁଁ ହିଁ ବଞ୍ଚିଛି। ମତେ ଯଦି ମାରି ଖାଇଦେବ,ମାଛମାନଙ୍କର ବଂଶ ବୁଡ଼ିଗଲେ ଜଗତ ଚଳିବ କେମିତି! ଦୟା କରି ମୋତେ ଛାଡି ଦିଅ। ତା ବଦଳରେ ମୋ ପାଖରେ ଥିବା ଏକ ସୁନାର ମୁଦି ତୁମକୁ ଦେବି। ଯାହାର ମୂଲ୍ୟ ଖୁବ୍ ବେଶୀ। ବଗ କିଛି ସମୟ ଭାବିଲା। ପରେ ମାଛର କଥାରେ ବଗ ସନ୍ତୋଷ ହେଲା ଏବଂ ବଦଳରେ ସୁନାର ମୁଦି ଧରି ଆସିଲା। ସୁନା ମୁଦିକୁ ନେଇ ବଗ କ'ଣ କରିବ। ତାକୁ ତ ସେ ଖାଇ ପାରିବ ନାହିଁ। ତା ମନକୁ ଏକ ବୁଦ୍ଧି ଜୁଟିଲା। ବଗ ଏକ ମାଛ ଧରାଳି ସହିତ ସାଙ୍ଗ ହୋଇଥାଏ। ସେ ତା ପାଖକୁ ଗଲା। ଏ ସବୁ କଥା ତାକୁ ଗୋଟି ଗୋଟି କରି କହିଲା। ବହୁ ମୂଲ୍ୟ ମୁଦିଟି ଦେଖି ତାର ମନରେ ଲୋଭ ହେଲା। ସେ ମୁଦିଟି ନେବା ପାଇଁ ଚାହିଁଲା। ମାଛ ଧରାଳିକୁ ବଗ ସେହି ମୁଦିଟି ଦେଲା। ବଦଳରେ ମାଛ ଧରାଳି ପ୍ରତିଦିନ ଏକ ବଡ଼ ମାଛ ତାକୁ ଖାଇବାକୁ ଦେବା ପାଇଁ ପ୍ରତିଶ୍ରୁତି ଦେଲା। ବଗ ମାଛ ଧରାଳି କଥାରେ ଖୁସି ହେଲା। ମାଛ ଧରାଳି ପରଦିନ ମୁଦିଟିକୁ ବିକିବା ପାଇଁ ବଜାରକୁ ଗଲା। ମାତ୍ର ବହୁମୂଲ୍ୟ ଦେଇ ସୁନାମୁଦିକୁ କିଣିବା ପାଇଁ ଲୋକ ବାହାରିଲେ ନାହିଁ। ବହୁ ବାର ଚେଷ୍ଟା କଲା ସତ୍ତ୍ୱେ ମୁଦିଟିକୁ ମାଛଧରାଳି ବିକିପାରିଲା ନାହିଁ। ତେଣେ କଥାଟା ରାଜ୍ୟ ସାରା ପ୍ରଘଟ ହୋଇଗଲା। ଲୋକେ ସବୁ ଆଡ଼େ ମୁଦି କଥାକୁ ଆଲୋଚନା କରିବାକୁ ଲାଗିଲେ। ଶେଷରେ କଥାଟି ରାଜାଙ୍କ କାନକୁ ଗଲା। ରାଜା ମାଛ ଧରାଳିକୁ ଡକାଇଲେ। ମାଛ ଧରାଳି ପାଖରୁ ସବୁ କଥା ଶୁଣିଲେ। ସେ ମୁଦିଟିକୁ ରାଜାଙ୍କୁ ଦେଲା। ନିରୀକ୍ଷଣ କଲାପରେ ମୁଦିକୁ ରାଜା ଚିହ୍ନି ପାରିଲେ। ଅତ୍ୟନ୍ତ ଖୁସି ହେଲେ। ମୁଦିଟି ନେଇ ଅନ୍ତଃପୁରେ ଝିଅକୁ ଦେଖାଇଲେ। ଏତେ ଦିନ ପରେ ଝିଅ ହଜିଲା ମୁଦିକୁ ପାଇ ଖୁସିରେ ନାଚି ଉଠିଲେ। କହିଲେ ମୁଁ ଗାଧୋଇଥିବା ବେଳେ ଏ ମୁଦି ତ ଜଳାଶୟରେ ଖସି ପଡ଼ିଥିଲା, ଆଉ ମିଳି ନ ଥିଲା। ଅତ୍ୟନ୍ତ ଖୁସି ହୋଇ ରାଜା ମାଛ ଧରାଳି ସହିତ ଜଳାଶୟ ନିକଟକୁ ଗଲେ। ବିଚରା ମାଛ ନିକଟରୁ ସବୁ କଥା ଶୁଣି ରାଜା ଅତ୍ୟନ୍ତ ଦୁଃଖିତ ହେଲେ। ଜଳାଶୟକୁ ଆହୁରି ଗଭୀର କରି ଜଳ ଭରି କରାଇଲେ। ଜଳାଶୟ ଚତୁର୍ପାର୍ଶ୍ୱରେ ଗଛ ଲତା ଲଗାଇ ଆକର୍ଷଣୀୟ କରାଇଦେଲେ। ମାଛର ଖୁସି କହିଲେ ନସରେ। ଜଳାଶୟବାସୀ ଆନନ୍ଦରେ ରାଜାଙ୍କର ଜୟଜୟ ହେବେ ବୋଲି କହିଲେ। ଜଳାଶୟରେ ବାସ କରୁଥିବା ସମସ୍ତ ଜୀବଜନ୍ତୁ ପୁଣି ଥରେ ସୁଖରେ ବାସକଲେ। ମାଛର ଉପସ୍ଥିତ ବୁଦ୍ଧି ପାଇଁ ଏସବୁ ସମ୍ଭବ ହୋଇ ପାରିଲା।


ବରପାଲିପଡ଼ା, ବଲାଙ୍ଗିର


## ଛୁଆ ଅଙ୍କନ






ରୁଦ୍ରାଣୀ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ






ସାନ୍ୱିକା ସାହୁ
ପ୍ରଥମ ଶ୍ରେଣୀ
ବଡପନ ସ୍କୁଲ
ନିମାପଡ଼ା





ଗୌରବ ଦାସ
ଅଷ୍ଟମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୁରୀ





ସାଇ ଶ୍ରେୟାଂଶ
ପଞ୍ଚମ ଶ୍ରେଣୀ
ଅମିତ ଭଣ୍ଡାର ନାସନାଲ ସ୍କୁଲ
ନୂଆଦିଲ୍ଲୀ

## ଏସିଆ କପ୍ କ୍ରିକେଟ୍: ପାକିସ୍ତାନ ୧୮ ମ୍ୟାଚରୁ ହାରିଛି ୧୦

# ଭାରତ ସପକ୍ଷରେ ରେକର୍ଡ

ଦୁବାଇ, ୧୨।୯ (ଏଜେନ୍ସି)

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦେଶ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯିବ। ଦୁବାଇରେ ହେବାକୁ ଥିବା ଏହି ମହାମୁକାବିଲାକୁ ସାରା ବିଶ୍ୱର କ୍ରିକେଟ୍‌ପ୍ରେମୀ ଅପେକ୍ଷା କରି ରହିଛନ୍ତି। ଏକାଧିକ କାରଣ ଲାଗି ଅବଶ୍ୟ ଏହି ମ୍ୟାଚର ଟିକଟ୍ ବିକ୍ରି ବର୍ତ୍ତମାନ ସୁଦ୍ଧା ବଳକା ରହିଛି। କିନ୍ତୁ ମ୍ୟାଚକୁ ନେଇ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ସମେତ ସୋସିଆଲ୍ ମିଡିଆରେ ଜୋର୍‌ଦାର ଚର୍ଚ୍ଚା ଚାଲିଛି। ଯାହାକି ଲଢ଼େଇ ପୂର୍ବରୁ ଏହି ମ୍ୟାଚର ଉଷ୍ମତାକୁ ବଢ଼ାଇ ଦେଇଛି।

ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପାକିସ୍ତାନ ଚଳିତ ଏସିଆ କପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଭାରତ ପ୍ରଥମ ମ୍ୟାଚରେ ୯ ୱିକେଟ୍‌ରେ ଆୟୋଜକ ୟୁଏଇକୁ ପରାସ୍ତ କରିଥିଲା। ସେହିଭଳି ପାକିସ୍ତାନ ଦଳ ଶୁକ୍ରବାର ପ୍ରଥମ ମ୍ୟାଚରେ ଦୁର୍ବଳ ଓମାନକୁ ହରାଇ ଅଭିଯାନ ଆରମ୍ଭ କରିଛି। ତେଣୁ ଉଭୟ ଦଳ ଏହି ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରବିବାର ପଡ଼ିଆକୁ ଓହ୍ଲାଇବେ। ତେବେ ଏସିଆ କପ୍ ଇତିହାସ ଉପରେ ନଜର ପକାଇଲେ ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ବେଶ୍ ଭଲ ରହିଛି। ୧୯୮୪ରୁ ଏସିଆ କପ୍ ଆରମ୍ଭ ହୋଇଥିବାବେଳେ ଗତ ୨୦୨୩ ସଂସ୍କରଣ ସୁଦ୍ଧା ଉଭୟ ଭାରତ ଓ ପାକିସ୍ତାନ ୧୮ ଥର



ସାମ୍ନାସାମ୍ନି ହୋଇଛନ୍ତି। ସେଥିମଧ୍ୟରୁ ଭାରତ ୧୦ ମ୍ୟାଚରେ ବିଜୟୀ ହୋଇ ଆଗରେ ରହିଛି। ୬ଟି ମ୍ୟାଚରେ ପାକିସ୍ତାନ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିପାରି ନାହିଁ। ଏହି ୧୮ଟି ମ୍ୟାଚ୍ ମଧ୍ୟରୁ ଦିନିକିଆ ଫର୍ମାଟ୍‌ରେ ଭାରତ ଓ ପାକିସ୍ତାନ ୧୫ଥର ପରସ୍ପର ବିପକ୍ଷରେ ଖେଳିଛନ୍ତି। ଏଥିରେ ଭାରତ ୮ ମ୍ୟାଚରେ ପାକିସ୍ତାନକୁ ମାତ୍ ଦେଇଛି। ସେହିଭଳି ପାକିସ୍ତାନ ୫ଟି ମ୍ୟାଚ୍ ଜିତିଥିବାବେଳେ ୨ଟି ମ୍ୟାଚର ଫଳାଫଳ ବାହାରିନାହିଁ। ସେହିଭଳି ବିଭିନ୍ନ କାରଣ ଲାଗି ଏସିଆ କପ୍ ୨୦୨୩ ସୁଦ୍ଧା ଦୁଇଥର ଟି-୨୦ ଫର୍ମାଟରେ ଖେଳାଯାଇଥିଲା। ଏହି ଫର୍ମାଟ୍‌ରେ ଉଭୟ ଦେଶ ୩ଥର ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ୨ଥର ଓ ପାକିସ୍ତାନ ଥରେ ଜିତିଛି। ତେଣୁ ଉଭୟ ଫର୍ମାଟ୍‌ରେ ମଧ୍ୟ ରେକର୍ଡ ଭାରତ ସପକ୍ଷରେ ରହିଛି।

**ଏସିଆ କପ୍‌ରେ ଭାରତ-ପାକିସ୍ତାନ**

| | |
|---|---|
| ସାମ୍ନାସାମ୍ନି | - ୧୮ ଥର |
| ଭାରତ ଜିତିଛି | - ୧୦ଥର |
| ପାକିସ୍ତାନ ଜିତିଛି | - ୬ଥର |
| ବିନା ଫଳାଫଳ | - ୨ଟି |

## ସ୍ମରଣୀୟ ଲଢ଼େଇ

**୨୦୧୦** : ଶ୍ରୀଲଙ୍କାର ଦାମ୍ବୁଲାରେ ଖେଳାଯାଇଥିବା ଏହି ମ୍ୟାଚରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୨୬୮ ରନର ଲକ୍ଷ୍ୟକୁ ଭାରତ ୪୯.୫ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ହରଭଜନ ସିଂ ୪୯ତମ ଓଭରର ପ୍ରଥମ ବଲରେ ସୋଏବ ଅଖତରଙ୍କୁ ଛକା ଏବଂ ୫୦ତମ ଓଭରର ୫ମ ବଲରେ ମହମ୍ମଦ ଅମୀରଙ୍କୁ ଛକା ମାରି ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ।

**୨୦୧୪** : ବାଂଲାଦେଶର ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୮ ରନ କରିଥିଲା। ଜବାବରେ ପାକିସ୍ତାନ ୪୯ ଓଭରରେ ୮ ୱିକେଟ୍‌ରେ ୨୩୬ ରନ କରିଥିଲା। ଶେଷ ଓଭରରେ ଜିତିବା ଲାଗି ୧୦ ରନ ଆବଶ୍ୟକ ହେଉଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ବୋଲିଂ କରିବାକୁ ଆସିଥିଲେ। ପ୍ରଥମ ବଲରେ ସଇଦ ଆଜମଲ ଆଉଟ୍ ହୋଇଥିଲେ। କିନ୍ତୁ ୩ୟ ଓ ୪ର୍ଥ ବଲ୍‌ରେ କ୍ରମାଗତ ଛକା ମାରି ସାହିଦ ଆଫ୍ରିଦୀ ୧ ୱିକେଟ୍‌ରେ ରୋମାଞ୍ଚକ ଭାବେ ଦଳକୁ ଜିତାଇଥିଲେ।

**୨୦୧୨** : ବିରାଟ କୋହଲିଙ୍କ ଦମ୍‌ଦାର ୧୮୩ ରନ ବଳରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୩୦ ରନର ଲକ୍ଷ୍ୟକୁ ଭାରତ ୧୩ ବଲ୍ ଓ ୬ ୱିକେଟ୍ ବଳକା ଥାଇ ଜିତିଥିଲା। ମୀରପୁରରେ ଅନୁଷ୍ଠିତ ଏହି ମ୍ୟାଚରେ କୋହଲି ୧୪୮ ବଲରେ ୨୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

**୨୦୦୮**: ଏସିଆ କପ୍‌ର ୨୦୦୮ ସଂସ୍କରଣରେ ଭାରତ ଓ ପାକିସ୍ତାନ ଗ୍ରୁପ୍ ଓ ସୁପର୍-୪ ପର୍ଯ୍ୟାୟରେ ଥରେ ଲେଖାଏ ସାମ୍ନାସାମ୍ନି ହୋଇଥିଲେ। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ରାୱଲପିଣ୍ଡିରେ ବୀରେନ୍ଦ୍ର ସେହ୍ୱାଗ (୧୧୯)ଙ୍କ ଶତକ ବଳରେ ଭାରତ ୩୦୦ ରନର ଟାର୍ଗେଟକୁ ୪୨.୧ ଓଭରରେ ୪ ୱିକେଟରେ ହାସଲ କରିନେଇଥିଲା। କିନ୍ତୁ ସୁପର୍-୪ରେ ଭାରତ ପକ୍ଷରୁ ଧାର୍ଯ୍ୟ ୩୦୯ ରନର ଲକ୍ଷ୍ୟକୁ ଘରୋଇ ପାକିସ୍ତାନ ୨ ୱିକେଟ୍‌ରେ ବିଜୟୀ ହୋଇଥିଲା। ୟୁନିସ ଖାନ ଅପରାଜିତ ୧୨୩ ରନ କରିଥିଲେ।

# ମହମ୍ମଦ୍ ହାରିସ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ



ଦୁବାଇ,୧୨।୯ (ଏଜେନ୍ସି): ଭାରତ ବିପକ୍ଷ ମୁକାବିଲା ପୂର୍ବରୁ ଓମାନ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରି ନିଜକୁ ପ୍ରସ୍ତୁତ କରିନେଇଛି ପାକିସ୍ତାନ। ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଏଠାରେ ଗ୍ରୁପ୍-ଏ' ମୁକାବିଲା ହେବ। ଏହା ପୂର୍ବରୁ ଆଜି ଓମାନ ବିପକ୍ଷରେ ଖେଳିଥିଲା। ପାକିସ୍ତାନ। ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ୧୦ ଓଭର ଖେଳ ଶେଷ ସୁଦ୍ଧା ୧ ୱିକେଟ ବିନିମୟରେ ୮୫ ରନ୍ କରିନେଇଥିଲା। ଏହି ସମୟରେ ଯୁବ ୱିକେଟରକ୍ଷକ ମହମ୍ମଦ୍ ହାରିସ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ୩୪ ବଲ୍‌ରୁ ୬ ଚୌକା ଓ ୩ ଛକା ସହ ୫୫ ଓ ସାହିବଜାଦା ଫରହାନ ୨୫ ବଲ୍‌ରୁ ୨୭ ରନ୍ କରି ବ୍ୟାଟିଂ କରୁଥିଲେ। ହାରିସ୍ ଛକା ମାରି ୩୪ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଓପନର ସାଏମ ଆୟୁବ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଯାଇଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନ ତାହାର ଶ୍ରେଷ୍ଠ ଖେଳାଳିଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିଛି। ଜତିନ୍ଦର ସିଂହଙ୍କ ନେତୃତ୍ୱରେ ଖେଳୁଥିବା ଓମାନ ପକ୍ଷରୁ ଶାହା ଫଇଜଲ ଏକମାତ୍ର ପାକିସ୍ତାନୀ ୱିକେଟ ଅକ୍ତିଆର କରିଥିଲେ। ଏହି ଗ୍ରୁପ୍‌ରେ ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୪.୩ ଓଭରରେ ୯୩ଟି ବଲ ବାକିଥାଇ ୟୁଏଇକୁ ୯ ୱିକେଟରେ ହରାଇଥିଲା। ରବିବାର ପାକିସ୍ତାନ ବିପକ୍ଷ ମୁକାବିଲାରେ ଭାରତର ଶକ୍ତିଶାଳୀ ବ୍ୟାଟିଂ ଲାଇନ୍ ଓ ପାକିସ୍ତାନର ସ୍ପିନରଙ୍କ ମଧ୍ୟରେ ଲଢ଼େଇ ହେବ। ଉଭୟ ଦଳର ପେସ୍ ବାହିନୀ ବରାବର ସ୍ଥିତିରେ ରହିଛନ୍ତି।

**DP WORLD ASIA CUP 2025 — ଆଜିର ମ୍ୟାଚ୍**

**ବାଂଲାଦେଶ-ଶ୍ରୀଲଙ୍କା**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

● ଦୁଲୀପ୍ ଟ୍ରଫି ଫାଇନାଲ: ପଟିଦାର, ରାଠୋଡଙ୍କ ଶତକ

# ଦୃଢ଼ସ୍ଥିତିରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୨।୯ (ଏଜେନ୍ସି): ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୧୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା କେନ୍ଦ୍ରାଞ୍ଚଳ



ଦୁଇ ଦୁଇଟି ଶତକୀୟ ପାଳି ବଳରେ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୦୪ ଓଭରରେ ୫ ୱିକେଟ୍ ହରାଇ ୩୮୪ ରନର ବିଶାଳ ସ୍କୋର କରିଛି। ଖେଳ ଶେଷବେଳକୁ ୟଶ ରାଠୋଡ ୧୩୭ ଓ ସାରାଂଶ ଜୈନ ୪୭ ରନ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟର୍ ଅସମାପ୍ତ ୬ଷ୍ଠ ୱିକେଟ୍ ଭାଗୀଦାରିରେ ୧୧୮ ରନ ଯୋଡ଼ିଛନ୍ତି। ସେହିଭଳି ଅଧିନାୟକ ରଜତ ପଟିଦାର ମଧ୍ୟ ୧୦୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ୧୧୨ ବଲ୍‌ର ଏହି ପାଳିରେ ରଜତ ୧୨ ଚୌକା ଓ ୨ଟି ଛକା ମାରିଥିଲେ। ଆଉଟ୍ ହୋଇଥିବା ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ଓପନର୍ ଦାନିଶ ମାଲେୱାର ୫୩, ଅକ୍ଷୟ ୱାଦକର ୨୨, ଶୁଭମ ଶର୍ମା ୬ ଓ ଉପେନ୍ଦ୍ର ଯାଦବ ୫ ରନ କରିଥିଲେ। ବୋଲିଂରେ ଗୁର୍‌ଜାପନୀତ ସର୍ବାଧିକ ୩ଟି ୱିକେଟ୍ ସଫଳତା ପାଇଥିଲେ। କେନ୍ଦ୍ରାଞ୍ଚଳ ବର୍ତ୍ତମାନ ସୁଦ୍ଧା ପ୍ରଥମ ପାଳିରେ ୨୩୫ ରନର ଅଗ୍ରଣୀ ହାସଲ କରିଛି। ହାତରେ ଆହୁରି ୫ ୱିକେଟ୍ ବଳକା ଥିବାରୁ କେନ୍ଦ୍ରାଞ୍ଚଳ ଏକ ବୃହତ୍ ଅଗ୍ରଣୀ ନେବ ବୋଲି ଆକଳନ କରାଯାଉଛି।

● ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ

# ସେମିରେ ଲକ୍ଷ୍ୟ, ସାତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୧୨।୯ (ଏଜେନ୍ସି): ଚାରି କୋଟି ୪୧ ଲକ୍ଷ ପୁରସ୍କାର ରାଶିବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଲକ୍ଷ୍ୟ ସେନ୍ ଏବଂ ସାତ୍ୱିକସାଇରାଜ ରାନକିରେଡ୍ଡୀ-ଚିରାଗ ସେଟ୍ଟୀ ଯୋଡ଼ି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଦୁଇ ଭାରତୀୟ ଖେଳାଳି ଲକ୍ଷ୍ୟ ଓ ଆୟୁଷ ସେଟ୍ଟୀଙ୍କ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଲକ୍ଷ୍ୟ ୨୧-୧୬, ୧୭-୨୧, ୨୧-୧୩ ଗେମରେ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲେ। ସେହିଭଳି ପୁରୁଷ ଡବଲ୍ସ କ୍ୱାର୍ଟର ଲଢ଼େଇରେ ସାତ୍ୱିକ-ଚିରାଗ ଯୋଡ଼ି ୨୧-୧୪, ୨୦-୨୨, ୨୧-୧୬ ଗେମରେ ମାଲେସିଆର ଆରିଫ ଜୁନୈଦ ଓ ରୟ କିଙ୍ଗ ୟାପ୍ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଉଭୟଙ୍କୁ ଏକ ଘଣ୍ଟା ୪ ମିନିଟ୍ ସମୟ ଲାଗିଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମହିଳା ଡବଲ୍ସରେ ଓଡ଼ିଶାର ଦୁଇ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରି-କ୍ୱାର୍ଟରରେ ହାରି ଅଭିଯାନ ଶେଷ କରିଥିଲେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ ୨ ଦିନ ଘୁଞ୍ଚିଲା

# କ୍ୟାପ୍ଟେନ, କୋଚ୍‌ଙ୍କ ନାମ ଘୋଷଣା

କଟକ,୧୨।୯ (ସମିସ): ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗର ୬ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଆଜି ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଫ୍ରାଞ୍ଚାଇଜଙ୍କ ଦ୍ୱାରା ଗଠିତ ଦଳର ନାମ ବିଧିବଦ୍ଧ ଭାବେ ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇ ଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଲିଗ୍ ଆରମ୍ଭ ହେବ। ଆଜିର କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

| ଫ୍ରାଞ୍ଚାଇଜ୍ | କ୍ୟାପ୍ଟେନ | ହେଡ କୋଚ୍ |
|---|---|---|
| କଟକ ପାନ୍ଥର୍ସ | ସ୍ୱସ୍ତିକ ସାମଲ | ପ୍ରଭଞ୍ଜନ ମଲିକ |
| ସମ୍ବଲପୁର ୱାରିୟର୍ସ | ଶୁଭ୍ରାଂଶୁ ସେନାପତି | ରଶ୍ମିରଞ୍ଜନ ଦାସ |
| ପୁରୀ ଟାଇଟନ୍ସ | ସନ୍ଦୀପ ପଟ୍ଟନାୟକ | ସୌରଭ ସେହଗଲ |
| ଭୁବନେଶ୍ୱର ଟାଇଗର୍ସ | ସୂର୍ଯ୍ୟକାନ୍ତ ପ୍ରଧାନ | ପ୍ରୀତମଜିତ୍ ଦାସ |
| କେଉଁଝର ମାଇନର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ଶତପଥି |
| ରାଉରକେଲା ଷ୍ଟିଲର୍ସ | ଆଶୀର୍ବାଦ ସ୍ୱାଇଁ | ସୁବିତ ବିଶ୍ୱାଳ |

# କିଟ୍‌ରେ ସିବିଏସ୍‌ଇ ନ୍ୟାସନାଲ୍ ହକି ଆରମ୍ଭ

ଭୁବନେଶ୍ୱର,୧୨।୯ (ସମିସ): ସିବିଏସ୍‌ଇ (ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ) ନ୍ୟାସନାଲ ହକି ଚାମ୍ପିଅନସିପ୍‌ର ବାଳିକା ବିଭାଗରେ ଖେଳ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ କିଟ୍ ୟୁନିଭର୍ସିଟିର ମିଳିତ ଆନୁକୂଲ୍ୟରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧୭ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ ୨୬ଟି ଟିମ୍ ଓ ୪୦୦ ଖେଳାଳି ଓ କର୍ମକର୍ତ୍ତା ଅଂଶଗ୍ରହଣ କରିଛନ୍ତି। ଏହି ୨୬ଟି ମଧ୍ୟରୁ ୧୪ ଓ ୧୭ ବର୍ଷରୁ କମ୍ ବିଭାଗରେ ୯ଟି ଲେଖାଏଁ, ୧୯ ବର୍ଷରୁ କମ୍ ବିଭାଗରେ ୮ଟି ଟିମ୍ ଅଂଶଗ୍ରହଣ କରୁଛି। ଏହି ପ୍ରତିଯୋଗତାକୁ ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାର ବିଜେତା ହକି ଖେଳାଳି ଅମିତ ରୋହିଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ସିବିଏସ୍‌ଇର ଦୁଇ ପର୍ଯ୍ୟବେକ୍ଷକ ଭୀମସିଂ ତ୍ୟାଗୀ ଓ ରିଣ୍ଟୋ ଟିକେ, କିଟ ୟୁଭର୍ସିଟି କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିବିଏସ୍‌ଇ ବାଳିକା ହକିରେ ପ୍ରତିଯୋଗିତା ତୀବ୍ର ହେବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି।




# ମାଛ ବେପାରୀଙ୍କ ଝିଅ ମୋନିକା ଟପ୍ ସୁଟର୍

ଭୁବନେଶ୍ୱର,୧୨।୯ (ସମିସ): ସଫଳତା ହାସଲ ଲାଗି ଅର୍ଥ କେବେ ଅନ୍ତରାୟ ସୃଷ୍ଟି କରିପାରିନାହିଁ। ମାତାପିତାଙ୍କ ସ୍ୱଳ୍ପ ରୋଜଗାର ସତ୍ତ୍ୱେ ପାରଳାଖେମୁଣ୍ଡିର ଜଣେ ୧୪ ବର୍ଷୀୟ ବାଳିକା ମୌସୁମି ସିମଲାଇ ଜାତୀୟ ସ୍ତରୀୟ ଏନ୍‌ସିସି କ୍ୟାମ୍ପରେ ଟପ୍ ସୁଟର ହେବାର ସଫଳତା ଲାଭ କରିଛନ୍ତି। ଦେଶର ୧୫୦୦ କ୍ୟାଡେଟଙ୍କୁ ନେଇ



ସର୍ବଭାରତୀୟ ସ୍ଥଳ ସୈନିକ କ୍ୟାମ୍ପ-୨୦୨୫ କ୍ୟାମ୍ପଟି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଏମାନଙ୍କ ମଧ୍ୟରୁ ୧୨୦୦ କ୍ୟାଡେଟ ରାଇଫଲ ସୁଟିଂରେ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଥିବା ସେଞ୍ଚୁରିଆନ୍ ପବ୍ଲିକ୍ ସ୍କୁଲ୍‌ର ୯ମ ଶ୍ରେଣୀରେ ପଢୁଥିବା ମୌସୁମୀ ଦେଶର ଟପ୍ ସ୍କୁଲ୍‌ରୁ ଆସିଥିବା କ୍ୟାଡେଟ ମାନଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବର ୨ରୁ ୧୧ ଯାଏ ଅନୁଷ୍ଠିତ ଏହି କ୍ୟାମ୍ପରେ ଦେଶର ୧୭ଟି ଏନ୍‌ସିସି ନିର୍ଦ୍ଦେଶାଳୟରୁ ୧୫୪୬ ଜଣ କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ମୌସୁମିଙ୍କ ମାତ୍ର ମାଣିକ ଓ ପିତା ବଳାଇ ଚାନ୍ଦ ପାରଳାଖେମୁଣ୍ଡିରେ ମାଛ ବେପାର କରି ପେଟ ପୋଷନ୍ତି। ସ୍ୱଳ୍ପ ରୋଜଗାର ସତ୍ତ୍ୱେ ଝିଅକୁ ଉଚ୍ଚ ଶିକ୍ଷିତ କରାଇବା ସହ ରାଜ୍ୟ ତଥା ଦେଶର ନାମ ରଖନ୍ତୁ ବୋଲି ମାଣିକ ଓ ବଳାଇ ଆଶା ରଖିଛନ୍ତି। ଏମାନେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସଞ୍ଜୟ ଗାନ୍ଧି କଲୋନୀରେ ମାଛ ବେପାର କରି ଗୁଜରାଣ ମେଣ୍ଟାଇଥାନ୍ତି।

## ଆଜିଠୁ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ନଜରରେ ନୀରଜ, ଅନିମେଶ







ଟୋକିଓ, ୧୨।୯ (ଏଜେନ୍ସି): ବିଶ୍ୱ ଦୌଡ଼କୁଦର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପର ୨୦ତମ ସଂସ୍କରଣ ଶନିବାରଠାରୁ ଜାପାନର ରାଜଧାନୀ ଟୋକିଓରେ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା ଇଭେଣ୍ଟରେ ବିଶ୍ୱର ୧୯୮ ଦେଶର ପାଖାପାଖି ୨୨୦୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ମୋଟ୍ ଉପରେ ୪୯ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଏହି ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତର ୧୯ ଜଣିଆ ଆଥ୍‌ଲେଟ୍ ଦଳ ଅଂଶଗ୍ରହଣ କରିବ। ଦୁଇଥରର ଅଲିମ୍ପିକ ପଦକ ବିଜେତା ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ଟୋକିଓ ଗସ୍ତ କରିଥିବା ଭାରତୀୟ ଦଳରେ ୧୪ଜଣ ପୁରୁଷ ଓ ୫ଜଣ ମହିଳା ଆଥଲେଟ୍ ରହିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ୧୫ ଗୋଟି ଇଭେଣ୍ଟରେ ଭାଗନେବେ। ଦୁଇଜଣ ଆଥଲେଟ୍ ଗୁଲ୍‌ବୀର ସିଂହ ଓ ପୂଜା କେବଳ ୨ଟି ଇଭେଣ୍ଟରେ ଟ୍ରାକ୍‌କୁ ଓହ୍ଲାଇବେ। ୨୦୨୩ରେ ବୁଦାପେଷ୍ଟରେ ଅନୁଷ୍ଠିତ ସଂସ୍କରଣରେ ନୀରଜ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତେଣୁ ଏଥର ସେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ପ୍ରବେଶ କରିଛନ୍ତି। ସେହିଭଳି ୨୦୨୧ରେ ଏଠାରେ ଆୟୋଜିତ ଟୋକିଓ ଅଲିମ୍ପିକ୍ସରେ ନୀରଜ ଜାଭେଲିନ ଥ୍ରୋ'ରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏବେ ଚାରି ବର୍ଷ ପରେ ନୀରଜ ସମାନ ଭେନ୍ୟୁରେ ପୁଣିଥରେ ତାଙ୍କ ସ୍ୱର୍ଣ୍ଣିମ ସଫଳତାକୁ ଦୋହରାଇବେ ବୋଲି ଭାରତୀୟ କ୍ରୀଡ଼ାପ୍ରେମୀ ଆଶାବାଦୀ ରହିଛନ୍ତି। ସେହିଭଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ କୁଜୁର ପୁରୁଷ ୨୦୦ ମିଟରରେ ଭାଗନେବେ। ଅନିମେଶଙ୍କ ଇଭେଣ୍ଟ ସେପ୍ଟେମ୍ବର ୧୭ରେ ଆରମ୍ଭ ହେବ। ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ଇତିହାସରେ ଭାରତ ଆଜି ପର୍ଯ୍ୟନ୍ତ ମାତ୍ର ୩ଟି ପଦକ ଜିତିବାରେ ସମର୍ଥ ହୋଇଛି। ୨୦୦୩ରେ ଅଞ୍ଜୁ ବବି ଜର୍ଜ ପ୍ରଥମ ଭାରତୀୟ ଭାବେ ପଦକ (ରୌପ୍ୟ) ବିଜୟୀ ହୋଇଥିଲେ। ଏହାପରେ ୨୦୨୨ରେ ନୀରଜ ରୌପ୍ୟ ଓ ୨୦୨୩ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ମାର୍ଶାଲ ଆର୍ଟରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ



ଭୁବନେଶ୍ୱର,୧୨।୯ (ସମିସ)

ଜାତୀୟସ୍ତରରେ ଅନୁଷ୍ଠିତ ରୋଭିନାମ ମାର୍ଶାଲ ଆର୍ଟ ଚାମ୍ପିଅନସିପ୍‌ରେ ଓଡ଼ିଶା ପୁଲିସ୍‌କୁ ବିଶେଷ ସଫଳତା ମିଳିଛି। ନୂଆଦିଲ୍ଲୀରେ ଆୟୋଜିତ ଏହି କ୍ରୀଡ଼ାରେ ଓଡ଼ିଶା ପୁଲିସ୍‌କୁ ୨ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ମିଳିଛି। ଏମାନେ ଓଡ଼ିଶା ପୁଲିସ୍‌ର ଗୌରବ ବଢ଼ାଇଛନ୍ତି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର କାମନା କରିଛନ୍ତି। ଏମାନଙ୍କ ମଧ୍ୟରୁ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀ ହେଲେ ବର୍ଷା ନାଥ ଓ ବିଶ୍ୱଜିତ ରାଉତ। ଓଆଇଏସ୍‌ଏଫ୍ ଭୁବନେଶ୍ୱରରେ କାର୍ଯ୍ୟକରୁଥିବା ବର୍ଷା ରୋଭିନାମ ମାର୍ଶାଲ ଆର୍ଟ ବିଭାଗରେ ଓ ବିଶ୍ୱଜିତ ୮୧ କେଜିରୁ ଊର୍ଦ୍ଧ୍ୱ ଜାତୀୟ ରୋଭିନାମ୍ ମାର୍ଶାଲ ଆର୍ଟ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେ ମଧ୍ୟ ଅସିଚାଳନାରେ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। କନଷ୍ଟେବଳ ଦିବ୍ୟରଞ୍ଜନ ଦଳାଇ ୯୫ କେଜିରୁ ଉଦ୍ଧ୍ୱର୍ ରୋଭିନାମ ମାର୍ଶାଲ ଆର୍ଟ ସିନିୟର କାଟେଗୋରୀ ଓ କରାଟେର କାଟାରେ ଗୋଟିଏ ଲେଖାଏଁ ରୌପ୍ୟ ପଦକ ହାସଲ କରିଛନ୍ତି।

# ଡେଭିସ୍ କପ୍ : ପ୍ରଥମ ସିଙ୍ଗଲ୍ସରେ ଜିତିଲା ଭାରତ

ନୂଆଦିଲ୍ଲୀ,୧୨।୯ (ଏଜେନ୍ସି): ଯୁବ ଖେଳାଳି ଦକ୍ଷିଣେଶ୍ୱର ସୁରେଶ ତାଙ୍କ ଡେଭିସ୍ କପ୍ ଡେବ୍ୟୁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ସ୍ୱିଜରଲାଣ୍ଡର ବିଏଲଠାରେ ଆଜି ଆରମ୍ଭ ହୋଇଥିବା ବିଶ୍ୱ ଗ୍ରୁପ୍-୧ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣେଶ୍ୱର ସୁରେଶ ୭-୬, ୬-୩ ସେଟ୍‌ରେ ଜେରୋମ କିମ୍‌ଙ୍କୁ ହରାଇଦେଇଛନ୍ତି। ଏହି ମୁକାବିଲା ଆରମ୍ଭରେ ଦକ୍ଷିଣେଶ୍ୱର କିଛିଟା ନର୍ଭସ ହୋଇ ପଏଣ୍ଟ ହରାଇଥିଲେ। ଏପରିକି ସେ ପ୍ରଥମ ଗେମ୍‌ରେ ୦-୪୦ରେ ପଛୁଆ ଥିଲେ ମଧ୍ୟ ପରେ ତାଙ୍କ ଲଙ୍ଗ ଗେମ୍‌ରେ କିମ୍‌କୁ ହରାଇଥିଲେ। ବିଜୟ ଫଳରେ ଭାରତ ଏହି ମୁକାବିଲାରେ ୧-୦ରେ ଆଗୁଆ ରହିଛି। ଦ୍ୱିତୀୟ ସିଙ୍ଗଲ୍ସରେ ସୁମିତ ନାଗଲଙ୍କ ସହ ଆନ୍ଦ୍ରିଆ ହୁଏସଲର ଖେଳିବେ।

**ବେଙ୍ଗାଲୁରୁ ଟେନିସ୍ ଟୁର୍ଣ୍ଣାମେଣ୍ଟ**

# ଆହାନଙ୍କୁ ମହିଳା ବିଭାଗରେ ଦ୍ୱିମୁକୁଟ

ଭୁବନେଶ୍ୱର,୧୨।୯ (ସମିସ): ଓଡ଼ିଶାର ଉଦୀୟମାନ ବାଳିକା ଖେଳାଳି ଆହାନ ବେଙ୍ଗାଲୁରୁରେ ଅନୁଷ୍ଠିତ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିମୁକୁଟ ହାସଲ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ଚମତ୍କାର ଖେଳ ପ୍ରଦର୍ଶନକରି ଉଭୟ ମହିଳା ଏକକ ଓ ଯୁଗଳ ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରଥମଥର ଲାଗି ମହିଳା ବିଭାଗରେ ଆହାନ ଏତେ ବଡ଼ ସଫଳତା ହାସଲ କରିଛନ୍ତି। ଏହା ଫଳରେ ଓଡ଼ିଶାରେ ଏକ ନୂଆ ସଫଳତାର ଧାରା ସେ ଆରମ୍ଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଏକକ ଫାଇନାଲରେ ଆହାନ ୬-୦, ୬-୦ ସିଧାସଳଖ ସେଟ୍‌ରେ କର୍ଣ୍ଣାଟକର ବି. ହୃଦୟେଶୀଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ଜିତିଥିଲେ। ଏହା ପରେ ତାମିଲନାଡୁର ସବିତା ଭୁବନେଶ୍ୱରନଙ୍କୁ ସାଥିକରି ମହିଳା ଯୁଗଳ ବିଭାଗରେ ଗୁଜରାଟ ଯୋଡି ରିୟା ଭୂର୍ଜା ଓ ସୌମ୍ୟା ରୋଣ୍ଡେଙ୍କୁ ୭-୫, ୬-୨ରେ ପରାସ୍ତ କରିଥିଲେ। ଏହି ବାଳିକା ଖେଳାଳିଙ୍କ କୋଚ୍ ସନ୍ତୋଷ ମଲ୍ଲିକ ଓ ମେଣ୍ଟର ଚିନ୍ମୟ ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଇଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ତାଙ୍କୁ ସମସ୍ତ ସହାୟତା କରାଯାଉଛି। କଠିନ ପରିଶ୍ରମର ଯେ ବିକଳ୍ପ ନାହିଁ ତାହା ଆହାନ ପ୍ରମାଣ କରି ଦେଖାଇଛନ୍ତି। ତାଙ୍କ ସଫଳତା ପରେ ଓଡ଼ିଶାର ବାଳିକା ଓ ମହିଳା ଖେଳାଳି ଟେନିସ ଖେଳିବାକୁ ଆଗେଇ ଆସିବେ ବୋଲି ଆଶା କରାଯାଉଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS